# ଜାଣିଲେ ଜିଣିବା

(ସରକାରୀ ଯୋଜନା ସମ୍ବନ୍ଧୀୟ ପୁସ୍ତିକା)

TATA POWER

IEL

TPCDT

NAMM

# ମୁଖବନ୍ଧ

ସମାଜରେ ବସବାସ କରୁଥିବା ଆର୍ଥିକ ତଥା ସାମାଜିକ ଭାବେ ପଛୁଆ ପରିବାର ତଥା ବ୍ୟକ୍ତିବିଶେଷ ମାନଙ୍କୁ ସାହାଯ୍ୟ ଓ ସହଯୋଗ କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାଗୁଡ଼ିକ ମଧ୍ୟରେ କିଛି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅଂଶଧନ ସହଯୋଗରେ ହେଉଥିବା ବେଳେ କିଛି କେବଳ କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କ ନିଜସ୍ୱ ଆର୍ଥିକ ପ୍ରାବଧାନରେ କାର୍ଯ୍ୟକାରୀ ହୋଇଥାଏ । ଯଦି ସମସ୍ତ ସରକାରୀ ଯୋଜନାଗୁଡ଼ିକୁ ଦେଖାଯାଏ ତେବେ ସେଗୁଡ଼ିକ ମାନବ ଜୀବନ ଚକ୍ରର ଅଲଗା ଅଲଗା ସମୟ ପାଇଁ ତିଆରି ହୋଇଥିବା ସ୍ପଷ୍ଟ ହେବ । ଉଦାହରଣ ସ୍ୱରୂପ ମହିଳାଟିଏ ଗର୍ଭବତୀ ହେଲେ, ସେ ସରକାରଙ୍କ 'ମମତା ଯୋଜନା'ର ହିତାଧିକାରୀ ହୋଇଥାଏ । ଜନ୍ମ ପରେ ଓ ଆବଶ୍ୟକତା ହିସାବରେ ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା, ସରକାରୀ ବିଦ୍ୟାଳୟରେ ମାଗଣା ଶିକ୍ଷା, ମଧ୍ୟାହ୍ନ ଭୋଜନ, ସ୍ୱାସ୍ଥ୍ୟ ବୀମା, ଖାଦ୍ୟ ସୁରକ୍ଷା, ବାସସ୍ଥାନ ପାଇଁ ବିଭିନ୍ନ ଆବାସ ଯୋଜନା, ବାର୍ଦ୍ଧକ୍ୟ ଅବସ୍ଥାରେ ଭତ୍ତା ଯୋଜନା ଆଦି ଇତ୍ୟାଦି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ ।

ଏତେସବୁ ଯୋଜନା ଥିଲେ ମଧ୍ୟ ଅନେକ ସମୟରେ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଥିବା କଥା ସାମ୍ନାକୁ ଆସିଥାଏ । ଏହାର ମୁଖ୍ୟ କାରଣ ହେଉଛି ଯୋଜନା ଏବଂ ଏଥିରେ ଥିବା ସୁଯୋଗ ସୁବିଧାଗୁଡ଼ିକ ସମ୍ବନ୍ଧରେ ସାଧାରଣ ଲୋକମାନଙ୍କର ସଚେତନତାର ଅଭାବ । ଯୋଜନା ବିଷୟରେ ଜାଣିନଥିବାରୁ ପ୍ରକୃତ ହିତାଧିକାରୀ ନିଜର ଦାବି ଜାହିର୍ କରିପାରନ୍ତି ନାହିଁ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ସାମାଜିକ ସଙ୍ଗଠନ ତଥା କର୍ପୋରେଟ୍ ସଂସ୍ଥାମାନଙ୍କର ଏକ ଗୁରୁଦାୟିତ୍ୱ ରହିଛି, ଆଉ ତାହା ହେଉଛି ସାଧାରଣ ଜନତା ଓ ପ୍ରକୃତ ହିତାଧିକାରୀଙ୍କ ନିକଟରେ ଯୋଜନା ଓ ସେ ସମ୍ବନ୍ଧୀୟ ସଠିକ୍ ସୂଚନା ପହଞ୍ଚାଇବା ।

ଟାଟା ପାୱାର ଏକ ଦାୟିତ୍ୱ ସଂପନ୍ନ କର୍ପୋରେଟ୍ ସଂସ୍ଥାଭାବେ ନିଜସ୍ୱ ପ୍ରକଳ୍ପ ଛଡ଼ା ସରକାରୀ ଯୋଜନାଗୁଡ଼ିକ ମଧ୍ୟରେ ସାମଞ୍ଜସ୍ୟ ରଖାଯାଇ ସେଗୁଡ଼ିକୁ ସାଧାରଣ ଲୋକଙ୍କ ବିକାଶ ପାଇଁ କିପରି ଏକାଭିମୁଖୀ କରାଯାଇପାରିବ, ସେଥିପ୍ରତି ସର୍ବଦା ଚେଷ୍ଟିତ ଅଛନ୍ତି । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଟାଟା ପାୱାର ସହାୟତାରେ 'ନ୍ୟାସନାଲ ଆସୋସିଏସନ ଅଫ୍ ମ୍ୟାନ ଫର୍ ମ୍ୟାନକାଇଣ୍ଡ' କଳିଙ୍ଗନଗର ଅଞ୍ଚଳରେ ଏକ ପ୍ରକଳ୍ପ କାର୍ଯ୍ୟକାରୀ କରୁଅଛନ୍ତି । ଅନ୍ୟ ଉଦ୍ଦେଶ୍ୟମାନଙ୍କ ମଧ୍ୟରେ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକୁ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଏହି ପ୍ରକଳ୍ପର ଏକ ଅନ୍ୟତମ ଲକ୍ଷ୍ୟ ରହିଛି । ଏହି ଲକ୍ଷ୍ୟ ସାଧନ ପାଇଁ 'ନ୍ୟାସନାଲ ଆସୋସିଏସନ ଅଫ୍ ମ୍ୟାନ ଫର୍ ମ୍ୟାନକାଇଣ୍ଡ' ତରଫରୁ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକୁ ନେଇ ଏହି ପୁସ୍ତିକାଟି ପ୍ରସ୍ତୁତ କରାଯାଇଛି । ଆଶା ଏହା ସାଧାରଣ ଲୋକମାନଙ୍କୁ ସରକାରୀ ଯୋଜନା ସମ୍ବନ୍ଧରେ ସୂଚନା ଦେବା ସହ ସେଗୁଡ଼ିକର କାର୍ଯ୍ୟକାରୀତାରେ ସହାୟକ ହେବ ।

**ଦିଲ୍ଲୀପ ସାହୁ**
**ଗ୍ରୁପ୍-ହେଡ୍-ସିଆର୍**
**ଟାଟା ପାୱାର**

# ବାର୍ତ୍ତା

କଥାରେ ଅଛି ଜାଣିଲେ ଜିଣିବା । ଏହି ବିଷୟଟି ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ ପାଇଁ ମଧ୍ୟ ପ୍ରଯୁଜ୍ୟ । ଅର୍ଥାତ୍, ଯଦି ସରକାରୀ ଯୋଜନାଗୁଡ଼ିକ ସମ୍ବନ୍ଧରେ ହିତାଧିକାରୀମାନେ ପ୍ରକୃତ ତଥ୍ୟ ଜାଣିବେ, ତେବେ ସେଗୁଡ଼ିକୁ ପାଇବା ତଥା ଉପଯୋଗ କରିବା ସହଜ ହେବ ଏବଂ ତାଦ୍ୱାରା ଜୀବନଧାରଣର ମାନରେ ପରିବର୍ତ୍ତନ ଆସିପାରିବ । ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଜନସାଧାରଣଙ୍କ ଜୀବନ ଧାରଣର ମାନ ବଢ଼ାଇବା ପାଇଁ ଅନେକଗୁଡ଼ିଏ ଯୋଜନା କରୁଥିଲେ ମଧ୍ୟ ସ୍ଥଳବିଶେଷରେ ସେଗୁଡ଼ିକର କାର୍ଯ୍ୟକାରିତା ନେଇ ଅନେକ ପ୍ରଶ୍ନ ଉଠିଥାଏ । କାର୍ଯ୍ୟକାରିତାରେ ଦେଖାଯାଉଥିବା ସମସ୍ୟାଗୁଡ଼ିକର ବହୁବିଧ କାରଣ ଥିଲେ ମଧ୍ୟ ପ୍ରମୁଖ କାରଣଟି ହେଉଛି ଯୋଜନା ସମ୍ବନ୍ଧୀୟ ସଠିକ୍ ସୂଚନାର ଅଭାବ । ଏହି ସୂଚନାର ଅଭାବ ଫଳରେ ଅନେକ ସମୟରେ ସମାଜର ଶେଷଧାଡ଼ିରେ ରହୁଥିବା ବ୍ୟକ୍ତି ଓ ପରିବାରମାନଙ୍କ ନିକଟରେ ଯୋଜନାଗୁଡ଼ିକ ଅପହଞ୍ଚ ପାଲଟି ଯାଉଛି ।

ସରକାରୀ ଯୋଜନାଗୁଡ଼ିକ ଉପରେ ସଠିକ୍ ସୂଚନା ପ୍ରଦାନ ଓ ସେଗୁଡ଼ିକର ସଠିକ୍ ରୂପାୟନ କରାଯିବାର ଆବଶ୍ୟକତା ରହିଛି । National Association of Man for Mankind (NAMM) ନିଜର କାର୍ଯ୍ୟ ପରିସରରେ ସଦାସର୍ବଦା ଏହି ବିଷୟଟି ଉପରେ ଗୁରୁତ୍ୱ ଦେଇଆସିଛି । ସ୍ୱାସ୍ଥ୍ୟ, ପୁଷ୍ଟି, ଖାଦ୍ୟ, ଜୀବିକା ସୁରକ୍ଷା ଆଦି ବିଭିନ୍ନ ସାମାଜିକ ଓ ଆର୍ଥିକ ଯୋଜନାଗୁଡ଼ିକ କିପରି ଭଲଭାବରେ ଚାଲିପାରିବ ତଥା ଅଧିକରୁ ଅଧିକ ଲୋକ କିପରି ଏହାର ଫାଇଦା ନେଇ ପାରିବେ, ସେଥିପ୍ରତି ଆମେ ଅନୁଷ୍ଠାନ ତରଫରୁ ସର୍ବଦା ଯତ୍ନଶୀଳ ଅଛୁ ।

ଏହି ପରିପ୍ରେକ୍ଷୀରେ Tata Power Community Development Trust (TPCDT) ତରଫରୁ ପରିଚାଳିତ ପ୍ରକଳ୍ପରେ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ଅର୍ଥରେ, ଭିନ୍ନ ଭିନ୍ନ ସରକାରୀ ଯୋଜନାଗୁଡ଼ିକର ଉଦ୍ଦେଶ୍ୟ, ସେଗୁଡ଼ିକୁ ପାଇବାର ପ୍ରକ୍ରିୟାଗୁଡ଼ିକୁ ଏକାସଙ୍ଗେ ଏହି ପୁସ୍ତିକା ମାଧ୍ୟମରେ ପ୍ରକାଶ କରୁଛୁ । ଆଶା ଓ ବିଶ୍ୱାସ ସାଧାରଣ ଲୋକଙ୍କର ଯୋଜନା ସମ୍ବନ୍ଧୀୟ ଧାରଣା ବୃଦ୍ଧିରେ ଏହା ସହାୟକ ହେବ । ସାଧାରଣ ଲୋକେ ଯୋଜନା ସମ୍ବନ୍ଧରେ ଜାଣିବେ ଓ ଜିଣିବେ ।

ବିନୟ କୁମାର ସାହୁ
Director - NAMM

# ସୂଚୀପତ୍ର


| କ୍ର. ନଂ | ବିଷୟ | ପୃଷ୍ଠା |
|---|---|---|
| ୧. | ସାମାଜିକ ନିରାପତ୍ତା ଯୋଜନା କ'ଣ ? | ୦୫ |
| ୨. | ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ (ସାଧାରଣ ବଣ୍ଟନ ବ୍ୟବସ୍ଥା) | ୦୬ |
| ୩. | ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା | ୧୨ |
| ୪. | ଅନ୍ତ୍ୟୋଦୟ ଅନ୍ନ ଯୋଜନା | ୧୪ |
| ୫. | ଅନ୍ନପୂର୍ଣ୍ଣା ଯୋଜନା | ୧୬ |
| ୬. | ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା | ୧୭ |
| ୭. | ମଧାହ୍ନ ଭୋଜନ ଯୋଜନା | ୩୪ |
| ୮. | ଜାତୀୟ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା ଯୋଜନା | ୩୬ |
| ୯. | ମଧୁବାବୁ ପେନ୍‌ସନ୍ ଯୋଜନା (ଏମ୍.ବି.ପି.ୱାଇ) | ୩୭ |
| ୧୦. | ଅଟଳ ପେନ୍‌ସନ୍ ଯୋଜନା | ୩୮ |
| ୧୧. | ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା | ୪୧ |
| ୧୨. | ପ୍ରଧାନମନ୍ତ୍ରୀ ଆବାସ ଯୋଜନା | ୪୨ |
| ୧୩. | ବିଜୁ ପକ୍କାଘର ଯୋଜନା | ୪୩ |
| ୧୪. | ସ୍ୱଚ୍ଛ ଭାରତ ମିଶନ ଓ ବ୍ୟକ୍ତିଗତ ପରିବାର ଶୌଚାଳୟ | ୪୫ |
| ୧୫. | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | ୪୬ |
| ୧୬. | ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା | ୪୮ |
| ୧୭. | ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା | ୫୦ |
| ୧୮. | ଜନନୀ ସୁରକ୍ଷା ଯୋଜନା (ଜେ.ଏସ୍.ୱାଇ) | ୫୪ |
| ୧୯. | ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ | ୫୬ |
| ୨୦. | ଜାତୀୟ ପରିବାର ମଙ୍ଗଳ ଯୋଜନା | ୫୮ |
| ୨୧. | ମମତା ଯୋଜନା | ୫୯ |
| ୨୨. | ସବଳା ଯୋଜନା | ୬୦ |
| ୨୩. | ସୁକନ୍ୟା ସମୃଦ୍ଧି ଯୋଜନା | ୬୪ |
| ୨୪ | **ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା** | ୬୫ |
| ୨୫ | **ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା** | ୬୬ |
| ୨୬ | **ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା** | ୬୭ |
| ୨୭ | **କାଳିଆ ଯୋଜନ** | ୬୮ |
| ୨୮ | **ପ୍ରାକ୍ – ମାଟ୍ରିକ ଛାତ୍ର ବୃତ୍ତି ଯୋଜନା** | ୭୦ |
| ୨୯ | ମାଟ୍ରିକ-ପର ଛାତ୍ରବୃତ୍ତି ଯୋଜନା | ୭୪ |
| ୩୦ | **ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ଇ.ବି.ସି)ଛାତ୍ରଛାତ୍ରୀମାନଙ୍କ ମାଟ୍ରିକ ପରବର୍ତ୍ତୀ ଶିକ୍ଷା ନିମନ୍ତେ ଡ଼. ଆମ୍ବେଦକର ଛାତ୍ରବୃତ୍ତି** | ୭୬ |

# ସାମାଜିକ ନିରାପତ୍ତା ଯୋଜନା କ'ଣ ?

- ଭାରତୀୟ ସମ୍ବିଧାନ ଧାରା-୪୧ – ରାଷ୍ଟ୍ର ଏହାର ଅର୍ଥନୈତିକ, ସାମର୍ଥ୍ୟ ମଧ୍ୟରେ, ବେକାରୀ, ବୃଦ୍ଧାବସ୍ଥା, ରୋଗାବସ୍ଥା ଏବଂ ଅସମର୍ଥତା ଏବଂ ଅନାବଶ୍ୟକ ଆବଶ୍ୟକତା କ୍ଷେତ୍ରରେ, କାର୍ଯ୍ୟ କରିବା, ଶିକ୍ଷା ପାଇବା ଏବଂ ସର୍ବସାଧାରଣଙ୍କ ସହାୟତା ପାଇବା ନିମନ୍ତେ, ଉପଯୁକ୍ତ ବ୍ୟବସ୍ଥା କରିବେ ।
- ୧୯୯୫ ମସିହାରେ ନିଃସହାୟଙ୍କ ପାଇଁ ଆରମ୍ଭ କରାଗଲା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ । ନିଃସହାୟ ଅର୍ଥ ଜଣେ ବ୍ୟକ୍ତି ଯାହାର କୌଣସି ନିୟମିତ ଆୟର ଉତ୍ସ ନାହିଁ କିମ୍ବା ପରିବାର ବା ଅନ୍ୟକୌଣସି ଉତ୍ସରୁ ମଧ୍ୟ ସହାୟତା ପାଇବାର କୌଣସି ସମ୍ଭାବନା ନାହିଁ ।  ଏହି କାର୍ଯ୍ୟକ୍ରମରେ ପ୍ରଥମ କରି ତିନିଗୋଟି ଯୋଜନା ଯଥା- ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା, ଜାତୀୟ ପରିବାର ମଙ୍ଗଳ ଯୋଜନା ଏବଂ ଜାତୀୟ ମାତୃ ମଙ୍ଗଳ ଯୋଜନାକୁ ସାମିଲ କରାଗଲା ।
- ୨୦୦୦ ମସିହାରେ ଆରମ୍ଭ କରାଗଲା ଅର୍ନ୍ନପୂର୍ଣ୍ଣା ଯୋଜନା । ଯେଉଁମାନେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ ହୋଇନଥିଲେ ସେମାନଙ୍କ ପାଇଁ ଏହି ଯୋଜନାରେ ମାସକୁ ୧୦କି.ଗ୍ରା. ଚାଉଳ ମାଗଣାରେ ଦେବା ପାଇଁ ବ୍ୟବସ୍ଥା କରାଗଲା ।
- ୨୦୦୧ ମସିହାରେ ଜାତୀୟ ମାତୃମଙ୍ଗଳ ଯୋଜନାକୁ ପରିବାର ମଙ୍ଗଳ ବିଭାଗକୁ ହସ୍ତାନ୍ତର କରାଗଲା ।
- ୨୦୦୬ ମସିହାରେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତାର ପରିମାଣ ୭୫ଟଙ୍କାରୁ ୨୦୦ଟଙ୍କା ବୃଦ୍ଧି କରାଗଲା ।
- ୨୦୦୭ ମସିହାରେ ଜାତୀୟ ସାମାଜିକ ସହାୟତା ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ସମସ୍ତ ପରିବାରକୁ ପ୍ରଦାନ କରାଗଲା ଏବଂ ଜାତୀୟ ବାର୍ଦ୍ଧକ୍ୟ ଭତ୍ତାକୁ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ନାମରେ ନାମିତ କରାଗଲା ।
- ୨୦୦୯ ମସିହାରେ ଏହାକୁ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା, ଭିନ୍ନକ୍ଷମ ଭତ୍ତାକୁ ସଂପ୍ରସାରଣ କରାଗଲା ।
- ୨୦୧୧ ମସିହାରେ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତାର ବୟସସୀମା ୬୫ ରୁ ୬୦ବର୍ଷକୁ କମାଇ ଦିଆଗଲା ଏବଂ ୮୦ବର୍ଷ ପୂରଣ ପରେ ଭତ୍ତାର ପରିମାଣ ୫୦୦ଟଙ୍କାକୁ ବୃଦ୍ଧି କରାଗଲା । ବିଧବା ଓ ଭିନ୍ନକ୍ଷମଙ୍କ ବୟସସୀମା ଯଥାକ୍ରମେ ୪୦-୫୯ ଏବଂ ୧୮-୫୯ ଧାର୍ଯ୍ୟ କରାଗଲା ।
- ୨୦୧୨ ମସିହାରେ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା, ଭିନ୍ନକ୍ଷମ ଭତ୍ତାର ପରିମାଣ ୨୦୦ଟଙ୍କାରୁ ୩୦୦ଟଙ୍କାକୁ ବୃଦ୍ଧି କରାଗଲା ଏବଂ ବିଧବା ଓ ଭିନ୍ନକ୍ଷମଙ୍କ ବୟସସୀମା ଯଥାକ୍ରମେ ୪୦-୭୯ ଏବଂ ୧୮-୭୯ ଧାର୍ଯ୍ୟ କରାଗଲା ।
- ୨୦୧୩ ମସିହାରେ ସାମାଜିକ ନିରାପତ୍ତା ଯୋଜନାକୁ ହକ୍‌ରେ ପରିଣତ କରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ପ୍ରଣୟନ କରାଗଲା । ସେଥିରେ ମୁଖ୍ୟତଃ ଚାରିଗୋଟି ଯୋଜନା ଯଥା-ସାଧାରଣ ବଣ୍ଟନ ବ୍ୟବସ୍ଥା, ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା, ମାତୃତ୍ୱ ସହାୟତା ଯୋଜନା ଓ ମଧ୍ୟାହ୍ନ ଭୋଜନ ଯୋଜନାକୁ ସାମିଲ କରାଗଲା ।
- ୨୦୧୪ରେ ଏନ୍.ଡ଼ି.ଏ. ସରକାର ଆସିଲାପରେ ସାମାଜିକ ନିରାପତ୍ତା ଯୋଜନାକୁ ଆହୁରି ବ୍ୟାପକ କରାଯାଇ ବିଭିନ୍ନ କ୍ଷେତ୍ରକୁ ସଂପ୍ରସାରିତ କରାଗଲା ।
- ୨୦୧୯ରେ ଓଡ଼ିଶା ସରକାର ସମସ୍ତ ପ୍ରକାର ସାମାଜିକ ଭତ୍ତାର ପରିମାଣ ୩୦୦ଟଙ୍କାରୁ ୫୦୦ଟଙ୍କା ଏବଂ ୮୦ବର୍ଷ ପୂରଣ ହେବା ପରେ ଭତ୍ତାର ପରିମାଣ ୫୦୦ଟଙ୍କାରୁ ୭୦୦ଟଙ୍କାକୁ ବୃଦ୍ଧି କରିଛନ୍ତି ।

# ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩
# ସାଧାରଣ ବଣ୍ଟନ ବ୍ୟବସ୍ଥା

### ଯୋଜନାର ପୃଷ୍ଠଭୂମି

ସ୍ୱାଧୀନତା ପୂର୍ବରୁ ସାଧାରଣ ବଣ୍ଟନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲାବେଳେ ୧୯୯୭ ମସିହାରୁ ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ଆସୁଥିଲା । ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୦୮ ମସିହା ଅଗଷ୍ଟ ମାସ ୧ ତାରିଖ ଠାରୁ କି.ଗ୍ରା. ପ୍ରତି ୨ଟଙ୍କା ଦରରେ ଚାଉଳ ଯୋଗାଇ ଦିଆଯାଉଥିବା ସମସ୍ତ ହିତାଧିକାରୀମାନଙ୍କ ପାଇଁ ୨୦୧୩ ମସିହା ଫେବୃଆରୀ ମାସ ୧ ତାରିଖ ଠାରୁ କି.ଗ୍ରା. ପ୍ରତି ୧ଟଙ୍କା ଦରରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଚାଉଳ ଯୋଗାଇ ଦିଆଗଲା । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ୨୦୧୩ରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଏକ ପ୍ରମୁଖ ପ୍ରସଙ୍ଗ ହେଲା । ଏହି ଆଇନ ଆମ ଓଡ଼ିଶାରେ ୨ଅକ୍ଟୋବର ୨୦୧୫ଠାରୁ କାର୍ଯ୍ୟକାରୀ ହୋଇଥିଲାବେଳେ, ଏହି ଆଇନ ଅଧିନରେ ସାଧାରଣ ବଣ୍ଟନବ୍ୟବସ୍ଥାର ଅତ୍ୟାବଶ୍ୟକ ସାମଗ୍ରୀ ୨୦୧୫ ମସିହା ନଭେମ୍ବର ମାସ ଠାରୁ ବଣ୍ଟନ କରାଯାଉଛି ।

### ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ମାନବ ଜୀବନ ଚକ୍ର ପାଇଁ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ପ୍ରଦାନ କରିବା, ଲୋକମାନଙ୍କୁ ମର୍ଯ୍ୟାଦାର ସହ ଜୀବନ ଯାପନ କରିବା ପାଇଁ ବ୍ୟୟ କରିପାରିବା ଭଳି ମୂଲ୍ୟରେ ପର୍ଯ୍ୟାପ୍ତ ପରିମାଣର ଗୁଣମାନଯୁକ୍ତ ଖାଦ୍ୟ ପାଇପାରିବାକୁ ସୁନିଶ୍ଚିତ କରିବା ।

### ଯୋଗ୍ୟ ହିତାଧିକାରୀ

ଓଡ଼ିଶାରେ ଏହି ଆଇନ ଅଧିନରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ଦୁଇ ପ୍ରକାର ହିତାଧିକାରୀଙ୍କୁ ସ୍ୱୀକୃତି ମିଳିଛି । ପ୍ରଥମଟି ହେଉଛି ଅଗ୍ରାଧିକାର ପରିବାର (ପି.ଏଚ୍.ଏଚ୍.) ଓ ଦ୍ୱିତୀୟଟି ହେଉଛି ଅନ୍ତ୍ୟୋଦୟ ପରିବାର (ଏଏୱାଇ) ।

### ପାଇବାର ପଦ୍ଧତି

ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମ ପୂରଣ ଓ ଭୋଟର ପରିଚୟପତ୍ର ଏବଂ ଆଧାର କାର୍ଡ଼ ସଂଯୋଗ କରି, ଗ୍ରାମପଞ୍ଚାୟତରେ ଆବେଦନ କରିବାକୁ ହେବ ।

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଅନ୍ତର୍ଗତ ସାଧାରଣ ବଣ୍ଟନବ୍ୟବସ୍ଥା ଅଧିନରେ ହିତାଧିକାରୀଙ୍କ ଅଧିକାର:

| ହିତାଧିକାରୀ | ଏକକ | ହକ୍ | କେନ୍ଦ୍ର ସରକାରଙ୍କ ଦର | ରାଜ୍ୟ ସରକାରଙ୍କ ଦର |
|---|---|---|---|---|
| ଅଗ୍ରାଧିକାର ପରିବାର (ପିଏଚ୍ଏଚ୍) | ବ୍ୟକ୍ତିଗତ | ମୁଣ୍ଡ ପିଛା ୫ କି.ଗ୍ରା ଖାଦ୍ୟଶସ୍ୟ (ଚାଉଳ, ଗହମ କିମ୍ବା ଉଭୟ) | ଚାଉଳ-୩ଟଙ୍କା ଗହମ-୨ଟଙ୍କା | ଚାଉଳ-୧ଟଙ୍କା ଗହମ-୧ଟଙ୍କା |
| ଅନ୍ତ୍ୟୋଦୟ ପରିବାର(ଏଏୱାଇ) | ପରିବାର | ପରିବାର ପିଛା ୫ କି.ଗ୍ରା ଖାଦ୍ୟଶସ୍ୟ (ଚାଉଳ, ଗହମ କିମ୍ବା ଉଭୟ) | ଚାଉଳ-୩ଟଙ୍କା ଗହମ-୨ଟଙ୍କା | ଚାଉଳ-୧ଟଙ୍କା ଗହମ-୧ଟଙ୍କା |

**ଅଭିଯୋଗ ଶୁଣାଣି କିପରି କାର୍ଯ୍ୟକାରୀ ହେଉଛି**

| | |
|---|---|
| **ରାଜ୍ୟ ଖାଦ୍ୟ କମିଶନ୍** | ଏହି ଆଇନ ତଦାରଖ ଓ ମୂଲ୍ୟାୟନ; ଏହି ଆଇନର ପ୍ରଭାବ ଉପରେ ରାଜ୍ୟ ସରକାରଙ୍କୁ ପରାମର୍ଶ; ସ୍ୱେଚ୍ଛାକୃତ ଭାବେ କିମ୍ବା ଅଭିଯୋଗ ପାଇବା ପରେ ହକ୍‌ର ଉଲ୍ଲଙ୍ଘନକୁ ଯାଞ୍ଚ; ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀଙ୍କ ନିର୍ଦ୍ଦେଶନାମା ବିରୋଧରେ ହୋଇଥିବା ଅପିଲ୍‌ର ଶୁଣାଣି; ଏପରି କୌଣସି ମାମଲାକୁ ଯାଞ୍ଚ କରିଲାବେଳେ, କମିଶନ ନିକଟରେ ସିଭିଲ ନ୍ୟାୟାଳୟର ସମସ୍ତ କ୍ଷମତା ରହିବ, ସିଭିଲ ପ୍ରକ୍ରିୟା ସଂହିତା ୧୯୦୮ ଅଧିନରେ ବିଚାର କରିବେ। |
| **ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ** | ଜନ ସାଧାରଣ ସେମାନଙ୍କ ଅଧିକାରଭୁକ୍ତ ଖାଦ୍ୟଶସ୍ୟ ବା ରନ୍ଧା ଖାଦ୍ୟ ପାଇବା କ୍ଷେତ୍ରରେ କୌଣସି ଅଭିଯୋଗ ଥିଲେ ତାହାର ତୁରନ୍ତ ଶୁଣାଣି ଏବଂ ପ୍ରତିକାର ପାଇଁ ଜିଲ୍ଲାସ୍ତରରେ "ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ" ରହିଛନ୍ତି। ଏହି ଅଧିକାରୀମାନେ ନିର୍ଦ୍ଧାରିତ ପରିମାଣରେ ଖାଦ୍ୟଶସ୍ୟ ବା ରନ୍ଧା ଖାଦ୍ୟ ବଣ୍ଟନ କରାନଗଲେ କିମ୍ବା ବଣ୍ଟନ କରାଯିବାରେ ଥିବା ଅନିୟମିତତା ସଂପର୍କରେ ଥିବା ଅଭିଯୋଗର ଶୁଣାଣି କରିବେ ଏବଂ ଏହି ଅଭିଯୋଗଗୁଡ଼ିକର ନିରାକରଣ ସକାଶେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।<br><br>ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀଙ୍କ ନିଷ୍ପତ୍ତିରେ ଉଭୟ ଅଭିଯୋଗକାରୀ ଏବଂ ଅଭିଯୁକ୍ତଙ୍କ ମଧ୍ୟରୁ କେହି ସନ୍ତୁଷ୍ଟ ନହେଲେ ରାଜ୍ୟ ଖାଦ୍ୟ କମିଶନଙ୍କ ନିକଟରେ ଏହି ନିଷ୍ପତ୍ତି ବିରୋଧରେ ଅପିଲ କରିପାରିବେ। |
| **ଆର୍ଥିକ ଦଣ୍ଡ** | ରାଜ୍ୟ ଖାଦ୍ୟ କମିଶନଙ୍କର ଆର୍ଥିକ ଦଣ୍ଡ ଲଗାଇବାର ଅଧିକାର ରହିଛି। ଦାୟିତ୍ୱବାନ୍ ଅଧିକାରୀ/ବ୍ୟକ୍ତି ଦୋଷୀ ବୋଲି ସାବ୍ୟସ୍ତ ହେଲେ କମିଶନ ୫୦୦୦/- ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ଲଗାଇ ପାରିବେ। |

| | |
|---|---|
| ଖାଦ୍ୟ ସୁରକ୍ଷା ଭତ୍ତା (କ୍ଷତିପୂରଣ) | ଯଦି ହିତାଧିକାରୀମାନଙ୍କୁ ସେମାନଙ୍କର ହକ୍ ଅନୁଯାୟୀ ଖାଦ୍ୟଶସ୍ୟ କିମ୍ବା ଭୋଜନ ଯୋଗାଇ ନପାରିବେ, ତେବେ ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ଖାଦ୍ୟ ସୁରକ୍ଷା ଭତ୍ତା (କ୍ଷତିପୂରଣ) ଦେବାକୁ ବାଧ୍ୟ ହେବେ। ରାଜ୍ୟ ସରକାର କେତେ ସମୟ ମଧ୍ୟରେ କେତେ ପରିମାଣ ଓ କିପରି ଭାବରେ ଏହି ଭତ୍ତା ଦେବେ ତାହା କେନ୍ଦ୍ର ସରକାର ନିର୍ଦ୍ଧାରଣ କରିବେ। |
| ଆଭ୍ୟନ୍ତରୀଣ ଅଭିଯୋଗ ଶୁଣାଣି ବ୍ୟବସ୍ଥା | ଅଭିଯୋଗର ପ୍ରତିକାର ଓ ତଦାରଖ ପାଇଁ ରାଜ୍ୟ ସରକାର କଲ୍ ସେଣ୍ଟର, ହେଲ୍ପ ଲାଇନ୍, ଆଭ୍ୟନ୍ତରୀଣ ଅଭିଯୋଗ ଶୁଣାଣି ପାଇଁ ନୋଡ଼ାଲ ଅଫିସର ନିଯୁକ୍ତି ବା ଆବଶ୍ୟକୀୟ ଅନ୍ୟାନ୍ୟ ବ୍ୟବସ୍ଥାମାନ କରିବେ। |

PDS, Advisory Committee

**ଓଡ଼ିଶା ସରକାର**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ**

**No. EC-C-୩୭/୧୧ ୧୫/୩୨ / FS & CW. Dated ୩.୯.୧୧**

---

## ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି

ଯେହେତୁ ଅଧିକାଂଶ ଗ୍ରାମପଞ୍ଚାୟତଗୁଡ଼ିକ ଖୁଚୁରା ବ୍ୟବସାୟୀ (ଡ଼ିଲର) ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି, ଖୁଚୁରା ବ୍ୟବସାୟୀସ୍ତରୀୟ ପରାମର୍ଶଦାତା କମିଟିକୁ ବର୍ତ୍ତମାନ ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ରୂପେ ଗ୍ରାମାଞ୍ଚଳରେ ବିବେଚନା କରାଯିବ।

**୧. ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ଗଠନ**

ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟିରେ ନିମ୍ନଲିଖିତ ସଦସ୍ୟ/ସଦସ୍ୟା ରହିବେ।

କ. ସଂପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ : ଅଧ୍ୟକ୍ଷ

ଖ. ସଂପୃକ୍ତ ଗ୍ରାମପଞ୍ଚାୟତର ସମିତି ସଭ୍ୟ।

ଗ. ଗ୍ରାମପଞ୍ଚାୟତର ସମସ୍ତ ୱାର୍ଡ଼ ମେମ୍ବର।

ଘ. ଗ୍ରାମପଞ୍ଚାୟତର ଖାଉଟିଙ୍କ ମଧ୍ୟରୁ ଚାରି ଜଣ ସାକ୍ଷର ସଦସ୍ୟ/ସଦସ୍ୟା ଅତିକମ୍‌ରେ ଜଣେ ମହିଳା ଏବଂ ଜଣେ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତିରୁ (ଗ୍ରାମପଞ୍ଚାୟତ ଦ୍ୱାରା ମନୋନୀତ)।

ଙ. ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ମନୋନୀତ ଏକ ଅଗ୍ରଣୀ ସ୍ୱୟଂ ସହାୟିକା ଦଳ।

ଚ) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ପ୍ରତିନିଧି (ଯେଉଁ ମହିଳା ସ୍ୱୟଂ ସହାୟିକା ଦଳ ସାଧାରଣ ବଣ୍ଟନ ବ୍ୟବସ୍ଥା ପରିଚାଳନା ପାଇଁ ଲାଇସେନସ୍ ପ୍ରାପ୍ତ ହୋଇଥିବେ ସେ ସ୍ୱୟଂ ସହାୟିକା ଦଳକୁ ଛାଡ଼ି ଅନ୍ୟ ସ୍ୱୟଂ ସହାୟିକା ଦଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ମନୋନୀତ)।

ଛ)ଖାଉଟି ସଙ୍ଗଠନର ଜଣେ ପ୍ରତିନିଧି/ଗ୍ରାମପଞ୍ଚାୟତରେ ଖାଉଟି ସୁରକ୍ଷା ଉପରେ କାର୍ଯ୍ୟରତ ଗୋଟିଏ ସ୍ୱେଚ୍ଛାସେବୀ ସଂଗଠନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ମନୋନୀତ ହେବେ ।

ଜ) ସଂପୃକ୍ତ ବିଧାୟକଙ୍କର ଜଣେ ପ୍ରତିନିଧି ।

ଝ) ପ୍ରତ୍ୟେକ ସୁଲଭ ମୂଲ୍ୟ ଦୋକାନ ଅଞ୍ଚଳରୁ ଜଣେ ଜଣେ ଖାଉଟି ମାନ୍ୟବର ବିଧାୟକଙ୍କ ଦ୍ୱାରା ମନୋନୀତ ।

ଟ) ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ : ସଦସ୍ୟ ଆବାହକ

୨. ତେଣୁ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ କେବଳ ଗୋଟିଏ ମାତ୍ର ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ରହିବ। ଗ୍ରାମପଞ୍ଚାୟତ ପରିସରରେ ଥିବା ସମସ୍ତ ସୁଲଭ ମୂଲ୍ୟ ଦୋକାନ ସମେତ ଲାଇସେନସ୍ ପ୍ରାପ୍ତ ହାଟ ବିକ୍ରି, ଯଦି ଥାଏ ତାହାକୁ ମଧ୍ୟ ପର୍ଯ୍ୟବେକ୍ଷଣ କରିବ ।

୩. ଗ୍ରାମାଞ୍ଚଳରେ, ଗ୍ରାମପଞ୍ଚାୟତର ମୁଖ୍ୟ କାର୍ଯ୍ୟାଳୟ ଅବସ୍ଥିତ ଥିବା ଗ୍ରାମକୁ ଛାଡ଼ି ଅନ୍ୟ ଗ୍ରାମରେ ସୁଲଭ ମୂଲ୍ୟ ଦୋକାନ ଥିଲେ, ସେସବୁ ସୁଲଭ ମୂଲ୍ୟ ଦୋକାନର ଫଳପ୍ରଦ ପର୍ଯ୍ୟବେକ୍ଷଣ ପାଇଁ ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ପୃଥକ ଉପ-କମିଟି ଗଠନ କରିପାରିବେ । ସୁଲଭ ମୂଲ୍ୟ ଦୋକାନ ଥିବା ଅଞ୍ଚଳର ୱାର୍ଡ଼ ମେମ୍ବର ଉପ-କମିଟିର ସଭାପତି ଓ ଆବାହକ ଭାବେ କାର୍ଯ୍ୟ କରିବେ । ସମସ୍ତ ମନୋନୀତ ଖାଉଟି ସଦସ୍ୟ/ସଦସ୍ୟା ୬ ନଂ ପାରାର କ୍ର.ନଂ. ଘ), ଙ), ଓ ଚ) ଉପ-କିମିଟିର ସଦସ୍ୟ/ସଦସ୍ୟା ରହିବେ । ଉପ-କମିଟି ମାସରେ ଥରେ ବୈଠକରେ ମିଳିତ ହେବ ଏବଂ ସୁଲଭ ମୂଲ୍ୟ ଦୋକାନର କାର୍ଯ୍ୟରେ କୌଣସି ଅନିୟମିତତା ଥିଲେ ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟିକୁ ରିପୋର୍ଟ କରିବ ।

୪. ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ସ୍ଥାୟୀ କମିଟି ହେବ ଏବଂ କମିଟିର ପଦ ପ୍ରଯୁକ୍ତ ସଦସ୍ୟ କମିଟିର ସଦସ୍ୟ ରୂପେ ସେପର୍ଯ୍ୟନ୍ତ ବଳବତ୍ତର ରହିବେ ଯେପର୍ଯ୍ୟନ୍ତ କାର୍ଯ୍ୟାଳୟରେ ନିଜ ପଦବୀରେ ରହିଥିବେ । କମିଟିରେ ଯଦି କୌଣସି ସଭ୍ୟପଦ ଖାଲି ଥାଏ, ତେବେ ବି କମିଟି ତାହାର କାର୍ଯ୍ୟ ସମ୍ପାଦନ କରି ଚାଲିବ ।

୫. ଉପର ପ୍ରଦତ୍ତ ପାରା ୬ ଓ ୭ରେ ଉଲ୍ଲେଖ କରାଯାଇଥିବା ମନୋନୀତ ସଦସ୍ୟମାନଙ୍କର କାର୍ଯ୍ୟକାଳ ଦୁଇଟି ଆର୍ଥିକ ବର୍ଷ ହେବ, ଆର୍ଥିକ ବର୍ଷ ଶେଷ ହେବ ୩୧ ମାର୍ଚ୍ଚ । ଯଦି ମନୋନୀତ ପ୍ରାର୍ଥୀ ଓହରି ଯାଆନ୍ତି କିମ୍ବା କର୍ତ୍ତୃପକ୍ଷ ନାମାଙ୍କନ ପତ୍ର ପ୍ରତ୍ୟାହାର କରନ୍ତି, ତେବେ ମନୋନୀତ ପ୍ରାର୍ଥୀଙ୍କ ସଭ୍ୟପଦ ଶେଷ ହେବ ।

୬. ଗ୍ରାମାଞ୍ଚଳ ପାଇଁ ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ଗଠନ ନିମନ୍ତେ ଯଥାକ୍ରମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅର୍ଡ଼ର ପ୍ରଦାନ କରିବେ ।

୭. ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟିର କାର୍ଯ୍ୟ ନିମ୍ନରେ ପ୍ରଦତ୍ତ:

କ. ସୁଲଭ ମୂଲ୍ୟ ଦୋକାନକୁ ଆବଣ୍ଟିତ ଅତ୍ୟାବଶ୍ୟକ ସାମଗ୍ରୀ ଡ଼ିଲରଙ୍କ ଦ୍ୱାରା ଉଠାଣ, ତାହାକୁ ସୁଲଭ ମୂଲ୍ୟ କେନ୍ଦ୍ରକୁ ପ୍ରକୃତରେ ଅଣାଯାଇଛି, କୌଣସି ଅଂଶ ଫେରିଯାଇ ନାହିଁ କିମ୍ବା କୌଣସି ଅନ୍ୟ ଉଦ୍ଦେଶ୍ୟରେ ଅନ୍ୟତ୍ର ପଠାଯାଇନାହିଁ କିମ୍ବା ବିଭାଗୀୟ ଷ୍ଟୋରେଜ୍ ଏଜେଣ୍ଟଙ୍କ ଅଧିନରେ ସୁଲଭ ମୂଲ୍ୟ ଦୋକାନରେ ଖାଦ୍ୟ ଶସ୍ୟ ପହଞ୍ଚାଇବା ପାଇଁ ପାଣ୍ଠି ଡ଼ିପୋଜିଟ୍ ଆଦି କାର୍ଯ୍ୟକୁ ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ସୁନିଶ୍ଚିତ କରିବ ।

ଛ)ଖାଉଟି ସଙ୍ଗଠନର ଜଣେ ପ୍ରତିନିଧି/ଗ୍ରାମପଞ୍ଚାୟତରେ ଖାଉଟି ସୁରକ୍ଷା ଉପରେ କାର୍ଯ୍ୟରତ ଗୋଟିଏ ସ୍ୱେଚ୍ଛାସେବୀ ସଂଗଠନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ମନୋନୀତ ହେବେ।

ଜ) ସଂପୃକ୍ତ ବିଧାୟକଙ୍କର ଜଣେ ପ୍ରତିନିଧି।

ଝ) ପ୍ରତ୍ୟେକ ସୁଲଭ ମୂଲ୍ୟ ଦୋକାନ ଅଞ୍ଚଳରୁ ଜଣେ ଜଣେ ଖାଉଟି ମାନ୍ୟବର ବିଧାୟକଙ୍କ ଦ୍ୱାରା ମନୋନୀତ।

ଟ) ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ : ସଦସ୍ୟ ଆବାହକ

୨. ତେଣୁ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ କେବଳ ଗୋଟିଏ ମାତ୍ର ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ରହିବ। ଗ୍ରାମପଞ୍ଚାୟତ ପରିସରରେ ଥିବା ସମସ୍ତ ସୁଲଭ ମୂଲ୍ୟ ଦୋକାନ ସମେତ ଲାଇସେନସ୍ ପ୍ରାପ୍ତ ହାଟ ବିକ୍ରି, ଯଦି ଥାଏ ତାହାକୁ ମଧ୍ୟ ପର୍ଯ୍ୟବେକ୍ଷଣ କରିବ।

୩. ଗ୍ରାମାଞ୍ଚଳରେ, ଗ୍ରାମପଞ୍ଚାୟତର ମୁଖ୍ୟ କାର୍ଯ୍ୟାଳୟ ଅବସ୍ଥିତ ଥିବା ଗ୍ରାମକୁ ଛାଡ଼ି ଅନ୍ୟ ଗ୍ରାମରେ ସୁଲଭ ମୂଲ୍ୟ ଦୋକାନ ଥିଲେ, ସେସବୁ ସୁଲଭ ମୂଲ୍ୟ ଦୋକାନର ଫଳପ୍ରଦ ପର୍ଯ୍ୟବେକ୍ଷଣ ପାଇଁ ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ପୃଥକ ଉପ-କମିଟି ଗଠନ କରିପାରିବେ। ସୁଲଭ ମୂଲ୍ୟ ଦୋକାନ ଥିବା ଅଞ୍ଚଳର ୱାର୍ଡ଼ ମେମ୍ବର ଉପ-କମିଟିର ସଭାପତି ଓ ଆବାହକ ଭାବେ କାର୍ଯ୍ୟ କରିବେ। ସମସ୍ତ ମନୋନୀତ ଖାଉଟି ସଦସ୍ୟ/ସଦସ୍ୟା ୬ ନଂ ପାରାର କ୍ର.ନଂ. ଘ), ଙ), ଓ ଚ) ଉପ-କିମିଟିର ସଦସ୍ୟ/ସଦସ୍ୟା ରହିବେ। ଉପ-କମିଟି ମାସରେ ଥରେ ବୈଠକରେ ମିଳିତ ହେବ ଏବଂ ସୁଲଭ ମୂଲ୍ୟ ଦୋକାନର କାର୍ଯ୍ୟରେ କୌଣସି ଅନିୟମିତତା ଥିଲେ ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟିକୁ ରିପୋର୍ଟ କରିବ।

୪. ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ସ୍ଥାୟୀ କମିଟି ହେବ ଏବଂ କମିଟିର ପଦ ପ୍ରଯୁକ୍ତ ସଦସ୍ୟ କମିଟିର ସଦସ୍ୟ ରୂପେ ସେପର୍ଯ୍ୟନ୍ତ ବଳବତ୍ତର ରହିବେ ଯେପର୍ଯ୍ୟନ୍ତ କାର୍ଯ୍ୟାଳୟରେ ନିଜ ପଦବୀରେ ରହିଥିବେ। କମିଟିରେ ଯଦି କୌଣସି ସଭ୍ୟପଦ ଖାଲି ଥାଏ, ତେବେ ବି କମିଟି ତାହାର କାର୍ଯ୍ୟ ସମ୍ପାଦନ କରି ଚାଲିବ।

୫. ଉପର ପ୍ରଦତ୍ତ ପାରା ୬ ଓ ୭ରେ ଉଲ୍ଲେଖ କରାଯାଇଥିବା ମନୋନୀତ ସଦସ୍ୟମାନଙ୍କର କାର୍ଯ୍ୟକାଳ ଦୁଇଟି ଆର୍ଥିକ ବର୍ଷ ହେବ, ଆର୍ଥିକ ବର୍ଷ ଶେଷ ହେବ ୩୧ ମାର୍ଚ୍ଚ। ଯଦି ମନୋନୀତ ପ୍ରାର୍ଥୀ ଓହରି ଯାଆନ୍ତି କିମ୍ବା କର୍ତ୍ତୃପକ୍ଷ ନାମାଙ୍କନ ପତ୍ର ପ୍ରତ୍ୟାହାର କରନ୍ତି, ତେବେ ମନୋନୀତ ପ୍ରାର୍ଥୀଙ୍କ ସଭ୍ୟପଦ ଶେଷ ହେବ।

୬. ଗ୍ରାମାଞ୍ଚଳ ପାଇଁ ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ଗଠନ ନିମନ୍ତେ ଯଥାକ୍ରମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅର୍ଡ଼ର ପ୍ରଦାନ କରିବେ।

୭. ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟିର କାର୍ଯ୍ୟ ନିମ୍ନରେ ପ୍ରଦତ୍ତ:

କ. ସୁଲଭ ମୂଲ୍ୟ ଦୋକାନକୁ ଆବଣ୍ଟିତ ଅତ୍ୟାବଶ୍ୟକ ସାମଗ୍ରୀ ଡ଼ିଲରଙ୍କ ଦ୍ୱାରା ଉଠାଣ, ତାହାକୁ ସୁଲଭ ମୂଲ୍ୟ କେନ୍ଦ୍ରକୁ ପ୍ରକୃତରେ ଅଣାଯାଇଛି, କୌଣସି ଅଂଶ ଫେରିଯାଇ ନାହିଁ କିମ୍ବା କୌଣସି ଅନ୍ୟ ଉଦ୍ଦେଶ୍ୟରେ ଅନ୍ୟତ୍ର ପଠାଯାଇନାହିଁ କିମ୍ବା ବିଭାଗୀୟ ଷ୍ଟୋରେଜ୍ ଏଜେଣ୍ଟଙ୍କ ଅଧିନରେ ସୁଲଭ ମୂଲ୍ୟ ଦୋକାନରେ ଖାଦ୍ୟ ଶସ୍ୟ ପହଞ୍ଚାଇବା ପାଇଁ ପାଣ୍ଠି ଡ଼ିପୋଜିଟ୍ ଆଦି କାର୍ଯ୍ୟକୁ ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ସୁନିଶ୍ଚିତ କରିବ।

ଖ) ସୁଲଭ ମୂଲ୍ୟ ଦୋକାନର ରାସନ କାର୍ଡ଼ ରେଜିଷ୍ଟ୍ରର୍‌କୁ ନିୟମିତଭାବେ ଯାଞ୍ଚ କରିବେ ଏବଂ ଜାଲ୍/ଭୂତ /ନକଲି କାର୍ଡ଼ ଚିହ୍ନଟ ଘଟଣାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ରିପୋର୍ଟ କରିବେ।

ଗ) ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ଦ୍ୱାରା ସ୍ଥିରୀକୃତ କାର୍ଯ୍ୟାଳୟ ବାହାରୁ ଅତି କମ୍‌ରେ ଦୁଇଜଣ ସଦସ୍ୟ ଡ଼ିଲରଙ୍କ ଦ୍ୱାରା ପରିଚାଳିତ ଟାଲି ରେଜିଷ୍ଟ୍ରର୍‌ରେ ଦସ୍ତଖତ କରିବେ, ସୁଲଭ ମୂଲ୍ୟ ଦୋକାନକୁ ଆବଣ୍ଟିତ ଅତ୍ୟାବଶ୍ୟକ ସାମଗ୍ରୀ ଗ୍ରହଣ ଓ ବଣ୍ଟନ କରାଯାଇଛି ବୋଲି ସତ୍ୟ ପ୍ରମାଣ କରିବେ। ଡ଼ିଲରଙ୍କ ଟାଲି ରେଜିଷ୍ଟ୍ରର୍‌ରେ ଯେପର୍ଯ୍ୟନ୍ତ ଏହା ଦଲିଲ୍‌କରଣ କରାନଯାଇଛି, ତେବେ ପରବର୍ତ୍ତୀ ମାସ ପାଇଁ ଆବଣ୍ଟିତ ସାମଗ୍ରୀ ରିଲିଜ୍ କରାଯିବ ନାହିଁ।

ଘ)ଖାଉଟିମାନଙ୍କୁ ବିକ୍ରି କରାଯାଉଥିବା ପିଡ଼ିଏସ୍ ସାମଗ୍ରୀଗୁଡ଼ିକର ଗୁଣମାନ ଓ ସଠିକ୍ ଓଜନକୁ ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ତଦାରଖ କରିପାରିବେ।

ଙ)ଡ଼ିଲରଙ୍କ ଦ୍ୱାରା ପ୍ରମାଣୀକୃତ ନିକିତି ଓ ବଟକରା ବ୍ୟବହାର କରାଯାଉଛି କି ନାହିଁ, ତାହା ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟି ଯାଞ୍ଚ କରପିାରିବେ।

ଚ)ପିଡ଼ିଏସ୍ ସାମଗ୍ରୀ ପହଞ୍ଚିବା ପରେ ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟିରୁ ଅତି କମ୍‌ରେ ଦୁଇଜଣ ସଦସ୍ୟ (କମିଟି ଦ୍ୱାରା ସ୍ଥିରୀକୃତ) ସତ ବୋଲି ଲେଖିଦେବେ ଏବଂ ଏହି ଦୁଇଜଣ ସଦସ୍ୟଙ୍କର ଯାଞ୍ଚ ପରେ ସେମାନେ ଡ଼ିଲରଙ୍କ ଷ୍ଟକ୍ ରେଜିଷ୍ଟ୍ରର୍‌ରେ ଦସ୍ତଖତ ଦେବେ ତା'ପରେ ହିଁ ଷ୍ଟକ୍‌ର ବଣ୍ଟନ ଆରମ୍ଭ ହେବ।

ଛ)ଆବଶ୍ୟକ ସ୍ଥଳେ ଡ଼ିଲରମାନଙ୍କ ଠାରୁ ରେକର୍ଡ଼ପତ୍ର ମଗାଇ ପାରିବାର କ୍ଷମତା ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟିର ରହିବ।

ଜ)ଗ୍ରାମପଞ୍ଚାୟତସ୍ତରୀୟ ପରାମର୍ଶଦାତା କମିଟିର ପ୍ରତ୍ୟେକ ବୈଠକରେ ସୁଲଭ ମୂଲ୍ୟ ଦୋକାନର ଟାଲି/ଷ୍ଟକ୍/ବିକ୍ରି ରେଜିଷ୍ଟ୍ରର୍ ଏବଂ ଅଭିଯୋଗ ପୁସ୍ତିକାକୁ ଉପସ୍ଥାପନ କରାଯିବ।

# ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା
## (୨୦୧୮ ଅକ୍ଟୋବର ୨ ଗାନ୍ଧି ଜୟନ୍ତୀରୁ ଆରମ୍ଭ ହୋଇଛି ଓଡ଼ିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା !)

### ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତି

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାର ଏକ ନୂତନ "ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା"ର ଶୁଭାରମ୍ଭ କରିଛନ୍ତି, ଯାହା ୨୦୧୮ ମସିହା ୨ ଅକ୍ଟୋବର, ଗାନ୍ଧି ଜୟନ୍ତୀଠାରୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହୋଇଛି । ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ହିତାଧିକାରୀ, ୧୩ ଅଗଷ୍ଟ, ୨୦୧୮ ଠାରୁ ୩ ସେପ୍ଟେମ୍ବର, ୨୦୧୮ ତାରିଖ ମଧ୍ୟରେ ନିକଟସ୍ଥ ବ୍ଲକ୍, ପୌରାଞ୍ଚଳ ଓ ମହାନଗର ନିଗମ ସ୍ତରରେ ଖୋଲା ଯାଇଥିବା ରେସନ୍ କାର୍ଡ଼ ପରିଚାଳନା କେନ୍ଦ୍ର (RCMS Centre) ମାନଙ୍କରେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ପାଇଁ କୁହାଯାଇଥିଲା । ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ନିମ୍ନଲିଖିତ ୧୧ଗୋଟି ସ୍ୱତଃ ଯୋଗ ହେବା ମାନଦଣ୍ଡ ଓ ୯ଗୋଟି ବାଦ୍ ଦେବା ମାନଦଣ୍ଡ ଯେଉଁମାନେ ପୂରଣ କରୁଥିବେ, କେବଳ ସେହିମାନେ ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବେଦନ କରିପାରିବେ ।

### କ) ଏଗାର ଗୋଟି ସ୍ୱତଃ ଯୋଗ ହେବା ମାନଦଣ୍ଡ

୧) ସମସ୍ତ ଅସୁରକ୍ଷିତ ଆଦିମ ଅଧିବାସୀ (Primitive Tribal Group)ପରିବାର ସମୂହ ।

୨) ବାସହୀନ ପରିବାର (ଜନ ପ୍ରତିନିଧି /ବ୍ଲକ୍/ପୌରପାଳିକାର କୌଣସି ଦାୟିତ୍ୱ ସଂପନ୍ନ ଅଧିକାରୀଙ୍କ ଦ୍ୱାରା ପ୍ରମାଣ ପତ୍ର ଆବଶ୍ୟକ) ।

୩) ଭିକ୍ଷାବୃତ୍ତି କରି ଜୀବନ ନିର୍ବାହ କରୁଥିବା ନିରାଶ୍ରୟ ବ୍ୟକ୍ତି (ଜନ ପ୍ରତିନିଧି /ବ୍ଲକ୍/ପୌରପାଳିକାର କୌଣସି ଦାୟିତ୍ୱ ସଂପନ୍ନ ଅଧିକାରୀଙ୍କ ଦ୍ୱାରା ପ୍ରମାଣ ପତ୍ର ଆବଶ୍ୟକ) ।

୪) ପରିବାର ଗୁଡ଼ିକରେ ବସବାସ କରୁଥିବା ବିଧବା ଏବଂ ଏକୁଟିଆ ରହୁଥିବା ମହିଳା ଯେଉଁମାନଙ୍କର ନିୟମିତ ଆୟ ନଥିବ ।

୫) ପରିବାର ଗୁଡ଼ିକରେ ବସବାସ କରୁଥିବା ଭିନ୍ନକ୍ଷମ ବ୍ୟକ୍ତି (ଶତକଡ଼ା ୪୦ଭାଗ କିମ୍ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ) ।

୬) କିନ୍ନର ଆବେଦନକାରୀ ।

୭) ପରିବାରର ବୃଦ୍ଧ ବ୍ୟକ୍ତି (୬୦ ବର୍ଷ କିମ୍ବା ଉର୍ଦ୍ଧ୍ୱ) ଯେଉଁମାନଙ୍କର ନିୟମିତ କିମ୍ବା ସୁନିଶ୍ଚିତ ଜୀବନ ନିର୍ବାହ କରିବାର କୌଣସି ପନ୍ଥା ନଥିବ ।

୮) ବୟସାଧିକ୍ୟ ଯୋଗୁଁ ଶାରୀରିକ କିମ୍ବା ମାନସିକ ଅସୁସ୍ଥତା, ସାମାଜିକ ପ୍ରଥା, ଭିନ୍ନକ୍ଷମ ବା ଅନ୍ୟ କାରଣରୁ ଆର୍ଥିକ ଦୁସ୍ଥିତି, ଲାଭଜନକ ନିଯୁକ୍ତି ପାଇଁ ଘରେ କୌଣସି ବୟସ୍କ ରୋଜଗାରକ୍ଷମ ସଦସ୍ୟ ନଥିବା ପରିବାର ।

୯) ଦିନ ମଜୁରି ଉପରେ ନିର୍ଭରଶୀଳ ପରିବାର ।

୧୦)ବିଭିନ୍ନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାର ।

୧୧)କୁଷ୍ଠ, ଏଚ୍.ଆଇ.ଭି. ବା ଅନ୍ୟାନ୍ୟ ଗୁରୁତର ବ୍ୟାଧିରେ ଆକ୍ରାନ୍ତ ଥିବା ସଦସ୍ୟଙ୍କ ପରିବାର ।

## ଖ) ନଅ ଗୋଟି ବାଦ୍ ଦେବା ମାନଦଣ୍ଡ

୧. ପରିବାରର ଯେକୌଣସି ସଦସ୍ୟ ୪ ଚକିଆ ଯାନ କିମ୍ବା ଭାରିଯାନର ମାଲିକ ହୋଇଥିବେ।

୨. ପରିବାରର ଯେକୌଣସି ସଦସ୍ୟ କେନ୍ଦ୍ର ସରକାର, ରାଜ୍ୟ ସରକାର, ସରକାରୀ ନିଗମ, ସରକାରୀ ଅନୁଦାନ ପ୍ରାପ୍ତ ସ୍ୱୟଂଚାଳିତ ସଂସ୍ଥା ଏବଂ ପୌରପାଳିକା (ଏହା ପ୍ରୋତ୍ସାହନ (Incentive) ଏବଂ ମାନଦେୟ(Honorarium)_।ଉଥିବା କର୍ମଚାରୀଙ୍କ କ୍ଷେତ୍ରରୁ ବାଦ୍ ଦିଆଯିବ)ର ନିୟମିତ କର୍ମଚାରୀ ହୋଇଥିବେ।

୩. ସହରାଂଚଳରେ ବେସରକାରୀ ସଂସ୍ଥା ମାନଙ୍କରେ କାର୍ଯ୍ୟରତ କର୍ମଚାରୀ ଯେଉଁମାନେ ମାସିକ ଟ.୧୫,୦୦୦/-ରୁ ଅଧିକ ବେତନ ପାଉଥିବେ। ଗ୍ରାମାଂଚଳରେ ବେସରକାରୀ ସଂସ୍ଥା ମାନଙ୍କରେ କାର୍ଯ୍ୟରତ କର୍ମଚାରୀ ଯେଉଁମାନେ ମାସିକ ଟ.୧୦,୦୦୦/-ରୁ ଅଧିକ ବେତନ ପାଉଥିବେ।

୪. ଯେଉଁ ପରିବାରର ଯେକୌଣସି ସଦସ୍ୟଙ୍କ ଉଦ୍ୟୋଗ (ରଭଣ୍ଡରକ୍ତକ୍ତସଣ୍ଡର)ଗୁଡ଼ିକ ସାମଗ୍ରୀ ନିର୍ମାଣ ତଥା ସେବା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ଏବଂ ସରକାରଙ୍କ ନିକଟରେ ରେଜେଷ୍ଟ୍ରିଭୁକ୍ତ ହୋଇଥିବେ।

୫. ପରିବାରରେ ଦୁଇ (୨) କିଲୋୱାଟ୍ କିମ୍ବା ତଦୁର୍ଦ୍ଧ୍ୱ ବିଦ୍ୟୁତ୍ ସଂଯୋଗ ଲୋଡ୍ ଥିବ ଏବଂ/କିମ୍ବା ଯେଉଁ ପରିବାର ମାସିକ ୩୦୦ ୟୁନିଟରୁ ଅଧିକ ବିଦ୍ୟୁତ୍ ଶକ୍ତି ବ୍ୟବହାର କରୁଥିବେ (ବିଗତ ଏକ ବର୍ଷର ହାରାହାରି)।

୬. ପରିବାରର କୌଣସି ସଦସ୍ୟ ଆୟକର କିମ୍ବା ବୃତ୍ତିକର ଦେଉଥିବେ।

୭. ସହରାଂଚଳରେ ବାସକରୁଥିବା ପରିବାରରେ କୌଣସି ସଦସ୍ୟ ମାସିକ ଟ.୧୫,୦୦୦/-ରୁ ଉର୍ଦ୍ଧ୍ୱ ପେନ୍ସନ୍ ପାଉଥିବେ କିମ୍ବା ଗ୍ରାମାଂଚଳରେ ବାସକରୁଥିବା ପରିବାରର କୌଣସି ସଦସ୍ୟ ମାସିକ ଟ.୧୦,୦୦୦/-ରୁ ଉର୍ଦ୍ଧ୍ୱ ପେନ୍ସନ୍ ପାଉଥିବେ।

୮. ପରିବାର ସଦସ୍ୟଙ୍କ ନାମରେ ଟ୍ରାକ୍ଟର କିମ୍ବା ହାର୍ଭେଷ୍ଟର ଥିବ।

୯. ପରିବାରରେ ସିମେଣ୍ଟ କଂକ୍ରିଟ ଛାତ ସହିତ ଯାହାର ୩ କିମ୍ବା ତତୋଧିକ କୋଠରୀ ବିଶିଷ୍ଟ ଗୃହ ଥିବ, ଯାହା ଇନ୍ଦିରା ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର କିମ୍ବା ନିର୍ମାଣ ଶ୍ରମିକ ଯୋଜନାରେ ନିର୍ମାଣ କରାଯାଇନଥିବ।

# ଅନ୍ତ୍ୟୋଦୟ ଅନ୍ନ ଯୋଜନା

**ପୃଷ୍ଠଭୂମି**

ନିହାତି ଗରିବ ଶ୍ରେଣୀର ଲୋକଙ୍କ ଖାଦ୍ୟ ନିରାପତ୍ତା ପାଇଁ ଏହି ଯୋଜନାକୁ କେନ୍ଦ୍ର ସରକାର ଲାଗୁ କରିଛନ୍ତି । ସମାଜର ଅତି ଅଭାବଗ୍ରସ୍ତ ପରିବାରଗୁଡ଼ିକୁ ଏହି ଯୋଜନାର ହିତାଧିକାରୀ ଭାବେ ଚିହ୍ନଟ କରାଯାଏ । ଚିହ୍ନଟ ହୋଇଥିବା ତଥା ପୂର୍ଣ୍ଣାଙ୍ଗ ତାଲିକାରେ ସ୍ଥାନ ପାଇଥିବା ପରିବାର ମାସକୁ ୩୫ କି.ଗ୍ରା. ଶସ୍ୟ ରିହାତି ଦରରେ ପାଇପାରିବେ । ଏହା କେନ୍ଦ୍ର ସରକାରଙ୍କର ଏକ ଯୋଜନା । ଏହା ୨୦୦୦ ମସିହା ଡ଼ିସେମ୍ବର ୨୫ ତାରିଖରୁ କାର୍ଯ୍ୟକାରୀ ହୋଇ ଆସୁଥିଲା । ମାତ୍ର ବର୍ତ୍ତମାନ ଏହା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ସହ ସାମିଲ ହୋଇଯାଇଛି ।

**ଅନ୍ତ୍ୟୋଦୟ ଅନ୍ନ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ:**

- ରିହାତି ଦରରେ ସମାଜର ଅତି ଗରିବ ବା ନିଃସହାୟ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ଦେବା;
- ଗରିବରୁ ଗରିବତମ ପରିବାରଗୁଡ଼ିକ ପାଇଁ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା;

## AAY Directive

**ଓଡ଼ିଶା ସରକାର**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

ନଂ ୧୭୦୨୩ ଭୁବନେଶ୍ୱର, ତାରିଖ-୨୯.୦୮.୨୦୧୬

**ପ୍ରେରକ**
**ଶ୍ରୀ ପି.କେ.ମହାପାତ୍ର, ଆଇଏଏସ୍**
**ପ୍ରଧାନ ସଚିବ**

ପ୍ରାପ୍ତେଷୁ

ସମସ୍ତ ଜିଲ୍ଲାପାଳ

ବିଷୟ: ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧିନରେ ଅନ୍ତ୍ୟୋଦୟ ଅନ୍ନ ଯୋଜନା (ଏଏୱାଇ) ହିତାଧିକାରୀଙ୍କ ତାଲିକାଭୁକ୍ତ କରିବା ।

ମହାଶୟା/ମହାଶୟ

ଉପର ଲିଖିତ ବିଷୟ ସନ୍ଦର୍ଭରେ ଆପଣଙ୍କୁ ସୂଚିତ କରାଯାଉଛି ଯେ ରିଟ୍ ପିଟିସନ୍ (ସିଭିଲ୍) ନଂ-୧୯୬/୨୦୦୧ର ଅନୁସରଣରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ପର୍ଯ୍ୟବେକ୍ଷଣ ଅନୁସାରେ, ଗରିବରୁ ଗରିବତମ ପରିବାରଗୁଡ଼ିକ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଅଧିନରେ ହିତାଧିକାରୀଭାବେ ସାମିଲ୍ ହେବା ଉଚିତ । ସମସ୍ତ ଆଦିମ ଆଦିବାସୀ ପରିବାର, ଏକାକୀ ମହିଳା ମୁଖିଆ ପରିବାର, ବୃଦ୍ଧ ବ୍ୟକ୍ତି ମୁଖିଆ ପରିବାର, ଭିନ୍ନକ୍ଷମ ବ୍ୟକ୍ତି ଓ ଦିନ ମଜୁରିଆ ପରିବାରଗୁଡ଼ିକୁ ସ୍ୱତନ୍ତ୍ରଭାବେ ଅଗ୍ରାଧିକାର ଭିତ୍ତିରେ ସଂପୂର୍ଣ୍ଣ ରୂପେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ୍ କରିବା ପାଇଁ ମାନ୍ୟବର ଅଦାଲତ ଆଗ୍ରହ ପ୍ରକାଶ କରିଛନ୍ତି ।

ଏହି ପରିପ୍ରେକ୍ଷୀରେ, ଏହି ବିଭାଗ ଉପର ବର୍ଣ୍ଣିତ ପରିବାରଗୁଡ଼ିକୁ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ୍ କରିବା ପାଇଁ ପୁଣିଥରେ ମତବ୍ୟକ୍ତ କରୁଛି । ଏପରି ପରିବାରଗୁଡ଼ିକୁ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଅଧିନରେ ସାମିଲ୍ କରିବା ପାଇଁ ନିକଟ ଅତୀତରେ ସମସ୍ତ ଜିଲ୍ଲାପାଳମାନଙ୍କୁ ଏହି ବିଭାଗର ଚିଠି ସଂଖ୍ୟା- ୪୭୮୦ ତାରିଖ – ୨୭ ଫେବୃଆରୀ, ୨୦୧୬ରେ ଅନୁରୋଧ କରାଯାଇଥିଲା ।

ବିଭିନ୍ନ ନିର୍ଦ୍ଦେଶନାମା ସତ୍ତ୍ୱେ, ଜିଲ୍ଲାଗୁଡ଼ିକୁ ଆବଣ୍ଟିତ ଲକ୍ଷ୍ୟଧାର୍ଯ୍ୟ ପୂରଣ କରିବାକୁ ଏବେବି ବାକି ଅଛି । ଜିଲ୍ଲା ଅନୁଯାୟୀ ଅନ୍ତ୍ୟୋଦୟ ଅନ୍ନ ଯୋଜନା ସ୍ଥିତିର ବିଶଦ୍ ବିବରଣୀ ଏଥିରେ ସଂଯୋଜିତ ପରିଶିଷ୍ଟରେ ଦିଆଯାଇଛି । ଅବଶିଷ୍ଟ ୨.୮୯ ଲକ୍ଷ ପରିବାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବାହାରେ ରହିବା ଉଚିତ ନୁହେଁ । ଯଦିଓ କିଛି ପରିବାର ଅଗ୍ରାଧିକାର ପରିବାରରେ ସାମିଲ୍ ହୋଇ ବ୍ୟକ୍ତି ପିଛା ୫ କି.ଗ୍ରା. ଖାଦ୍ୟଶସ୍ୟ ଆଧାରରେ ହକ୍ ପାଉଛନ୍ତି ।

ତେଣୁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ପର୍ଯ୍ୟବେକ୍ଷଣ ଅନୁସାରେ ଅଗ୍ରାଧିକାର ଭିତ୍ତିରେ ନିମ୍ନଲିଖିତ ଶ୍ରେଣୀଭୁକ୍ତ ପରିବାରଗୁଡ଼ିକୁ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ୍ କରିବା ପାଇଁ ଅନୁରୋଧ କରାଯାଉଛି ।

କ:-

୧. ସମସ୍ତ ଆଦିମ ଆଦିବାସୀ ପରିବାର;

୨. ବୟସ୍କ, କମ୍‌ଯୋର୍, ଭିନ୍ନକ୍ଷମ, ନିଃସହାୟ ପୁରୁଷ ଓ ମହିଳା, ଗର୍ଭବତୀ ଓ ପ୍ରସୂତୀ ମହିଳା;

୩. ବିଧବା ଏବଂ ଅନ୍ୟାନ୍ୟ ଏକାକୀ ରହୁଥିବା ମହିଳା ଯାହାଙ୍କୁ ସହାୟତା ଦେବା ଭଳି କେହି ନଥିବେ;

୪. ବୃଦ୍ଧ (୬୦ବର୍ଷ କିମ୍ବା ତଦୁର୍ଦ୍ଧ୍ୱ) ବ୍ୟକ୍ତି ଯାହାଙ୍କର କୌଣସି ରୋଜଗାରର ପନ୍ଥା ନଥିବ କିମ୍ବା ତାଙ୍କୁ ସହାୟତା ଦେବା ଭଳି କେହି ନଥିବେ;

୫. ପରିବରରେ ଯଦି ସାବାଳକ ଭିନ୍ନକ୍ଷମ ବ୍ୟକ୍ତି ଥିବେ ତାଙ୍କୁ ସହାୟତା ଦେବା ଭଳି କେହି ନଥିବେ;

୬. ପରିବାରରେ ବାର୍ଦ୍ଧକ୍ୟ ହେତୁ, ଶାରିରୀକ ଓ ମାନସିକ ଅନଗ୍ରସରତା ହେତୁ, ସାମାଜିକ ପ୍ରଥା ହେତୁ, ଭିନ୍ନକ୍ଷମଙ୍କୁ ସେବା ଯୋଗାଇବା ପାଇଁ ଯଦି କୌଣସି ସାବାଳକ ରୋଜଗାରକୁ ଯାଇପାରୁନଥିବେ,

୭. ଦୈନିକ ମଜୁରି ଉପରେ ନିର୍ଭରଶୀଳ ପରିବାର;

୮. ଆଭ୍ୟନ୍ତରୀଣଭାବେ ବିସ୍ଥାପିତ ବ୍ୟକ୍ତି ।

ଖ:- ହିତାଧିକାରୀଙ୍କୁ ଚୟନ କରିବା ବେଳେ, ଏହାକୁ ସୁନିଶ୍ଚିତ କରାଯାଇପାରେ ଯେ ଯେଉଁ ପରିବାରରେ ୭ଜଣ ସଦସ୍ୟ/ସଦସ୍ୟାରୁ ଅଧିକ ଅଛନ୍ତି ଏବଂ ସେମାନେ ଅଗ୍ରାଧିକାର ପରିବାର ରୂପେ ମାସକୁ ୩୫ କି.ଗ୍ରା. ରୁ ଅଧିକ ଖାଦ୍ୟଶସ୍ୟ ପାଉଛନ୍ତି, ସେମାନଙ୍କୁ ସେହି ଅଗ୍ରାଧିକାର ପରିବାରରେ ରଖାଯାଇପାରେ । ଅନ୍ୟପକ୍ଷରେ, ଯେଉଁ ପରିବାରଗୁଡ଼ିକରେ ୭ଜଣରୁ କମ୍ ସଦସ୍ୟ/ସଦସ୍ୟା ଅଛନ୍ତି ସେମାନଙ୍କୁ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଅଧିନରେ ସାମିଲ୍ କରାଯାଇପାରେ ।

ଆପଣଙ୍କର ବିଶ୍ୱସ

ସ୍ୱା:- ପି.କେ. ମହାପାତ୍ର

ପ୍ରଧାନ ସଚିବ

# ଅନ୍ନପୂର୍ଣ୍ଣା ଯୋଜନା

### ପୃଷ୍ଠଭୂମି

ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ୧୯୯୫ ମସିହାରେ କାର୍ଯ୍ୟକାରୀ କରାଗଲା । ପ୍ରତ୍ୟେକ ହିତାଧିକାରୀଙ୍କୁ ମାସିକ ୭୫ଟଙ୍କା ହିସାବରେ ୬୮.୮୧ଲକ୍ଷ ଖାଦ୍ୟ ଓ ଆଶ୍ରୟରୁ ବଂଚିତ ନିରାଶ୍ରୟ ଓ ୬୫ବର୍ଷ ବୟସରୁ ଅଧିକ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଭତ୍ତା ଦେବାକୁ ସ୍ଥିର କରାଗଲା । ସମସ୍ତ ୬୮. ୮୧ଲକ୍ଷ ବ୍ୟକ୍ତିଙ୍କୁ ଉପାରେ ସାମିଲ କରାନଯାଇ ଏହାର ୨୦ପ୍ରତିଶତ ଅର୍ଥାତ୍ ୧୩.୭୬୨ଲକ୍ଷ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ କରିବା ପାଇଁ ଧାର୍ଯ୍ୟ କରାଗଲା ।ପାଣ୍ଠିର ଉପଲବ୍ଧତା ଆଧାରରେ ପର୍ଯ୍ୟାୟକ୍ରମେ ସମୁଦାୟ ୧୩.୭୬୨ଲକ୍ଷ ହିତାଧିକାରୀମାନଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ କରିବା ପାଇଁ ପ୍ରସ୍ତାବ ଦିଆଗଲା । ଏହିକାର୍ଯ୍ୟକ୍ରମ ୨୦୦୦ ମସିହା ଏପ୍ରିଲ୍ ମାସ ଏକ ତାରିଖରୁ ଆମ ଦେଶରେ କାର୍ଯ୍ୟକାରୀ ହୋଇ ଆସୁଛି ।

### ଅନ୍ତ୍ୟୋଦୟ ଅନ୍ନ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ

ବୟୋଜ୍ୟେଷ୍ଠ ନାଗରିକ, ଯେଉଁମାନେ ୬୫ବର୍ଷ କିମ୍ବା ତଦୁର୍ଦ୍ଧ, ଯିଏକି ସେମାନଙ୍କର ଜୀବୀକା ପାଇଁ କୌଣସି ସହାୟତା ପାଇପାରୁ ନାହାନ୍ତି ସେମାନଙ୍କ ଖାଦ୍ୟ ନିରାପତ୍ତା ପାଇଁ ଅନପୂର୍ଣ୍ଣା ଯୋଜନା ମାଧ୍ୟମରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଇଥାଏ ।

### ହିତାଧିକାରୀ

୬୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ନାଗରିକ ଯେଉଁମାନେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଭତ୍ତା ପାଇବା ପାଇଁ ଯୋଗ୍ୟ ଥିଲେ ମଧ୍ୟ ଜାତୀୟ କିମ୍ବା ରାଜ୍ୟ ଭତ୍ତା ପାଇପାରିନାହାନ୍ତି;

### ହିତାଧିକାରୀ ଚୟନ ପ୍ରକ୍ରିୟା

ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀମାନଙ୍କୁ ପଲ୍ଲୀସଭା ଓ ଗ୍ରାମସଭା ଦ୍ୱାରା ଚିହ୍ନଟ କରାଯାଇ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଏ । ଜିଲ୍ଲାସ୍ତରରେ ପ୍ରସ୍ତୁତ ସଂପୂର୍ଣ୍ଣ ତାଲିକା ଜନସାଧାରଣଙ୍କ ଗୋଚରାର୍ଥେ ପଞ୍ଚାୟତ, ବ୍ଲକ୍ ତଥା ଜିଲ୍ଲା କାର୍ଯ୍ୟାଳୟମାନଙ୍କରେ ପ୍ରଦର୍ଶିତ ହୁଏ, ମନୋନୀତ ହିତାଧିକାରୀଙ୍କୁ ଏକ ପଡ଼ିକାର୍ଡ଼ ଯୋଗାଇ ଦିଆଯାଏ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଗହମ କିମ୍ବା ଚାଉଳ ଯୋଗାଇ ଦିଆଯାଏ ।

### ହିତାଧିକାରୀ କେତେ ଓ କ'ଣ ପାଇବେ

ବିନା ମୂଲ୍ୟରେ ମାସକୁ ୧୦ କି.ଗ୍ରା. ଖାଦ୍ୟଶସ୍ୟ ପାଇଥାଆନ୍ତି ।

### ଅଭିଯୋଗ ଶୁଣାଣି

ଅଭିଯୋଗ ଶୁଣାଣି ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଥିବା ଅଭିଯୋଗ ପ୍ରକ୍ରିୟା ସହ ସମାନ ଅଟେ ।

# ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା

୧୯୭୫ ମସିହାରୁ ଆରମ୍ଭ କରାଯାଇଥିବା ଏହି ଯୋଜନା କିଶୋରୀ ବାଳିକା, ମା' ଓ ୬ବର୍ଷ ବୟସରୁ କମ୍ ବୟସର ଶିଶୁମାନଙ୍କ ପାଇଁ କାର୍ଯ୍ୟକାରୀ କରାଯାଉଛି। ଏହା ଏକ ସାର୍ବଜନୀନ ଯୋଜନା, ଅର୍ଥାତ୍ ଧନୀ-ଗରିବ ନିର୍ବିଶେଷରେ ଏହି ଯୋଜନା ସମସ୍ତଙ୍କ ପାଇଁ ଲାଗୁହେବ। ଏଥିରେ ୬ଗୋଟି ସେବା ହିତାଧିକାରୀମାନଙ୍କୁ ସ୍ଥାନୀୟ ଅଙ୍ଗନୱାଡ଼ି ଜରିଆରେ ଯୋଗାଇ ଦିଆଯାଇଥାଏ। ସେଗୁଡ଼ିକ ହେଉଛି:- ପରିପୂରକ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମ; ପ୍ରତିଷେଧକ ଟୀକାକରଣ; ସ୍ୱାସ୍ଥ୍ୟ ପରୀକ୍ଷା; ପରାମର୍ଶ ସେବା କାର୍ଯ୍ୟ; ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଏବଂ ପୁଷ୍ଟି ଓ ସ୍ୱାସ୍ଥ୍ୟ ଶିକ୍ଷା।

### ହିତାଧିକାରୀ

- ପ୍ରତ୍ୟେକ ପଞ୍ଜିକୃତ ଗର୍ଭବତୀ ଓ ପ୍ରସୂତି ମହିଳା;
- ୬ମାସରୁ ୩ବର୍ଷ ବୟସର ଶିଶୁ;
- ୩ବର୍ଷରୁ ୬ବର୍ଷ ବୟସର ଶିଶୁ;
- କିଶୋରୀ ବାଳିକା।

### ଅଙ୍ଗନୱାଡ଼ି କେନ୍ଦ୍ରରୁ ମିଳୁଥିବା ସେବା

### ୧. ପରିପୂରକ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମ

- ୬ମାସରୁ ୩ବର୍ଷ ଶିଶୁଙ୍କୁ ପ୍ରତ୍ୟେକ ମାସର ୧ ତାରିଖ ଓ ୧୫ ତାରିଖ ଦିନ ୨ଗୋଟି ଆକାଶୀ ନୀଳ ଛତୁଆ ପ୍ୟାକେଟ୍ ସହ ପ୍ରତ୍ୟେକ ସପ୍ତାହରେ ଦୁଇଟି ସିଝା କିମ୍ବା କଞ୍ଚା ଅଣ୍ଡା ବଣ୍ଟନ କରାଯାଇଥାଏ।
- ୬ମାସରୁ ୩ବର୍ଷ ବୟସର କମଳା ଜୋନ୍‌ର ଶିଶୁଙ୍କୁ ପ୍ରତ୍ୟେକ ମାସର ୧ ତାରିଖ ଓ ୧୫ ତାରିଖ ଦିନ ୨ଗୋଟି ନାଲି ରଙ୍ଗର ଛତୁଆ ପ୍ୟାକେଟ୍ ସହ ୧୦୦ଗ୍ରାମ୍‌ର ରାଶି ଲଡୁ ଏବଂ ପ୍ରତ୍ୟେକ ସପ୍ତାହରେ ଦୁଇଟି ସିଝା କିମ୍ବା କଞ୍ଚା ଅଣ୍ଡା ବଣ୍ଟନ କରାଯାଇଥାଏ।
- ଗର୍ଭବତୀ ଓ ପ୍ରସୂତୀ ମହିଳାମାନଙ୍କୁ ମାସକୁ ୨୫ ଦିନର ଘରକୁ ନେବା ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଥାଏ। ପ୍ରତ୍ୟେକ ମାସର ୧ ତାରିଖ ଓ ୧୫ ତାରିଖ ଦିନ ୨ଗୋଟି ହଳଦିଆ ଛତୁଆ ପ୍ୟାକେଟ୍ ସହ ପ୍ରତ୍ୟେକ ସପ୍ତାହରେ ଦୁଇଟି ସିଝା କିମ୍ବା କଞ୍ଚା ଅଣ୍ଡା ବଣ୍ଟନ କରାଯାଇଥାଏ।
- ୩ବର୍ଷରୁ ୬ବର୍ଷ ବୟସର ଶିଶୁଙ୍କୁ ରନ୍ଧା ଖାଦ୍ୟ ଦେବାର ବ୍ୟବସ୍ଥା ରହିଛି। ସକାଳ ଜଳଖିଆରେ ସୋମବାର ଓ ଗୁରୁବାର ଦିନ ୧୬ଗ୍ରାମ୍ ଗଜାମୁଗ, ବୁଧବାର ଦିନ ମୁଢ଼ି (୫୦ ଗ୍ରାମ୍), ମଙ୍ଗଳ ବାର ଶୁକ୍ରବାର ଓ ଶନିବାର: ଚୁଡ଼ା କିମ୍ବା ମୁଢ଼ି ମୁଆଁ (୫୦ ଗ୍ରାମ୍ ଚୁଡ଼ା/ମୁଢ଼ି, ଗୁଡ଼ କିମ୍ବା ଚିନିରେ ପ୍ରସ୍ତୁତ) ଦିଆଯାଇଥାଏ। ମାତ୍ର ଏହି ବୟସର ପୁଷ୍ଟିହୀନ ଶିଶୁମାନଙ୍କ ପାଇଁ ଅଧିକ ଶୁଖିଲା ଖାଦ୍ୟଭାବେ ୧ କିଗ୍ରା ଛତୁଆ ଓ ୧୦୦ଗ୍ରାମ୍ ରାଶି ଲଡୁର ବ୍ୟବସ୍ଥା ଅଛି।

### ୨. ପ୍ରତିଷେଧକ ଟୀକାକରଣ

ଗର୍ଭବତୀ ମହିଳାମାନଙ୍କୁ ଅନ୍ତତଃ ୩ଥର ଗର୍ଭ ସମୟରେ ଧନୁଷ୍ଟଙ୍କାର ରୋଗରୁ ରକ୍ଷା ପାଇବା ପାଇଁ ଟୀକାକରଣ କରିବା ସହ ଲୌହସାର ବଟିକା ଦିଆଯାଇଥାଏ। ଶିଶୁମାନଙ୍କୁ ମଧ୍ୟ ନିୟମିତ ବ୍ୟବଧାନରେ ୬ଟି ମାରାତ୍ମକ ରୋଗରୁ ରକ୍ଷା ପାଇବା ପାଇଁ ଟୀକାକରଣ କରାଯାଇଥାଏ ଓ ଭିଟାମିନ୍-କ ଯୋଗାଇ ଦିଆଯାଇଥାଏ।

## ପରିପୂରକ ପୃଷ୍ଟି କାର୍ଯ୍ୟକ୍ରମ ଅଧିନରେ ପରିବର୍ତ୍ତିତ ସକାଳ ଜଳଖିଆ, ଗରମ ରନ୍ଧା ଖାଦ୍ୟ, ଘରକୁ ନେବା ଶୁଖିଲା ଖାଦ୍ୟର ତାଲିକା, ୨୦୧୮

ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରେରିତ ଚିଠି ସଂଖ୍ୟା : WCD-ICDS-SCHM-0141-2017-10855/wcd ତା: ୨୮-୦୬-୨୦୧୮ ରିଖରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ପରିପୂରକ ପୃଷ୍ଟି କାର୍ଯ୍ୟକ୍ରମ (SNP) ଅଧିନରେ ଦିଆଯାଉଥିବା ସକାଳ ଜଳଖିଆ, ଘରକୁ ନିଆ ଯାଉଥିବା ଶୁଖିଲା ଖାଦ୍ୟ ଓ ଗରମ ରନ୍ଧା ଖାଦ୍ୟର ପରିବର୍ଦ୍ଧିତ ମେନ୍ୟୁ ୨୦୧୮, ସୂଚିତ କରାଯାଇଛି । ରାଜ୍ୟ ସରକାରଙ୍କ **"ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ"** ଦ୍ୱାରା ପୂର୍ବରୁ ଜାରି କରାଯାଇଥିବା SNP ଅଧିନରେ ପରିବର୍ଦ୍ଧିତ ଦରର ଚିଠି ସଂଖ୍ୟା – ୨୧୨୮୦ ତାରିଖ, ୬.୧୨.୨୦୧୭ ନିମ୍ନରେ ଦିଆଗଲା ।

| ହିତାଧିକାରୀଙ୍କ ପ୍ରକାର | ପ୍ରଚଳିତ ଦର ତାଲିକା (ଟଙ୍କା/ଦୈନିକ/ପ୍ରତି ହିତାଧିକାରୀ) | ପରିବର୍ଦ୍ଧିତ ଦର ତାଲିକା (ଟଙ୍କା/ ଦୈନିକ/ପ୍ରତି ହିତାଧିକାରୀ) |
|---|---|---|
| **ଶିଶୁ (୬ ମାସରୁ- ୭୨ ମାସ)** | **୬ ଟଙ୍କା** | **୮ ଟଙ୍କା** |
| **ଗର୍ଭବତୀ ମହିଳା ଓ ପ୍ରସୂତି ମା'ଙ୍କ ପାଇଁ** | **୭ ଟଙ୍କା** | **୯ ଟଙ୍କା ୫୦ ପଇସା** |
| **ଅତିଶୟ ଅପପୃଷ୍ଟିର ଶିକାର ଶିଶୁ (୬ମାସରୁ ୭୨ ମାସ)** | **୯ ଟଙ୍କା** | **୧୨ ଟଙ୍କା** |

ଏହି ଚିଠି ମାଧ୍ୟମରେ ଜିଲ୍ଲାପାଳମାନଙ୍କୁ ଅନୁରୋଧ କରାଯାଇଛି ଯେ ଝଘଚ ଅଧିନରେ ବର୍ଦ୍ଧିତ ଦର ଅନୁଯାୟୀ ସକାଳ ଜଳଖିଆ, ଘରକୁ ନିଆଯାଉଥିବା ଶୁଖିଲା ଖାଦ୍ୟ ଓ ଗରମ ରନ୍ଧା ଖାଦ୍ୟର ସାପ୍ତାହିକ ମେନ୍ୟୁ ପରିବର୍ତନ କରାଯାଇଛି ଓ ଜିଲ୍ଲାପାଳମାନଙ୍କୁ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

୧. ଏହି ସଂଶୋଧିତ ହକ୍ ବା ଅଧିକାର ୧୫.୦୭.୨୦୧୮ ଦିନ କିମ୍ବା ତାହା ପୂର୍ବରୁ କାର୍ଯ୍ୟକାରୀ ହେବ ।

୨. ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମ ଅଧିନରେ ପୂର୍ବରୁ ପ୍ରଚଳିତ ହକ୍ ବା ଅଧିକାର ରଦ୍ଦ କରାଗଲା ।

୩. ଆପଣଙ୍କୁ ଅନୁରୋଧ କରାଯାଉଛି କି ଆପଣଙ୍କ ଜିଲ୍ଲାର ସମସ୍ତ ଅଙ୍ଗନୱାଡ଼ି 'ସମନ୍ୱିତ ଶିଶୁ ବିକାଶ ସେବା' କର୍ମଚାରୀଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଦିଅନ୍ତୁ ଯାହା ଦ୍ୱାରା ପରିବର୍ତିତ ମେନ୍ୟୁକୁ ସଂପୂର୍ଣ୍ଣ ଏବଂ ସୂଚାରୁ ରୂପେ କାର୍ଯ୍ୟକାରୀ କରାଯାଇପାରିବ ।

୪. ଆପଣଙ୍କୁ ମଧ୍ୟ ଅନୁରୋଧ କରାଯାଉଛି କି:-

- ସମନ୍ୱିତ ଶିଶୁ ବିକାଶ ସେବା କର୍ମକର୍ତା (ଉଉଚଙ ଓ ଝଙ୍କକ୍ସରକ୍ୱଙ୍ଖସକ୍ସକ୍ସ) ମାନଙ୍କୁ ୩୦ ଜୁନ୍ ୨୦୧୮ ସୁଦ୍ଧା ଅବଗତ କରାନ୍ତୁ ଯାହାଦ୍ୱାରା ଏହା ଠିକ୍‌ଭାବରେ କାର୍ଯ୍ୟକାରୀ ହେବ ।
- ସମସ୍ତ ଘରକୁ ନେବା ଶୁଖିଲା ଖାଦ୍ୟ (ଊଐଜ) ପ୍ରସ୍ତୁତ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩୦ ଜୁନ୍ ୨୦୧୮ ସୁଦ୍ଧା ଅବଗତ କରାନ୍ତୁ ।
- ବ୍ଲକ ସ୍ତରରେ ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ୫ ଜୁଲାଇ ୨୦୧୮ ସୁଦ୍ଧା ଅବଗତ କରାନ୍ତୁ ।
- ସମସ୍ତ ଯାଂଚ କମିଟି ଓ ମାତୃ କମିଟି ସଦସ୍ୟ/ସଦସ୍ୟାମାନଙ୍କୁ ମଧ୍ୟ ଜୁଲାଇ ୧୦ ତାରିଖ ସୁଦ୍ଧା ଅବଗତ କରାନ୍ତୁ ।

### ୩. ସ୍ୱାସ୍ଥ୍ୟ ପରୀକ୍ଷା

ଗର୍ଭ ସମୟରେ ଗର୍ଭବତୀଙ୍କୁ ଅନ୍ତତଃ ପକ୍ଷେ ୩ଥର, ଜନ୍ମରୁ ୬ବର୍ଷର ଶିଶୁମାନଙ୍କୁ ପ୍ରତି ମାସରେ ନିକଟବର୍ତ୍ତୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର, ପରାମର୍ଶସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ର, ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା ମାଗଣା ଚିକିତ୍ସା ଯୋଗାଇ ଦିଆଯାଇଥାଏ। ପ୍ରତି ମାସରେ ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ଜନ୍ମରୁ ୬ ମାସର ଶିଶୁମାନଙ୍କୁ ଓଜନ କରିବା ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଆବଶ୍ୟକୀୟ ଔଷଧର ବ୍ୟବସ୍ଥା କରାଯାଇଥାଏ।

### ୪. ପରାମର୍ଶ ସେବା କାର୍ଯ୍ୟ

ଯେଉଁ ଶିଶୁ ଓ ମା'ମାନେ ପୁଷ୍ଟିହୀନତା କିମ୍ବା ହଠାତ୍ ଅତିରିକ୍ତ ମାତ୍ରାରେ ଅସୁସ୍ଥ ହୋଇପଡ଼ିବେ ଏବଂ ଭିନ୍ନକ୍ଷମ ଶିଶୁମାନଙ୍କୁ ତୁରନ୍ତ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନତ ଚିକିତ୍ସା ଓ ପରାମର୍ଶ ପାଇଁ ପଠାଯାଏ। ଗ୍ରେଡ଼-୩ ଓ ଗ୍ରେଡ୍-୪ର ଶିଶୁମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠି ଜରିଆରେ ଜଣେ ଶିଶୁ ପିଛା ଟ.୫୦୦/- ପର୍ଯ୍ୟନ୍ତ ଔଷଧ, ଭିଟାମିନ୍ ଯୋଗାଇ ଦିଆଯାଇଥାଏ।

### ୫. ପ୍ରାକ୍ ବିଦ୍ୟାଳୟ ଶିକ୍ଷା

ଅଙ୍ଗନୱାଡ଼ି କେନ୍ଦ୍ରରେ ୩ ରୁ ୬ବର୍ଷ ସମୟରେ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ଗୀତ, ନାଚ, ଖେଳ, ଅଭିନୟ ଓ ଗଳ୍ପ କଥନ ମାଧ୍ୟମରେ ଏହି ଶିକ୍ଷା ଦିଆଯାଏ।

### ୬. ପୁଷ୍ଟି ଓ ସ୍ୱାସ୍ଥ୍ୟ ଶିକ୍ଷା

୧୫ରୁ ୪୫ବର୍ଷ ପର୍ଯ୍ୟନ୍ତ ସମସ୍ତ ମହିଳାମାନଙ୍କୁ ପୁଷ୍ଟି ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜ୍ଞାନ ପ୍ରତି ମାସରେ ମମତା ଦିବସ ଦିନ ପ୍ରଦାନ କରାଯାଇଥାଏ।

ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଓଡ଼ିଶା ସରକାର ଚାଉଳ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଖାଦ୍ୟ ସାମଗ୍ରୀ ଅଙ୍ଗନୱାଡ଼ି ଯାଞ୍ଚ କମିଟି ଜରିଆରେ ସଂଗ୍ରହ କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏହା ତା:୧.୪.୨୦୧୧ରିଖ ଠାରୁ ଆମ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି।

### ଅଭିଯୋଗ ଶୁଣାଣି ପାଇଁ ନିମ୍ନ ଲିଖିତ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିପାରିବେ।

୧. ଅଙ୍ଗନୱାଡ଼ି ସୁପରଭାଇଜର୍ ଏବଂ ସିଡ଼ିପିଓ।
୨. ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାପାଳ ଏବଂ  ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ (ପିଡ଼ିଡ଼ିଆରଡ଼ିଏ)।
୩. ରାଜ୍ୟସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭାଗୀୟ ଅଧିକାରୀ ଏବଂ ଓଡ଼ିଶା ଖାଦ୍ୟ ଆୟୋଗ।
୪. ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅଧିନରେ ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ (ପିଡ଼ିଡ଼ିଆରଡ଼ିଏ)।

**ଏହି ମାର୍ଗଦର୍ଶିକାର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ଦିଆଗଲା ।**

ପ୍ରାକ୍ ବିଦ୍ୟାଳୟ ଶିଶୁ (୩ ବର୍ଷ  ରୁ ୬ ବର୍ଷ)ଙ୍କ ପାଇଁ ସକାଳ ଜଳଖିଆ  ଓ ଗରମ ରନ୍ଧା ଖାଦ୍ୟ ମେନ୍ୟୁ ।

| ବାର | ସକାଳ ଜଳଖିଆ | ଗରମ ରନ୍ଧା ଖାଦ୍ୟ |
|---|---|---|
| ସୋମବାର | ମାଣ୍ଡିଆ ଓ ବେସନ /ବେସନ ଓ ଅଟାରେ ତିଆରି ଲଡୁ । | ଭାତ, ଡାଲମା (ଡାଲି ସହିତ ପରିବା) ଓ ଲେମ୍ବୁ । |
| ମଙ୍ଗଳବାର | ଚୂଡା, ଚିନାବାଦାମ ଓ ଗୁଡରେ ତିଆରି ଲଡୁ । | ଭାତ, ସିଝା ଅଣ୍ଡା, ପନିପରିବା  ତରକାରି ଓ ଲେମ୍ବୁ । |
| **ବୁଧବାର** | ଗଜା ମୁଗ, ଗୁଡ ସହିତ/ ବିଭିନ୍ନ ଋତୁରେ ମିଳୁଥିବା ସ୍ଥାନୀୟ ଫଳ । | ଭାତ, ଅଣ୍ଡା ତରକାରି ଓ ଲେମ୍ବୁ । |
| ଗୁରୁବାର | ଚୂଡା, ଚିନାବାଦାମ ଓ ଗୁଡରେ ତିଆରି ଲଡୁ | ଭାତ, ସିଝା ଅଣ୍ଡା, ପନିପରିବା ତରକାରି ଓ ଲେମ୍ବୁ । |
| ଶୁକ୍ରବାର | ମାଣ୍ଡିଆ ଓ ବେସନ /ବେସନ ଓ ଅଟାରେ ତିଆରି ଲଡୁ । | ଭାତ, ଅଣ୍ଡା ତରକାରି ଓ ଲେମ୍ବୁ । |
| ଶନିବାର | ଗଜା ମୁଗ, ଗୁଡ ସହିତ/ ବିଭିନ୍ନ ଋତୁରେ ମିଳୁଥିବା ସ୍ଥାନୀୟ ଫଳ । | ଭାତ, ଅଣ୍ଡା ତରକାରି ଓ ଲେମ୍ବୁ । |

୧.	**ସକାଳ ଜଳଖିଆ;**
**ପ୍ରାକ୍ ବିଦ୍ୟାଳୟ ଆସୁଥିବା ଶିଶୁଙ୍କ ପାଇଁ ସକାଳ ଜଳଖିଆ ଓ ତା'ର ବିବରଣୀ- ( ଗ୍ରାମ୍‌ରେ)**

| କ୍ର. ନଂ | ଦିନ | ଖାଦ୍ୟର ତାଲିକା | ଉପକରଣ | ଆବଶ୍ୟକୀୟ ଓଜନ(ଗ୍ରାମ୍‌ରେ) | କ୍ୟାଲୋରୀ | ପ୍ରୋଟିନ୍ |
|---|---|---|---|---|---|---|
| ୧ | ସୋମବାର | ମାଣ୍ଡିଆ ଓ ବେସନ /ବେସନ ଓ ଅଟାରେ ତିଆରି ଲଡୁ। | | ପ୍ରତି ଲଡୁ - ୧୯.୬୭ ଗ୍ରାମ୍ | ୯୩.୬୬ | ୧.୪୪ |
| ୨ | ମଙ୍ଗଳବାର | ଚୂଡା, ଚିନାବାଦାମ ଓ ଗୁଡରେ ତିଆରି ଲଡୁ- ୧ଟି। | ଚୁଡା<br>ବାଦାମ<br>ଗୁଡ଼ | ୨୫ ଗ୍ରାମ<br>୨ ଗ୍ରାମ୍<br>୮ ଗ୍ରାମ୍ | ୧୨୮.୪୮ | ୨.୧୮ |
| ୩ | ବୁଧବାର | ଗଜ୍ଜା ମୁଗ, ଗୁଡ ସହିତ/ ବିଭିନ୍ନ ଋତୁରେ ମିଳୁଥିବା ସ୍ଥାନୀୟ ଫଳ। | ମୁଗ<br>ଗୁଡ | ୧୫ ଗ୍ରାମ୍<br>୫ ଗ୍ରମ୍ | ୬୯.୨୫ | ୩.୬୨ |
| ୪ | ଗୁରୁବାର | ଚୂଡା, ଚିନାବାଦାମ ଓ ଗୁଡରେ ତିଆରି ଲଡୁ- ୧ଟି। | ଚୁଡା<br>ବାଦାମ<br>ଗୁଡ଼ | ୨୫ ଗ୍ରାମ୍<br>୨ ଗ୍ରାମ୍<br>୮ ଗ୍ରାମ | ୧୨୮.୪୮ | ୨.୧୮ |
| ୫ | ଶୁକ୍ରବାର | ମାଣ୍ଡିଆ ଓ ବେସନ /ବେସନ ଓ ଅଟାରେ ତିଆରି ଲଡୁ- ୧ଟି। | | ପ୍ରତି ଲଡୁ - ୧୯.୬୭ ଗ୍ରାମ୍ | ୯୩.୬୬ | ୧.୪୪ |
| ୬ | ଶନିବାର | ଗଜା ମୁଗ, ଗୁଡ ସହିତ/ ବିଭିନ୍ନ ଋତୁରେ ମିଳୁଥିବା ସ୍ଥାନୀୟ ଫଳ। | ମୁଗ | ୧୫ ଗ୍ରାମ୍ | ୬୯.୨୫ | ୩.୬୨ |
| | | | ଗୁଡ | ୫ଗ୍ରାମ | | |

- ବିଭିନ୍ନ ଋତୁରେ ମିଳୁଥିବା ସ୍ଥାନୀୟ ଫଳ ଯଥା;- କଦଳୀ, ପିଜୁଳି, ଅମୃତଭଣ୍ଡା, ସପୁରୀ ପଣସ, ତରଭୁଜ, ଆମ୍ବ, କମଳା ବା ଗାଁ'ରେ ଉପଲବ୍ଧ ବରକୋଳି ଇତ୍ୟାଦି।

| ମାଣ୍ଡିଆ ଓ ବେସନ ଏବଂ ଅଟା ଓ ବେସନ ଲଡୁର ବିବରଣୀ | | | | | |
|---|---|---|---|---|---|
| କ୍ର.ନଂ | ଖାଦ୍ୟର ତାଲିକା | ଉପକରଣ | ଆବଶ୍ୟକ ପରିମାଣ ଗ୍ରାମ୍‌ରେ (୧୦ଟି ଲଡୁ ପାଇଁ ) | କ୍ୟାଲୋରୀ | ପ୍ରୋଟିନ୍ |
| ୧ | ମାଣ୍ଡିଆ ଗୁଣ୍ଡ ଓ ବେସନ ଲଡୁ | ମାଣ୍ଡିଆ ଗୁଣ୍ଡ ବେସନ<br>ଚିନି<br>ରିଫାଇନ ତେଲ<br>ବାଦାମ<br>ମୋଟ | ୮୦<br>୨୫<br>୫୦<br>୨୨<br>୨୦<br>୧୯୭ | ୨୬୨<br>୯୦<br>୧୯୯<br>୧୯୮<br>୧୧୩.୪<br>୮୬୨.୪ | ୫.୮୩<br>୪.୨୭<br><br><br><br>୧୦.୧ |
| | | | | ୯୫.୮୨ | ୧.୧୨ |
| ୨ | ଅଟା ଓ ବେସନ ଲଡୁ | ବେସନ | ୮୫ | ୨୭୦ | ୧୨.୮୨ |
| | | ଅଟା | ୩୦ | ୮୬.୪ | ୨.୯୫ |
| | | ଚିନି | ୪୫ | ୧୭୯.୧ | ୦ |
| | | ରିଫାଇନ ତେଲ<br>ମୋଟ | ୩୨<br>୧୯୨ | ୨୮୮<br>୮୨୩.୫<br>୯୧.୫ | ୦<br>୧୫.୭୭<br>୧.୭୫ |

ଯେଉଁ ଗୋଷ୍ଠୀ ମାଣ୍ଡିଆ ଲଡୁ  ଖାଉଥିବେ ଓ ଖାଇବା ପାଇଁ ଆଗ୍ରହ ପ୍ରକାଶ କରିବେ ଓ ଯେଉଁ ଅଚଂଳରେ ମାଣ୍ଡିଆ ଉପଲବ୍ଧ ଥିବା ସେହି ଅଚଂଳରେ ହିଁ ମାଣ୍ଡିଆ ଲଡୁ ଦିଆଯିବ।

| ଗରମ ରନ୍ଧା ଖାଦ୍ୟ ର ଦୈନିକ ଖାଦ୍ୟ ର ତାଲିକା । | | | | | | |
|---|---|---|---|---|---|---|
| କ୍ର. ନଂ | ହିତାଧିକାରୀ | ଖାଦ୍ୟର ପ୍ରକାର | ଉପକରଣ | ଆବଶ୍ୟକୀୟ ଦୈନିକ ପରିମାଣ (ଗ୍ରାମ୍‌ରେ) | କ୍ୟାଲୋରୀ | ପ୍ରୋଟିନ୍ |
| ୧ | ୨ | ୩ | ୪ | ୫ | ୬ | ୭ |
| ସୋମବାର – ଭାତ ଓ ଡାଲମା | | | | | | |
| ୧ | ୩ବର୍ଷ ରୁ ୬ ବର୍ଷ ଶିଶୁ | ଚାଉଳ | ୮୦ | ୨୭୬.୮ | ୫.୪୪ | |
| | | ଡାଲି (ହରଡ) | ୩୦ | ୧୦୦.୫ | ୬.୬୯ | |
| | | ତେଲ (ରିଫାଇନ) | ୩ | ୫୪ | ୦ | |
| | | ଆଳୁ | ୩୦ | ୨୯.୧ | ୦.୪୮ | |
| | | ଅନ୍ୟାନ୍ୟ ପରିବା | ୨୦ | | | |
| | | ସଜନା ସାଗ ବା ଅନ୍ୟ ସାଗ | ୨୦ | ୧୮.୪ | ୧.୩୪ | |
| | | ଲେମ୍ବୁ | ୧୦ | | | |
| | | ଲୁଣ, ଲଙ୍କା ଓ ଅନ୍ୟାନ ମସଲା | | | | |
| | ସମୁଦାୟ | | | ୪୭୮.୮ | ୧୩.୯୫ | |

| | | | | | | |
|---|---|---|---|---|---|---|
| ମଙ୍ଗଳବାର ଓ ଗୁରୁବାର – ଭାତ, ସିଝା ଅଣ୍ଡା ଏବଂ ପରିବା ତରକାରୀ | | | | | | |
| ୨ | ୩ବର୍ଷ ରୁ ୬ ବର୍ଷ ଶିଶୁ | ଘରକୁ ନବା ଖାଦ୍ୟ | ଚାଉଳ | ୮୦ | ୨୭୬.୮ | ୫.୧୨ |
| | | | ତେଲ (ରିଫାଇନ) | ୩ | ୫୪ | |
| | | | ଆଳୁ ଓ ପରିବା | ୪୫ | ୪୩.୬୫ | ୦.୭୨ |
| | | | ପିଆଜ | ୧୦ | ୭.୫ | ୦.୧୮ |
| | | | ଲେମ୍ବୁ | ୧୦ ବୁନ୍ଦା | | |
| | | | ମସଲା | | | |
| | | | ୧ ଗ୍ରାମ ଆୟୋଡିନ ଯୁକ୍ତ ଲୁଣ | | | |
| | | | ଅଣ୍ଡା | | ୮୬.୫୦ | ୬.୬୫ |
| | | | ସମୁଦାୟ | | ୪୬୮.୪୫ | ୧୨.୬୭ |
| ବୁଧବାର , ଶୁକ୍ରବାର ଓ ଶନିବାର – ଭାତ, ସିଝା ଅଣ୍ଡା ଏବଂ ତରକାରୀ | | | | | | |
| ୩ | ୩ବର୍ଷ ରୁ ୬ ବର୍ଷ ଶିଶୁ | ଘରକୁ ନେବା ଖାଦ୍ୟ | ଚାଉଳ | ୮୦ | ୨୭୬.୮ | ୫.୧୨ |
| | | | ତେଲ (ରିଫାଇନ) | ୩ | ୫୪ | |
| | | | ଆଳୁ ଓ ପରିବା | ୪୫ | ୪୩.୬୫ | ୦.୭୨ |
| | | | ପିଆଜ | ୧୦ | ୭.୫ | ୦.୧୮ |
| | | | ଲେମ୍ବୁ | ୧୦ ବୁନ୍ଦା | | |
| | | | ମସଲା | | | |
| | | | ୧ ଗ୍ରାମ ଆୟୋଡିନ ଯୁକ୍ତ ଲୁଣ | | | |
| | | | ଅଣ୍ଡା | | ୮୬.୫୦ | ୬.୬୫ |
| | | | ସମୁଦାୟ | | ୪୬୮.୪୫ | ୧୨.୬୭ |

| ICDS ଅନ୍ତର୍ଗତ ଘରକୁ ନେବା ରାସନ୍ | | | | | | | | |
|---|---|---|---|---|---|---|---|---|
| କ୍ର. | ହିତାଧିକାରୀ | ଘରକୁ ନେବା ଖାଦ୍ୟର ପ୍ରକାର | ପ୍ରତ୍ୟେକ ମାସର ହକ୍ | ୧୦% ପ୍ରସ୍ତୁତ କ୍ଷତି ପରେ ଛତୁଆ ପ୍ୟାକଟ୍‌ର ପରିମାଣର ମାତ୍ରା | ପ୍ରୋଟିନ୍ (ଦିନକୁ) ଗ୍ରାମ୍‌ରେ | ପ୍ରୋଟିନ୍ (ଦିନକୁ) ଗ୍ରାମ୍‌ରେ | ଦିନକୁ ରାସନ୍‌ର ମୂଲ୍ୟ (ଟଙ୍କାରେ) | ଦୈନିକ ପରିମାଣ |
| ୧ | ୬ ମାସ ରୁ ୩ ବର୍ଷ ର ଶିଶୁ | ଛତୁଆ | ୨.୪୫ କି.ଗ୍ରାମ | ୨.୨୦ କି.ଗ୍ରାମ | ୩୮୬ | ୧୨.୮ | ୮ | ୯୮ ଗ୍ରାମ୍‌ରେ |
| | | ଶୁଖିଲା ସାମଗ୍ରୀ, ସୁଜି, ମକା, କିମ୍ବା ମାଣ୍ଡିଆ ହାଲୁଆ | ୧.୫ କି.ଗ୍ରା. | ୧.୩୫୦ କି.ଗ୍ରା. | ୨୩୬.୯୭ | ୫.୩ | | ୬୦ ଗ୍ରାମ୍‌ରେ |
| | | ଅଣ୍ଡା | ୧୨(୩ ଟି ସିଝା ଅଣ୍ଡା ପ୍ରତି ସପ୍ତାହ ରେ) | ପ୍ରଯୁଜ୍ୟ ନୁହେଁ | ୪୧.୫୨ | ୩.୨ | | ୩ (ପ୍ରତି ସପ୍ତାହ) |
| | ସମୁଦାୟ | | | | ୬୬୪.୪୯ | ୨୧.୩ | | |

- ଯେଉଁ ପିଲାମାନେ ଅଣ୍ଡା ଖାଅନ୍ତି ନାହିଁ, ତାଙ୍କ ପାଇଁ ବେସନ ଖଣ୍ଡ ତରକାରୀ । ବେସନ ଖଣ୍ଡ ତରକାରୀ ରେ ୫୮ ଗ୍ରାମ୍‌ର ବେସନ ପ୍ରତି ପିଲାଙ୍କ ପାଇଁ ।
- ଅଙ୍ଗନଓ୍ୱାଡି ଶିଶୁମାନଙ୍କ ପାଇଁ ଗରମ ରନ୍ଧା ଖାଦ୍ୟରେ ଆୟୋଡିନ୍ ଯୁକ୍ତ କିମ୍ବା ଦୁଇ ଥର ପ୍ରକ୍ରିୟାକରଣ ହୋଇଥିବା ଲୁଣର ଉପଯୋଗ ।

| | | | | | | | | |
|---|---|---|---|---|---|---|---|---|
| ୨ | ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କ ପାଇଁ | ଛତୁଆ | ୪.୯ କି.ଗ୍ରା. | ୪.୪୧୦ କି.ଗ୍ରା. | ୭୭୨.୯୮ | ୨୫.୭୨ | | ୧୯୬ ଗ୍ରାମ୍‌ରେ |
| | | ଚିନାବାଦାମ, ରାଶି, ଗୁଡ ଏବଂ ଲଡୁ (ପ୍ରତ୍ୟେକ ଲଡୁ ୨୪.୪ ଗ୍ରାମ୍‌ର) | ୨୫ଟି | | ୧୨୮ | ୪.୬୫ | | ଦିନକୁ ଗୋଟିଏ |
| | | ଅଣ୍ଡା | ୧୨ଟି ସିଝା ଅଣ୍ଡା ପ୍ରତି ସପ୍ତାହ | | ୪୧.୫ | ୩.୨ | | ୩ ପ୍ରତି ସପ୍ତାହ |
| | ଯେଉଁ ଗର୍ଭବତୀ ଓ ପ୍ରସୂତି ମା'ମାନେ ଅଣ୍ଡା ଖାଆନ୍ତି ନାହିଁ, ସେମାନଙ୍କୁ ଅଧିକ ପରିମାଣରେ (ମାସକୁ ୪୧ଗୋଟି) ଚିନାବାଦାମ ଲଡୁ ଦିଆଯିବ । | | | | | | | |

| | | | | | | | | |
|---|---|---|---|---|---|---|---|---|
| ୩ | ଅତ୍ୟନ୍ତ କମ୍ ଓଜନ ର ଶିଶୁମାନଙ୍କ ପାଇଁ (୬ ମାସ ରୁ ୩ ବର୍ଷ ) | ଛତୁଆ | ୪.୯ କି.ଗ୍ରା. | ୪.୪୧୦ କି.ଗ୍ରା. | ୭୭୨.୯୮ | ୨୫.୭୨ | | ୧୯୬ଗ୍ରାମ୍ |
| | | ମାଣ୍ଡିଆ ଓ ବେସନ ବେସନ ଓ ଅଟା ଲଡୁ (୧୯.୬୭ ଗ୍ରାମ୍‌ର ଗୋଟିଏ ଲଡୁ ) | ୮୩ଟି | | ୩୧୧ | ୪.୭ | | ୩.୩୨ ଗୋଟି |
| | | ଅଣ୍ଡା | ୧୨ଟି ସିଝା ଅଣ୍ଡା ପ୍ରତି ସପ୍ତାହ | | ୪୧.୫୨ | ୩.୨ | | ୩ଟି ପ୍ରତି ସପ୍ତାହ |
| | ଯେଉଁ ପିଲାମାନେ ଅଣ୍ଡା ଖାଅନ୍ତି ନାହିଁ ସେମାନଙ୍କୁ ଅଧିକ ପରିମାଣରେ ମାଣ୍ଡିଆ/ ବେସନ କିମ୍ବା ଅଟା ଓ ବେସନ ଲଡୁ (୬୦ ଟା) ଦିଆଯିବ । | | | | | | | |
| | | ସମୁଦାୟ | | | ୧୧୨୫.୫ | ୩୩.୬୨ | | |

| | | | | | | | | |
|---|---|---|---|---|---|---|---|---|
| ୪ | ଅତ୍ୟନ୍ତ କମ୍ ଓଜନ ର ଶିଶୁ (୩ବର୍ଷ ରୁ ୬ ବର୍ଷ) | ଛତୁଆ | ୧.୮ କି.ଗ୍ରା. | ୧.୬୨୦ କି.ଗ୍ରା. | ୨୮୩ | ୯.୪୫ | ୧୨ | ୭୨ ଗ୍ରାମ୍‌ରେ |
| | | ବେସନ ଓ ଅଟା କିମ୍ୱା ମାଣ୍ଡିଆ ଲଡୁ (୧୯.୬୭ ଗ୍ରାମ୍‌ର ପ୍ରତ୍ୟେକ ଲଡୁ ) | | | | | | ୧.୬୮ ଗୋଟି |
| | | ରନ୍ଧା ଖାଦ୍ୟ | | | ୫୬୭.୩୧ | ୧୫.୩ | | |
| | ସମୁଦାୟ | | ୧୦୦୭.୬୧ | ୨୭.୧୫ | | | | |

## ଘରକୁ ନେବା ଶୁଖିଲା ଖାଦ୍ୟ ଯୋଗାଣର ବ୍ୟବଧାନ

| କ୍ର.ନଂ | ଜିନିଷ ପଦାର୍ଥ | ବାଣ୍ଟିବାର/ ବ୍ୟବଧାନ |
|---|---|---|
| ୧ | ଛତୁଆ | ପ୍ରତି ମାସ |
| ୨ | ଶୁଖିଲା ରାସନ୍ ହାଲୱା ପାଇଁ | ପ୍ରତି ମାସ |
| ୩ | ଚିନାବାଦାମ , ଗୁଡ, ଲଡୁ | ପ୍ରତି ମାସ |
| ୪ | ମାଣ୍ଡିଆ ଓ ବେସନ /ଅଟା ଓ ବେସନ ଲଡୁ | ପ୍ରତି ମାସ |

.

| ୫ | ଅଣ୍ଡା | ସପ୍ତାହକୁ |
|---|---|---|
| ୫.୧ | ସାଧାରଣ ଶିଶୁ (୬ ମାସ ରୁ ୩ ବର୍ଷ) | ବୁଧବାର, ଶୁକ୍ରବାର ଓ ଶନିବାର |
| ୫.୨ | ଗର୍ଭବତୀ ମହିଳା ଓ ପ୍ରସୂତି ମହିଳା | ବୁଧବାର, ଶୁକ୍ରବାର ଓ ଶନିବାର |
| ୫.୩ | ଅତ୍ୟନ୍ତ ଦର୍ବଳ ଶିଶୁ (୬ ମାସ ରୁ ୩ ବର୍ଷ) | ବୁଧବାର, ଶୁକ୍ରବାର ଓ ଶନିବାର |

## ଘରକୁ ନେବା ଶୁଖିଲା ଖାଦ୍ୟ ପ୍ରସ୍ତୁତିର ମିଶ୍ରଣ

| ପିଲାମାନଙ୍କ ପାଇଁ (୬ମାସ ରୁ ୩ବର୍ଷ ) ଛତୁଆ ପ୍ରସ୍ତୁତିର ମିଶ୍ରଣ ମାସକୁ ୨.୪୫ କି.ଗ୍ରା. । | | | | | |
|---|---|---|---|---|---|
| କ୍ର. ନଂ | ଖାଦ୍ୟର ପ୍ରକାର | ସାମଗ୍ରୀ | ପରିମାଣ (ଗ୍ରାମ୍‌ରେ) | କ୍ୟାଲୋରୀ (ଦିନକୁ) | ପ୍ରୋଟିନ୍ (ଦିନକୁ) |
| ୧ | ଛତୁଆ | ଗହମ | ୧୫୩୧.୨୫ | | |
| ୨ | | ବୁଟ | ୩୦୬.୨୫ | | |
| ୩ | | ଚିନା ବାଦାମ | ୨୨୯.୬୯ | | |
| ୪ | | ଚିନି | ୩୮୨.୮୧ | | |
| | | ସମୁଦାୟ | ୨୪୫୦ | ୩୮୬ | ୧୨.୮ |

## ଘରକୁ ନେବା ଶୁଖିଲା ଖାଦ୍ୟ ଯୋଗାଣର ବ୍ୟବଧାନ

| ପିଲାମାନଙ୍କ ପାଇଁ (୬ ମାସ ରୁ ୩ ବର୍ଷ ) ସୁଜି, ହାଲଓ୍ୱା ପ୍ରସ୍ତୁତିର ମିଶ୍ରଣ ପ୍ରତ୍ୟେକ ହିତାଧିକାରୀଙ୍କୁ ପ୍ରତ୍ୟେକ ମାସ ୧.୫ କି.ଗ୍ରା. ଦିଆଯିବ । | | | | | |
|---|---|---|---|---|---|
| କ୍ର. ନଂ | ଖାଦ୍ୟର ପ୍ରକାର | ସାମଗ୍ରୀ | ପରିମାଣ ୨୫ ଦିନ ପାଇଁ (ଗ୍ରାମ୍‌ରେ) | କ୍ୟାଲୋରୀ (ଦିନକୁ) | ପ୍ରୋଟିନ୍ (ଦିନକୁ) |
| ୧ | ସୁଜି ହାଲଓ୍ୱା | ସୁଜି | ୭୬୦ | | |
| ୨ | | ବେସନ | ୨୬୦ | | |
| ୩ | | ଚିନି | ୪୦୦ | | |
| ୪ | | ତେଲ | ୮୦ | | |
| | | ସମୁଦାୟ | ୧୫୦୦ | ୨୩୭.୪୩ | ୫.୨୨ |

| ୬ ମାସ ରୁ ୩ ବର୍ଷର ପିଲାମାନଙ୍କ ପାଇଁ ମାଣ୍ଡିଆ ହାଲଓ୍ୱା ପ୍ରସ୍ତୁତିର ମିଶ୍ରଣ ଓ ପ୍ରତ୍ୟେକ ହିତାଧିକାରୀଙ୍କୁ ପ୍ରତ୍ୟେକ ମାସ ୧.୫ କି.ଗ୍ରା. ଦିଆଯିବ । | | | | | |
|---|---|---|---|---|---|
| କ୍ର.ନଂ | ଖାଦ୍ୟର ପ୍ରକାର | ସାମଗ୍ରୀ | ପରିମାଣ ୨୫ ଦିନ ପାଇଁ (ଗ୍ରାମ ରେ) | କ୍ୟାଲୋରୀ | ପ୍ରୋଟିନ୍ |
| ୧ | ମାଣ୍ଡିଆ ହାଲଓ୍ୱା | ମାଣ୍ଡିଆ | ୭୬୦ | | |
| ୨ | | ବେସନ | ୨୬୦ | | |
| ୩ | | ଚିନି | ୪୦୦ | | |
| ୪ | | ତେଲ | ୮୦ | | |

| ୬ ମାସ ରୁ ୩ ବର୍ଷର ପିଲାମାନଙ୍କ ପାଇଁ ମକା ହାଲୱା ପ୍ରସ୍ତୁତିର ମିଶ୍ରଣ ଓ ପ୍ରତ୍ୟେକ ହିତାଧିକାରୀଙ୍କୁ ପ୍ରତ୍ୟେକ ମାସ ୧.୫ କି.ଗ୍ରା. ଦିଆଯିବ । | | | | | |
|---|---|---|---|---|---|
| **କ୍ର.ନଂ** | **ଖାଦ୍ୟର ପ୍ରକାର** | **ସାମଗ୍ରୀ** | **ପରିମାଣ ୨୫ ଦିନ ପାଇଁ (ଗ୍ରାମ୍‌ରେ)** | **କ୍ୟାଲୋରୀ** | **ପ୍ରୋଟିନ୍** |
| ୧ | ମକା ହାଲୱା | ମକା | ୮୦୦.୦ | | |
| ୨ | | ବେସନ | ୩୫୦.୦ | | |
| ୩ | | ଚିନି | ୩୫୦.୦ | | |
| ୪ | | ତେଲ | ୬୯.୨ | | |
| | | **ସମୁଦାୟ** | **୧୫୦୦** | **୨୪୨.୪୩** | **୬.୪୬** |

| ୬ ମାସ ରୁ ୩ ବର୍ଷର ପିଲାମାନଙ୍କ ପାଇଁ ମାଣ୍ଡିଆ ହାଲୱା ପ୍ରସ୍ତୁତିର ମିଶ୍ରଣ ଓ ପ୍ରତ୍ୟେକ ହିତାଧିକାରୀଙ୍କୁ ପ୍ରତ୍ୟେକ ମାସ ୧.୫ କି.ଗ୍ରା. ଦିଆଯିବ । | | | | | |
|---|---|---|---|---|---|
| **କ୍ର.ନଂ** | **ଖାଦ୍ୟର ପ୍ରକାର** | **ସାମଗ୍ରୀ** | **ପରିମାଣ ୨୫ ଦିନ ପାଇଁ (ଗ୍ରାମ ରେ)** | **କ୍ୟାଲୋରୀ** | **ପ୍ରୋଟିନ୍** |
| ୧ | ମାଣ୍ଡିଆ ହାଲୱା | ମାଣ୍ଡିଆ | ୭୬୦ | | |
| ୨ | | ବେସନ | ୨୬୦ | | |
| ୩ | | ଚିନି | ୪୦୦ | | |
| ୪ | | ତେଲ | ୮୦ | | |
| | | **ସମୁଦାୟ** | **୧୫୦୦** | **୨୩୧.୨** | **୪.୩୮** |

| ଗର୍ଭବତୀ ଏବଂ ପ୍ରସୂତି ମା'ମାନଙ୍କ ପାଇଁ ଛତୁଆ ପ୍ରସ୍ତୁତିର ମିଶ୍ରଣ ଓ ପ୍ରତ୍ୟେକ ହିତାଧିକାରୀଙ୍କୁ ପ୍ରତ୍ୟେକ ମାସ ୪.୯ କି.ଗ୍ରା. ଦିଆଯିବ । | | | | | |
|---|---|---|---|---|---|
| କ୍ର.ମି ସଂଖ୍ୟା | ଖାଦ୍ୟର ପ୍ରକାର | ସାମଗ୍ରୀ | ପରିମାଣ (ଗ୍ରାମ୍‌ରେ) | କ୍ୟାଲୋରୀ | ପ୍ରୋଟିନ୍ |
| ୧ | ଛତୁଆ | ଗହମ | ୩୦୬୨.୫ | | |
| ୨ | | ବୁଟ | ୬୧୨.୫ | | |
| ୩ | | ଚିନାବାଦାମ | ୪୫୯.୩୮ | | |
| ୪ | | ଚିନି | ୭୬୫.୬୩ | | |
| | | ସମୁଦାୟ | ୪୯୦୦ | ୭୭୨.୯୮ | ୨୫.୭୨ |

| ଗର୍ଭବତୀ ଏବଂ ପ୍ରସୂତି ମା'ମାନଙ୍କ ପାଇଁ ଚିନାବାଦାମ, ରାଶି, ଗୁଡ ମିଶ୍ରିତ ଚିକି କିମ୍ବା ଲଡୁ । | | | | | |
|---|---|---|---|---|---|
| କ୍ର.ମି ସଂଖ୍ୟା | ଖାଦ୍ୟର ପ୍ରକାର | ସାମଗ୍ରୀ | ପରିମାଣ (ଗ୍ରାମ ରେ) | କ୍ୟାଲୋରୀ | ପ୍ରୋଟିନ୍ |
| ୧ | ଚିନାବାଦାମ, ରାଶି ଏବଂ ଗୁଡ ଚିକି କିମ୍ବା ଲଡୁ- ପ୍ରତ୍ୟେକ ଲଡୁଟିର ଓଜନ ୨୪.୪ ଗ୍ରାମ୍ । | ଚିନାବାଦାମ | ୪୫୦ | | |
| | | ରାଶି | ୧୦ | | |
| | | ଗୁଡ | ୧୫୦ | | |
| | | ସମୁଦାୟ | ୬୧୦ | ୧୨୮.୯୧ | ୪.୬୫ |
| **ସମୁଦାୟ ୨୫ଟି ଲଡୁ ପାଇଁ ସାମଗ୍ରୀ ହେଉଛି ୬୧୦ ଗ୍ରାମ୍ (ପ୍ରତ୍ୟେକ ଲଡୁ ୨୪.୪ ଗ୍ରାମ୍‌ରେ)** | | | | | |

| ୬ ମାସ ରୁ ୩ ବର୍ଷର ଅତ୍ୟନ୍ତ କମ୍ ଓଜନ ପିଲାମାନଙ୍କ ପାଇଁ ଛତୁଆ ପ୍ରସ୍ତୁତିର ମିଶ୍ରଣ ଓ ପ୍ରତ୍ୟେକ ହିତାଧିକାରୀଙ୍କୁ ୪.୯ କି.ଗ୍ରା. ଦିଆଯିବ । | | | | | |
|---|---|---|---|---|---|
| କ୍ର.ନଂ | ଖାଦ୍ୟର ପ୍ରକାର | ସାମଗ୍ରୀ | ପରିମାଣ (ଗ୍ରାମ୍‌ରେ) | କ୍ୟାଲୋରୀ | ପ୍ରୋଟିନ୍ |
| ୧ | ଛତୁଆ | ଗହମ | ୩୦୬୨.୫ | | |
| ୨ | | ବୁଟ | ୬୧୨.୫ | | |
| ୩ | | ଚିନା ବାଦାମ | ୪୫୯.୩୮ | | |
| ୪ | | ଚିନି | ୭୬୫.୬୩ | | |
| | | ସମୁଦାୟ | ୪୯୦୦ | ୭୭୨.୯୮ | ୨୫.୭୨ |

| ୩ ବର୍ଷ ରୁ ୬ ବର୍ଷର ଅତ୍ୟନ୍ତ କମ୍ ଓଜନ ପିଲାମାନଙ୍କ ପାଇଁ ଛତୁଆ ପ୍ରସ୍ତୁତିର ମିଶ୍ରଣ ଓ ପ୍ରତ୍ୟେକ ହିତାଧିକାରୀଙ୍କୁ ୧.୮ କି.ଗ୍ରା. ଦିଆଯିବ । | | | | | |
|---|---|---|---|---|---|
| କ୍ର.ନଂ | ଖାଦ୍ୟର ପ୍ରକାର | ସାମଗ୍ରୀ | ପରିମାଣ (ଗ୍ରାମ୍‌ରେ) | କ୍ୟାଲୋରୀ | ପ୍ରୋଟିନ୍ |
| ୧ | ଛତୁଆ | ଗହମ | ୧୧୩୯ | | |
| ୨ | | ବୁଟ | ୨୧୬ | | |
| ୩ | | ଚିନା ବାଦାମ | ୧୫୯ | | |
| ୪ | | ଚିନି | ୨୮୫ | | |
| | | ସମୁଦାୟ | ୧୮୦୦ | ୨୮୩.୯୫ | ୯.୪୫ |

| କ୍ର.ନଂ | ବିଭାଗ | ବଣ୍ଟନ ଖାଦ୍ୟ | ଭାରତ ସରକାରଙ୍କ | ପରିବର୍ତ୍ତୀତ ନୀୟମ ସରକାର ଦ୍ୱାରା ସଂଶୋଧିତ | | |
|---|---|---|---|---|---|---|
| | | | କ୍ୟାଲୋରୀ | ପ୍ରୋଟିନ୍ | କ୍ୟାଲୋରୀ | ପ୍ରୋଟିନ୍ |
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ଶିଶୁ (୬ମାସ ରୁ ୩ ବର୍ଷ) | ଘରକୁ ନେବା ଖାଦ୍ୟ | ୫୦୦ | ୧୨ ରୁ ୧୫ | ୬୬୪.୪୯ | ୨୧.୩୦ |
| ୨ | ୩ ବର୍ଷ ରୁ ୬ ବର୍ଷର ଶିଶୁ | ସକାଳ ଜଳଖିଆ ଓ ରନ୍ଧା ଖାଦ୍ୟ | ୫୦୦ | ୧୨ ରୁ ୧୫ | ୫୬୭.୩୧ | ୧୫.୩୦ |
| ୩ | ଅତ୍ୟନ୍ତ କମ୍ ଓଜନର ଶିଶୁ (୬ମାସ ରୁ ୩ | ଘରକୁ ନେବା ଶୁଖିଲା ଖାଦ୍ୟ | ୮୦୦ | ୨୦ ରୁ ୨୫ | ୧୧୨୫.୫୦ | ୩୩.୬୨ |
| ୪ | ଅତ୍ୟନ୍ତ କମ୍ ଓଜନର ଶିଶୁ ୩ ବର୍ଷ ରୁ ୬ ବର୍ଷ | ଘରକୁ ନେବା ଶୁଖିଲା ଖାଦ୍ୟ | ୮୦୦ | ୨୧ ରୁ ୨୫ | ୧୦୦୭.୬ | ୨୭.୧୫ |
| ୫ | ଗର୍ଭବତୀ ଏବଂ ପ୍ରସୂତି ମା' | ଘରକୁ ନେବା ଶୁଖିଲା ଖାଦ୍ୟ | ୬୦୦ | ୧୮ ରୁ ୨୦ | ୯୪୨.୪୮ | ୩୩.୫୭ |

# ମଧ୍ୟାହ୍ନ ଭୋଜନ ଯୋଜନା

ମଧ୍ୟାହ୍ନ ଭୋଜନ ଯୋଜନା ଆମ ଦେଶରେ ଅଗଷ୍ଟ ୧୫, ୧୯୯୫ ମସିହାରୁ ଓ ଓଡ଼ିଶାରେ ୨୦୦୪ ମସିହା ସେପ୍ଟେମ୍ବର ମାସ ୧ ତାରିଖରୁ ଆରମ୍ଭ ହୋଇଛି। ଆମ ଦେଶରେ ପ୍ରତ୍ୟେକ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ (୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ) ଛାତ୍ର-ଛାତ୍ରୀମାନଙ୍କୁ ରନ୍ଧା ଖାଦ୍ୟ ପ୍ରତି କାର୍ଯ୍ୟ ଦିବସରେ ମଧ୍ୟାହ୍ନ ସମୟରେ ଦିଆଯିବାର ବ୍ୟବସ୍ଥା ଅଛି।

**ମଧ୍ୟାହ୍ନ ଭୋଜନ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ**

**୬ ରୁ ୧୪ବର୍ଷ ବୟସର ପିଲାମାନଙ୍କର ପୁଷ୍ଟି, ଶିକ୍ଷା ଓ ଖାଦ୍ୟ ଅଧିକାରକୁ ପ୍ରୋତ୍ସାହିତ କରିବା।**

**ହିତାଧିକାରୀ**

- ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ର-ଛାତ୍ରୀ
- ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ର-ଛାତ୍ରୀ

**ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ**

- ଏକା ସ୍ଥାନରେ ଏକାବେଳେ ଖାଇବା ଦ୍ୱାରା ସାମାଜିକ ସମାନତା ଓ ଜାତି ଭେଦ ଦୂର କରିବା;
- ବିଦ୍ୟାଳୟରେ ଛାତ୍ର-ଛାତ୍ରୀଙ୍କ ଉପସ୍ଥାନ ବଢ଼ାଇବା;
- ଶ୍ରେଣୀ ଗୃହରେ କ୍ଷୁଧା ନିବାରଣ କରିବା;
- ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥାର ଉନ୍ନତିରେ ସହାୟକ ହେବା;
- ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ବଢ଼ାଇବା;
- ପିଲାମାନଙ୍କୁ କ୍ଷୁଧାରୁ ସୁରକ୍ଷା ଦେବା ସହ ଅତିରିକ୍ତ ପୁଷ୍ଟିସାର ପ୍ରଦାନ କରିବା।

**ଏବେ ସାରା ରାଜ୍ୟରେ ମଧ୍ୟାହ୍ନ ଭୋଜନରେ ଗୋଟିଏ ପ୍ରକାରର ଖାଦ୍ୟ**

| | |
|---|---|
| ସୋମବାର ଓ ଗୁରୁବାର | ଭାତ ଓ ଡ଼ାଲମା |
| ମଙ୍ଗଳବାର ଓ ଶୁକ୍ରବାର | ଭାତ ଓ ସୋୟା ବଡି ତରକାରୀ |
| ବୁଧବାର ଓ ଶନିବାର | ଭାତ ଓ ଅଣ୍ଡା ତରକାରୀ |

**ମନେରଖନ୍ତୁ:**

- କୌଣସି ଶିଶୁକୁ ଜାତି, ଲିଙ୍ଗ ତଥା ବର୍ଣ୍ଣ ଆଧାରରେ ଅଲଗା ବସି କିମ୍ବା ଅଲଗା ପାତ୍ରରେ ଖାଇବାକୁ ବାଧ କରାଯାଇ ପାରିବ ନାହିଁ।
- ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ମଝିରେ ମଝିରେ ସ୍କୁଲକୁ ଯାଇ ମଧ୍ୟାହ୍ନ ଭୋଜନର ଗୁଣ ଓ ମାନ ପରୀକ୍ଷା କରିବା ବିଧେୟ।

## ଏବେ ସାରା ରାଜ୍ୟରେ ମଧ୍ୟାହ୍ନ ଭୋଜନରେ ଗୋଟିଏ ପ୍ରକାରର ଖାଦ୍ୟ

**ସ୍କୁଲମାନଙ୍କରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର-ଛାତ୍ରୀମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ**

**ଦୈନିକ ଟ.୪.୫୮ ପ.ରେ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନ (୧ ଜୁଲାଇ ୨୦୧୬ ଠାରୁ)**

| ବାର | ଦ୍ରବ୍ୟ | ପରିମାଣ |
|---|---|---|
| ସୋମବାର ଓ ଗୁରୁବାର | ୧୦୦ ଗ୍ରାମ୍ ଚାଉଳରେ ପ୍ରସ୍ତୁତ ଭାତ | ୨୫ ଗ୍ରାମ୍ ଡ଼ାଲି, ୫ ଗ୍ରାମ୍ ତେଲ ଓ ୫୦ ଗ୍ରାମ୍ ପନିପରିବାରେ ପ୍ରସ୍ତୁତ ଡ଼ାଲମା । |
| ମଙ୍ଗଳବାର ଓ ଶୁକ୍ରବାର | ୧୦୦ ଗ୍ରାମ୍ ଚାଉଳରେ ପ୍ରସ୍ତୁତ ଭାତ | ୧୨ ଗ୍ରାମ୍ ସୋୟା ବଡ଼ି, ୫ ଗ୍ରାମ୍ ତେଲ ଓ ୧୦୦ ଗ୍ରାମ୍ ପନିପରିବାରେ ପ୍ରସ୍ତୁତ ସୋୟା ବଡି ତରକାରୀ |
| ବୁଧବାର ଓ ଶନିବାର | ୧୦୦ ଗ୍ରାମ୍ ଚାଉଳରେ ପ୍ରସ୍ତୁତ ଭାତ | ୧ଟି ଅଣ୍ଡା, ୫ ଗ୍ରାମ୍ ତେଲ ଓ ୨୦ ଗ୍ରାମ୍ ପନିପରିବାରେ ପ୍ରସ୍ତୁତ ଅଣ୍ଡା ତରକାରୀ |

ସ୍କୁଲମାନଙ୍କରେ ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର-ଛାତ୍ରୀମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ

**ଦୈନିକ ଟ.୬.୮୩ ପ.ରେ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନ (୧ ଜୁଲାଇ ୨୦୧୬ ଠାରୁ)**

| ବାର | ଦ୍ରବ୍ୟ | ପରିମାଣ |
|---|---|---|
| ସୋମବାର ଓ ଗୁରୁବାର | ୧୫୦ ଗ୍ରାମ୍ ଚାଉଳରେ ପ୍ରସ୍ତୁତ ଭାତ | ୩୦ ଗ୍ରାମ୍ ଡ଼ାଲି, ୭.୫ ଗ୍ରାମ୍ ତେଲ ଓ ୧୦୦ଗ୍ରାମ୍ ପନିପରିବାରେ ପ୍ରସ୍ତୁତ ଡ଼ାଲମା । |
| ମଙ୍ଗଳବାର ଓ ଶୁକ୍ରବାର | ୧୫୦ ଗ୍ରାମ୍ ଚାଉଳରେ ପ୍ରସ୍ତୁତ ଭାତ | ୨୫ ଗ୍ରାମ୍ ସୋୟା ବଡ଼ି, ୭.୫ ଗ୍ରାମ୍ ତେଲ ଓ ୧୦୦ଗ୍ରାମ୍ ପନିପରିବାରେ ପ୍ରସ୍ତୁତ ସୋୟା ବଡି ତରକାରୀ |
| ବୁଧବାର ଓ ଶନିବାର | ୧୫୦ ଗ୍ରାମ୍ ଚାଉଳରେ ପ୍ରସ୍ତୁତ ଭାତ | ୧ଟି ଅଣ୍ଡା, ୭.୫ ଗ୍ରାମ୍ ତେଲ ଓ ୧୦୦ ଗ୍ରାମ୍ ପନିପରିବାରେ ପ୍ରସ୍ତୁତ ଅଣ୍ଡା ତରକାରୀ |

**ଅଭିଯୋଗ ଶୁଣାଣି**

- କୌଣସି ଅଭିଯୋଗ ଥିଲେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ
- ଗୋଷ୍ଠୀ ଉନ୍ନୟନ ଅଧିକାରୀ/ବ୍ଲକ୍ ଶିକ୍ଷା ଅଧିକାରୀ
- ଜିଲ୍ଲାପାଳ କିମ୍ବା ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ (ପିଡ଼ିଡ଼ିଆରଡ଼ିଏ) ।
- ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ, ଓଡ଼ିଶା ଖାଦ୍ୟ ଆୟୋଗ;
- ରାଜ୍ୟସ୍ତରର **ଟୋଲ ଫ୍ରି ନଂ. ୧୮୦୦ ୩୪୫ ୬୭୨୨**ରେ ମଧ୍ୟ ଆପଣ ଅଭିଯୋଗ କରିପାରିବେ ।

# ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା

ବାର୍ଦ୍ଧକ୍ୟ ଭତ୍ତା ବୟୋଜ୍ୟେଷ୍ଠ ନାଗରିକଙ୍କର ବଞ୍ଚିବାର ଅଧିକାରକୁ ନିଶ୍ଚିତ କରିଥାଏ। ୬୦ବର୍ଷ କିମ୍ବା ତଦୁର୍ଦ୍ଧ ବ୍ୟକ୍ତି, ଯାହାର କି ଜୀବୀକା ପାଇଁ କୌଣସି ସହାୟତା ନାହିଁ, ତାକୁ ଏହି ଯୋଜନା ମାଧ୍ୟମରେ ଉଭୟ ଖାଦ୍ୟ ନିରାପତ୍ତା ଏବଂ ସାମାଜିକ ନିରାପତ୍ତା ପ୍ରଦାନ କରାଯାଇଥାଏ।

ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାର ପୃଷ୍ଠଭୂମି

ଏହି ଯୋଜନା ପାଇଁ ନିର୍ଦ୍ଧାରଣ କରାଯାଇଥିବା ତିନି ଗୋଟି ମାନଦଣ୍ଡ ହେଉଛି:- ବି.ପି.ଏଲ୍. ସ୍ଥିତି, ଅଭାବଗ୍ରସ୍ତ ସ୍ଥିତି ଏବଂ ୬୦ବର୍ଷ ବୟସରୁ ଅଧିକ;

**ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ପାଇଁ ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ମାନଦଣ୍ଡ।**

- ହିତାଧିକାରୀ ବିପିଏଲ୍ ତାଲିକାଭୁକ୍ତ ପରିବାରର ସଦସ୍ୟ ହୋଇଥିବେ (ଜୁନ୍ ୩୦, ୨୦୧୧)।
- ହିତାଧିକାରୀଙ୍କ ବୟସ ୬୦ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ହୋଇଥିବ (ନଭେମ୍ବର ୮, ୨୦୧୨)।

**ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ଯୋଜନା ପାଇଁ ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ମାନଦଣ୍ଡ।**

- ହିତାଧିକାରୀ ବିପିଏଲ୍ ତାଲିକାଭୁକ୍ତ ପରିବାରର ସଦସ୍ୟ ହୋଇଥିବେ (ଜୁନ୍ ୩୦, ୨୦୧୧)।
- ହିତାଧିକାରୀଙ୍କ ବୟସ ୪୦-୭୯ବର୍ଷ ଭିତରେ ହୋଇଥିବା ଆବଶ୍ୟକ (ନଭେମ୍ବର ୮, ୨୦୧୨)।
- ହିତାଧିକାରୀଙ୍କ ଭତ୍ତା ରଦ୍ଦ ହେବ ଯଦି ସେ ପୁନଃବିବାହ କରନ୍ତି (ସେପ୍ଟେମ୍ବର ୩୦, ୨୦୦୯)।
- ହିତାଧିକାରୀ ଯଦି ବିପିଏଲ୍‌ରୁ ଏପିଏଲ୍ ପରିବାରର ତାଲିକାଭୁକ୍ତ ହୁଅନ୍ତି (ସେପ୍ଟେମ୍ବର ୩୦, ୨୦୦୯)।

**ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ଯୋଜନା ପାଇଁ ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ମାନଦଣ୍ଡ।**

- ହିତାଧିକାରୀ ୪୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହୋଇଥିବେ (ସେପ୍ଟେମ୍ବର ୩୦, ୨୦୦୯)।
- ହିତାଧିକାରୀ ବିପିଏଲ୍ ତାଲିକାଭୁକ୍ତ ପରିବାରର ସଦସ୍ୟ ହୋଇଥିବେ (ଜୁନ୍ ୩୦, ୨୦୧୧)।
- ହିତାଧିକାରୀଙ୍କ ବୟସ ୧୮-୭୯ବର୍ଷ ଭିତରେ ହୋଇଥିବା ଆବଶ୍ୟକ (ନଭେମ୍ବର ୮, ୨୦୧୨)।

# ମଧୁବାବୁ ପେନ୍‌ସନ୍ ଯୋଜନା (ଏମ୍.ବି.ପି.ୱାଇ)

**ଏହି ଯୋଜନା ଓଡ଼ିଶା ସରକାରଙ୍କର ଅଟେ ।**

- ଏହା ଆମ ରାଜ୍ୟରେ ୨୦୦୮ ମସିହା ଜାନୁଆରୀ ୧ ତାରିଖରେ କାର୍ଯ୍ୟକାରୀ ହେଲା । କେବଳ ଓଡ଼ିଶା ରାଜ୍ୟର ସ୍ଥାୟୀ ବାସିନ୍ଦାମାନଙ୍କ ନିମନ୍ତେ ପ୍ରଯୁଜ୍ୟ ।
- ଯେଉଁମାନଙ୍କର ବୟସ ୬୦ବର୍ଷ ବା ଉର୍ଦ୍ଧ୍ୱ ହୋଇଥିବ ଏବଂ ତାଙ୍କର ଆୟ ୨୪୦୦୦/- ଟଙ୍କାରୁ ଅଧିକ ହୋଇ ନଥିବ, ସେହି ପରିବାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ।
- ଦାରିଦ୍ର୍ୟ ସୀମାରେଖା ଉପରେ (ଏ.ପି.ଏଲ୍) ବାସ କରୁଥିବା ପରିବାରଙ୍କୁ ବାର୍ଷିକ ଆୟର ପ୍ରମାଣପତ୍ର ଏହି ଯୋଜନା ନିମନ୍ତେ ଆବଶ୍ୟକ ।
- ବିଧବା, କୁଷ୍ଠରୋଗୀ, ବିକଳାଙ୍ଗ, ଏବଂ ଏଚ୍.ଆଇ.ଭି/ଏଡ଼ସ୍ ରୋଗୀ ଏହି ଭତ୍ତା ପାଇବାକୁ ଯୋଗ୍ୟ ଅଟନ୍ତି । ଏମାନଙ୍କ କ୍ଷେତ୍ରରେ ବୟସ ପ୍ରମାଣପତ୍ର ଆବଶ୍ୟକ ନାହିଁ ।
- ଏହି ଯୋଜନା ଅନୁଯାୟୀ ହିତାଧିକାରୀ ପ୍ରତ୍ୟେକ ମାସର ୧୫ ତାରିଖ ସୁଦ୍ଧା ଟ.୫୦୦.୦୦ପଇସା ପାଇବେ ।
- ହିତାଧିକାରୀଙ୍କ ବୟସ ୮୦ବର୍ଷ ପୂରଣ ହେଲେ ସେ ମାସିକ ୭୦୦ଟଙ୍କା ଭତ୍ତା ପାଇବେ ।
- ଏହି ଯୋଜନା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପାଇଁ ପ୍ରଯୁଜ୍ୟ ଅଟେ ।
- ପୂର୍ବରୁ ଯେଉଁମାନେ କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କ ଠାରୁ ଯେ କୌଣସି ଭତ୍ତା ପାଉଥିବେ ସେମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିବେ ନାହିଁ ।
- ଗୋଟିଏ ପରିବାରରେ ଉଭୟ ପୁରୁଷ ଓ ମହିଳା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ । ଯଦି ତାଙ୍କର ବାର୍ଷିକ ଆୟ ୨୪ ହଜାର ଟଙ୍କାରୁ ଅଧିକ ହେଉ ନଥିବ ।

- ଭତ୍ତା ନିମନ୍ତେ ଦରଖାସ୍ତ ଆବେଦନ କରିବାର ପ୍ରଣାଳୀ
- ଭତ୍ତା ପାଇବା ନିମନ୍ତେ ଆବେଦନ ଫର୍ମ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ/ବ୍ଲକ୍ ଉନ୍ନୟନ ଅଧିକାରୀ/ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟାଳୟରେ ଏହି ଫର୍ମଟି ବିନା ମୂଲ୍ୟରେ ମିଳେ ।
- ଆବେଦନ ଫର୍ମଟିକୁ ପୁରଣ କରି ତା'ସହିତ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ/ବ୍ଲକ୍ ଉନ୍ନୟନ ଅଧିକାରୀ ଓ ସହରାଞ୍ଚଳ ନିମନ୍ତେ ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ।
- ବିକଳାଙ୍ଗ ଓ ଏଡ଼ସ୍ ରୋଗୀମାନଙ୍କ କ୍ଷେତ୍ରରେ ଫର୍ମ ମାଧ୍ୟମରେ ଆବେଦନ କରିବା ପ୍ରଣାଳୀ ପ୍ରଯୁଜ୍ୟ ନୁହେଁ । ଅର୍ଥାତ୍ ସେମାନଙ୍କର ମୂଳ ପ୍ରମାଣପତ୍ର ଅନୁଯାୟୀ ଭତ୍ତା ପାଇବାକୁ ଯୋଗ୍ୟ ଅଟନ୍ତି ।

**ଅଭିଯୋଗ ଶୁଣାଣି**

ହିତାଧିକାରୀମାନେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସିଧାସଳଖ ଦରଖାସ୍ତ ମାଧ୍ୟମରେ ଅଭିଯୋଗ କରିପାରିବେ । ବ୍ଲକ୍‌ସ୍ତରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସବ୍‌ଡ଼ିଭିଜନସ୍ତରରେ ଉପ-ଜିଲ୍ଲାପାଳ, ଜିଲ୍ଲାସ୍ତରରେ ଜିଲ୍ଲାପାଳ ଏବଂ ରାଜ୍ୟସ୍ତରରେ, ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗୀୟ ଅଧିକାରୀଙ୍କ ସ୍ତରରେ ।

# ଅଟଳ ପେନ୍‌ସନ୍ ଯୋଜନା

- ଏଅଟଳ ପେନ୍‌ସନ୍ ଯୋଜନାକୁ ପୂର୍ବରୁ ସ୍ୱାବଲମ୍ବନ ଯୋଜନା ନାମରେ ପରିଚିତ ଥିଲା । ଭାରତ ସରକାରଙ୍କ ସହଯୋଗରେ ଏହା ୨୦୧୫ ମସିହାରୁ କାର୍ଯ୍ୟକାରୀ ହୋଇ ଆସୁଅଛି । ଅଟଳ ପେନ୍‌ସନ୍ ଯୋଜନା ଏକ ଗ୍ୟାରେଣ୍ଟିକୃତ ପେନ୍‌ସନ୍ ଯୋଜନା । ଏହି ଯୋଜନା ପେନ୍‌ସନ୍ ଫଣ୍ଡ୍ ଏବଂ ଡ଼େଭେଲପ୍‌ମେ ଅଥରିଟିଙ୍କ ମାଧ୍ୟମରେ ଭାରି ସରକାରଙ୍କ ଦ୍ୱାରା ପରିଚାଳନା କରାଯାଉଅଛି ।

୨୦୧୫ ମସିହା ମଇ ମାସ ୯ତାରିଖ ଦିନ କୋଲକାତାଠାରେ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଶୁଭାରମ୍ଭ କରିଥିଲେ । ପୂର୍ବ ସ୍ୱାବଲମ୍ବନ ଯୋଜନାରେ ଥିବା ତ୍ରୁଟି ବିଚ୍ୟୁତିକୁ ସୁଧାର ଆଣି ନବୀକୃତ କରାଯାଇ ଏହାର ନାମ ଅଟଳ ପେନ୍‌ସନ୍ ଯୋଜନା ରଖାଗଲା, ପୂର୍ବରୁ ସ୍ୱାବଲମ୍ବନ ଯୋଜନାର ସମସ୍ତ ଗ୍ରାହକଙ୍କୁ ଏହି ଯୋଜନାରେ ସାମିଲ କରାଯିବାର ସମସ୍ତ ବନ୍ଦୋବସ୍ତ କରାଗଲା ।

**ଅଟଳ ପେନ୍‌ସନ୍ ଯୋଜନାର ଉଦ୍ଦେଶ୍ୟ**

ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆର୍ଥିକ ରୂପେ ପଛୁଆ, ଅଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଗରିବ ଲୋକ ନିଜର ବୃଦ୍ଧାବସ୍ଥା ସମୟରେ ଆର୍ଥିକ ଅନାଟନରୁ ମୁକୁଳିବା ପାଇଁ ନିଜର ଯୁବାବସ୍ଥାରେ ଏହି ଯୋଜନା ମାଧ୍ୟମରେ ନିଜ ପାଇଁ ଆର୍ଥିକ ସହାୟତା ଅର୍ଜନ କରିପାରିବେ ।

**ଅଟଳ ପେନ୍‌ସନ୍ ଯୋଜନାର ଲାଭ ନେବା ପାଇଁ ଯୋଗ୍ୟତା**

- ଗ୍ରାହକ ଭାରତୀୟ ହୋଇଥିବେ । ଏଥିରେ ସାମିଲ ହେବା ପାଇଁ ୧୮ବର୍ଷରୁ ୪୦ବର୍ଷ ବୟସସୀମା ଭିତରେ ହୋଇଥିବା ଦରକାର । ଏହି ଯୋଜନା ପାଇଁ ସର୍ବନିମ୍ନ ୨୦ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ପ୍ରିମିୟମ୍ ଭରିବାକୁ ହେବ ।
- ଏହି ଯୋଜନାର ଲାଭ ସେହିମାନଙ୍କୁ ମିଳିବ ଯେଉଁମାନେ ଆୟକରଦାତା ନୁହଁନ୍ତି ଏବଂ ୨୦୧୬ ମସିହା ୩୧ ମାର୍ଚ୍ଚ ପୂର୍ବରୁ ଏହି ଯୋଜନା ପାଇଁ ନିଜର ନାମ ପଞ୍ଜିକରଣ କରାଇଛନ୍ତି ।

**ଆବଶ୍ୟକ ନଥିପତ୍ର**

ଏହି ଯୋଜନା ନିମନ୍ତେ ଆଧାର କାର୍ଡ଼, ବ୍ୟାଙ୍କ ଜମାଖାତା ସହ ବାସସ୍ଥାନ ପ୍ରମାଣପତ୍ର ନିମନ୍ତେ ରାସନକାର୍ଡ଼ କିମ୍ବା ବ୍ୟାଙ୍କ ପାସ୍‌ବୁକ୍‌ର ନକଲ କିମ୍ବା ବାସସ୍ଥାନ ପ୍ରମାଣପତ୍ର ଆବଶ୍ୟକ ।

**ଅଟଳ ପେନ୍‌ସନ୍ ଯୋଜନାର ପ୍ରମୁଖ ବିଶେଷତା**

- ଏହି ଯୋଜନା ପାଇଁ ଭାରତ ସରକାରଙ୍କର ୫୦ପ୍ରତିଶତ ସହଯୋଗ ରହିବ । ଏହା ପ୍ରତିବର୍ଷ ଆପଣଙ୍କ ଜମାଖାତାରେ ଜମା ହେବ । ଯଦି ଆପଣ କୌଣସି ପ୍ରକାରେ କୌଣସି ବି ସାମାଜିକ ସୁରକ୍ଷା ଯୋଜନାର ଲାଭ ପାଉ ଥାଆନ୍ତି ତେବେ ଆପଣଙ୍କ ଜମାଖାତାରେ ଏହା ଜମା ହେବ ନାହିଁ ।
- ପ୍ରଥମ ୫ବର୍ଷ ପର୍ଯ୍ୟନ୍ତ ସରକାରଙ୍କର ସହାୟତା ରହିବ । ଏହି ଯୋଜନା ପାଇଁ ଖୋଲା ଯାଇଥିବା ଜମାଖାତାକୁ ପ୍ରଧାନମନ୍ତ୍ରୀ ଜନଧନ ପାଇଁ ଖୋଲାଯାଇଥିବା ଜମାଖାତା ସହ ଯୋଡ଼ାଯିବ । ଏଥିରେ ଅଟୋ ଡ଼େବିଟ୍ ବ୍ୟବସ୍ଥା ରହିବ ତେଣୁ ହିତାଧିକାରୀଙ୍କୁ ତାରିଖ ମନେ ରଖିବା ଆବଶ୍ୟକତା ନାହିଁ ।

- ଏହି ଯୋଜନା ମାଧ୍ୟମରେ ୬୦ବର୍ଷ ପରେ ହିଁ ହିତାଧିକାରୀଙ୍କୁ ପେନ୍‌ସନ୍ ମିଳିବାର ବ୍ୟବସ୍ଥା କରାଯିବ। ଯଦି ୬୦ବର୍ଷ ପୂର୍ବରୁ ହିତାଧିକାରୀଙ୍କର ମୃତ୍ୟୁ ହୁଏ ତେବେ ଜମାରାଶି ସହ ସୁଧ ମଧ୍ୟ ପ୍ରଦାନ କରାଯିବ।
- ଏହାପରେ ହିତାଧିକାରୀଙ୍କ ଆକାଉଣ୍ଟକୁ ବନ୍ଦ କରିଦିଆଯିବ। ଯଦି ହିତାଧିକାରୀଙ୍କର ମୃତ୍ୟୁ ୬୦ବର୍ଷ ପରେ ହୁଏ ତେବେ ପେନ୍‌ସନ୍ ରାଶି ତାଙ୍କର ସ୍ତ୍ରୀ କିମ୍ବା ତାଙ୍କର ସ୍ୱାମୀଙ୍କୁ ପ୍ରଦାନ କରାଯିବ। ହିତାଧିକାରୀଙ୍କ ଦ୍ୱାରା ନାମାଙ୍କିତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ଆଧାର କାର୍ଡ଼ ହିଁ ଆବଶ୍ୟକ ନଥିପତ୍ର ହେବ।

- **ଅଟଳ ପେନ୍‌ସନ୍ ଯୋଜନାରେ ସହାୟତା ରାଶି :**
- ଏହି ଯୋଜନା ଅଧିନରେ ୧୦୦୦ଟଙ୍କାରୁ ୫୦୦୦ଟଙ୍କା ଭିତରେ ସହାୟତା ରାଶି ମାସିକ ମିଳିପାରିବ। ହିତାଧିକାରୀଙ୍କ ବୟସ ଓ ଆର୍ଥିକ ଯୋଗଦାନ ଉପରେ ଏହା ନିର୍ଭର କରେ।
- ହିତାଧିକାରୀ ଯେତେଟଙ୍କା ପାଇବା ପାଇଁ ଚାହୁଁଛନ୍ତି ସେହି ଅନୁସାରେ ପ୍ରିମିୟମ୍ ୨୦ବର୍ଷ ଭିତରେ ହିଁ ଜମା କରିବାକୁ ହେବ।
- ଏହି ଯୋଜନାରେ ହିତାଧିକାରୀ ଯେଉଁ ବୟସରେ ଯୋଗଦାନ କରୁଛନ୍ତି, ସେହି ବୟସ ଅନୁସାରେ ପ୍ରିମିୟମ୍ ଅର୍ଥ ନିର୍ଦ୍ଧାରିତ ହେବ। ଯେପରିକି:-

| କ୍ର.ନଂ | ବୟସ | ୧୦୦୦ଟଙ୍କା ପାଇଁ ଅଂଶଦାନ | ୨୦୦୦ଟଙ୍କା ପାଇଁ ଅଂଶଦାନ | ୩୦୦୦ଟଙ୍କା ପାଇଁ ଅଂଶଦାନ | ୪୦୦୦ଟଙ୍କା ପାଇଁ ଅଂଶଦାନ | ୫୦୦୦ଟଙ୍କା ପାଇଁ ଅଂଶଦାନ |
|---|---|---|---|---|---|---|
| ୧. | ୧୮ | ୪୨ | ୮୪ | ୧୨୬ | ୧୬୮ | ୨୧୦ |
| ୨. | ୨୦ | ୫୦ | ୧୦୦ | ୧୫୦ | ୧୯୮ | ୨୪୮ |
| ୩. | ୨୫ | ୭୬ | ୧୫୧ | ୨୨୬ | ୩୦୧ | ୩୭୬ |
| ୪. | ୩୦ | ୧୧୬ | ୨୩୧ | ୩୪୭ | ୪୬୨ | ୫୭୭ |
| ୫. | ୩୫ | ୧୮୧ | ୩୬୨ | ୫୪୩ | ୭୨୨ | ୯୦୨ |
| ୬. | ୪୦ | ୨୯୧ | ୫୮୨ | ୮୭୩ | ୧୧୬୪ | ୧୪୫୪ |
| ସହାୟତା ମିଳିବ | ୧.୭ଲକ୍ଷ | ୩.୪ଲକ୍ଷ | ୫.୧ଲକ୍ଷ | ୬.୮ଲକ୍ଷ | ୮.୫ଲକ୍ଷ | |

**ଏହି ଯୋଜନା ଅଧିନରେ ଯଦି ହିତାଧିକାରୀ ପ୍ରିମିଅମ୍ ଅର୍ଥ ଜମା କରିବାରେ ବିଳମ୍ବ କରନ୍ତି, ତେବେ ସେମାନଙ୍କୁ ନିମ୍ନପ୍ରକାରେ ଜରିମାନା ଦେବାକୁ ପଡ଼ିବ ।**

- ପ୍ରତିମାସ ପ୍ରିମିଅମ୍ ରାଶି ୧୦୦ ଟଙ୍କା ପାଇଁ ମାସକୁ ୧ ଟଙ୍କା ଜରିମାନା;
- ପ୍ରତିମାସ ପ୍ରିମିଅମ୍ ରାଶି ୧୦୦ ଟଙ୍କାରୁ ୫୦୦ଟଙ୍କା ପାଇଁ ମାସକୁ ୨ ଟଙ୍କା ଜରିମାନା;
- ପ୍ରତିମାସ ପ୍ରିମିଅମ୍ ରାଶି ୫୦୧ ଟଙ୍କାରୁ ୧୦୦୦ଟଙ୍କା ପାଇଁ ମାସକୁ ୫ଟଙ୍କା ଜରିମାନା;
- ପ୍ରତିମାସ ପ୍ରିମିଅମ୍ ରାଶି ୧୦୦୦ଟଙ୍କାରୁ ଅଧିକ ପାଇଁ ମାସକୁ ୧୦ଟଙ୍କା ଜରିମାନା;
- ୬ମାସ ପର୍ଯ୍ୟନ୍ତ ଅଂଶଧନ ଜମା ନହେଲେ ସରକାରୀ ସହାୟତା ବନ୍ଦ କରିଦିଆଯିବ;
- ୧୨ମାସ ପର୍ଯ୍ୟନ୍ତ ଅଂଶଧନ ଜମା ନହେଲେ ଖାତାକୁ ସଂପୂର୍ଣ୍ଣ ବନ୍ଦ କରିଦିଆଯିବ ।

# ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା

ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ଭାରତର ଗରିବ ପରିବାରର ମହିଳାମାନଙ୍କ ଚେହେରାରେ ଖୁସି ଆଣିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୬ ମସିହା ମଇମାସ ଏକ ତାରିଖଠାରୁ କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ଅନ୍ତର୍ଗତ ଗରିବ ମହିଳାମାନଙ୍କୁ ମାଗଣାରେ ଏଲ୍.ପି.ଜି ରନ୍ଧନ ଗ୍ୟାସ ସଂଯୋଗ ମିଳିପାରିବ । କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଯୋଜନା ଦ୍ୱାରା ଆମ ଦେଶ, ଆମ ରାଜ୍ୟର ଗରିବ ମହିଳାମାଙ୍କୁ ଜାଳ କାଠ, ମାଟି ଚୁଲ୍ଲାରେ ରୋଷେଇ କରିବାରୁ ମୁକ୍ତି ମିଳିବ । ମା'ମାନଙ୍କ ପାଇଁ ସମୟ ବଞ୍ଚିବ । ଗ୍ୟାସ ବିତରଣ କ୍ଷେତ୍ରରେ ଯୁବକମାନଙ୍କୁ ନିଯୁକ୍ତି ମିଳିପାରିବ ।

**ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ :**

- ଗ୍ରାମୀଣ କ୍ଷେତ୍ରରେ ରେଷେଇ କରିବା ପାଇଁ ଜାଳ କାଠ ବ୍ୟବହାର କରିବା ପରିବର୍ତ୍ତେ ଏଲ୍.ପି.ଜି ରନ୍ଧନ ଗ୍ୟାସ ବ୍ୟବହାରକୁ ବୃଦ୍ଧି କରିବା;
- ଉହିଳାମାନଙ୍କୁ ସଶକ୍ତୀକରଣ କରିବା ଏବଂ ସେମାନଙ୍କର ସ୍ୱାସ୍ଥ୍ୟର ସୁରକ୍ଷା କରିବା ।

**ହିତାଧିକାରୀ**

**ଆମ ଦେଶ ଏବଂ ରାଜ୍ୟର ପ୍ରତ୍ୟେକ ବିପିଏଲ୍ ପରିବାର, ଯେଉଁମାନଙ୍କର ବିପିଏଲ୍ କାର୍ଡ଼ ଅଛି ।**

**ଆବେଦନ ପ୍ରକ୍ରିୟା**

- ଉଜ୍ଜଳା ଯୋଜନାରେ ରୋଷେଇ ଏଲ୍.ପି.ଜି ରନ୍ଧନ ଗ୍ୟାସ ପାଇବା ପାଇଁ ଆବେଦନ କରିବା ବହୁତ ସହଜ ଅଟେ ।
- ଏଥିପାଇଁ ଆପଣଙ୍କ ପାଖରେ ପରିବାରର ବିପିଏଲ୍ ରାସନ କାର୍ଡ଼ ଥିବା ଆବଶ୍ୟକ ।
- ଇଚ୍ଛୁକ ହିତାଧିକାରୀ ଯେଉଁମାନେ ଏଲ୍.ପି.ଜି ରନ୍ଧନ ଗ୍ୟାସ ପାଇବା ପାଇଁ ଚାହୁଁଛନ୍ତି, ସେମାନେ ଯୋଜନାର ଆବେଦନ ପତ୍ର ପୂରଣ କରି ନିକଟରେ ଥିବା ଏଲ୍.ପି.ଜି ରନ୍ଧନ ଗ୍ୟାସ ବିତରଣ କେନ୍ଦ୍ରରେ ଦାଖଲ କରିବାକୁ ହେବ ।
- ଆବେଦନ ପତ୍ରରେ ସମସ୍ତ ତଥ୍ୟ ପୂରଣ କରିବେ । ଯେପରିକି ନିଜର ନାମ, ଠିକଣା, ଆଧାର କାର୍ଡ଼ ନମ୍ବର ତଥା ଜନଧନ ବ୍ୟାଙ୍କ ଖାତା ନମ୍ବର ଲେଖି ଏଲ୍.ପି.ଜି ରନ୍ଧନ ଗ୍ୟାସ ବିତରଣ କେନ୍ଦ୍ରରେ ଦାଖଲ କରିବାକୁ ହେବ ।
- ଆବେଦନ ପତ୍ରରେ ଆପଣଙ୍କୁ ଉଲ୍ଲେଖ କରିବାକୁ ହେବ ଯେ ଆପଣ ୧୪.୨ କି.ଗ୍ରା. ବିଶିଷ୍ଟ କିମ୍ବା ୫ କି.ଗ୍ରା. ବିଶିଷ୍ଟ ଗ୍ୟାସ ସିଲିଣ୍ଡର ଚାହାଁନ୍ତି ।

**ସହାୟତା :**

ପ୍ରତ୍ୟେକ ଏଲ୍.ପି.ଜି ରନ୍ଧନ ଗ୍ୟାସ ସଂଯୋଗ ପାଇଁ ପରିବାର ପିଛା ୧୬୦୦ଟଙ୍କାର ରିହାତି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ଆମ ଦେଶରେ ୨୦୧୫ ମସିହା ଜୁନ ମାସ ୧୫ତାରିଖ ଦିନ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଯୋଜନା 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା'ର ଶୁଭାରମ୍ଭ ହୋଇଥିଲା । ଆମ ଦେଶରେ ଆର୍ଥିକ ଦୃଷ୍ଟିକୋଣରୁ କମ୍‌ଜୋର ବର୍ଗ ପରିବାରଙ୍କ ମୌଳିକ ଆବଶ୍ୟକତାକୁ ଆଖିଆଗରେ ରଖି, ନିଜସ୍ୱ ବାସଗୃହର ସ୍ୱପ୍ନକୁ ପୂରା କରିବା ଦିଗରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ।

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଉଦ୍ଦେଶ୍ୟ**

- ୨୦୨୨ ମସିହା ସୁଦ୍ଧା ଦେଶର ଆର୍ଥିକ ଦୃଷ୍ଟିକୋଣରୁ ପଛୁଆ ବର୍ଗ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ମହିଳା, ବିଧବା, ସମାଜର ଉପେକ୍ଷିତ ବର୍ଗ କିନ୍ନର, ସହରରେ ବସବାସ କରୁଥିବା ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ବର୍ଗ ପରିବାରଙ୍କ ନିଜସ୍ୱ ବାସଗୃହ ସ୍ୱପ୍ନକୁ ପୂରା କରିବା ।
- ଉପେକ୍ଷିତ ବୃଦ୍ଧ ବ୍ୟକ୍ତି, ଶାରୀରିକ ରୂପେ ବିକଳାଙ୍ଗ ବ୍ୟକ୍ତିଙ୍କ ପାଇଁ ଏହି ଯୋଜନାରେ ଗ୍ରାଉଣ୍ଡ ଫ୍ଲୋର ଘର ଦେବା ପାଇଁ ପ୍ରାଥମିକତା ଦିଆଯିବ ।

**ପ୍ରଧାନମନ୍ତ୍ରୀ ଆବାସ ପାଇଁ ଯୋଗ୍ୟତା**

- ଏହି ଯୋଜନାର ହିତାଧିକାରୀ ପାଇଁ ୨୦୧୧ ଜନଗଣନା ସର୍ଭେ ଅନୁସାରେ ଆପଣଙ୍କ ନାମ ଗ୍ରାମସଭା ଦ୍ୱାରା ଚୟନ ସୂଚୀରେ ଥିବା ଆବଶ୍ୟକ;
- ଏହି ଯୋଜନା ପାଇଁ କେବଳ ସେହି ଲୋକଙ୍କୁ ଚୟନ କରାଯାଇଛି ଯେଉଁମାନଙ୍କର ବାସଗୃହ ନାହିଁ କିମ୍ବା ମାଟି ଘର ଅଛି;
- ଏହି ଯୋଜନାର ହିତାଧିକାରୀଙ୍କ ତାଲିକା ପ୍ରତ୍ୟେକ ବର୍ଷ ପ୍ରସ୍ତୁତ କରାଯାଏ;
- ଏହି ଯୋଜନାର ହିତାଧିକାରୀ ଆର୍ଥିକ ଦୁର୍ବଳ କିମ୍ବା ସ୍ୱଳ୍ପ ଆୟକାରୀ ହୋଇଥିବା ଆବଶ୍ୟକ;
- ଆର୍ଥିକ ଦୁର୍ବଳଙ୍କ ପାଇଁ ବାର୍ଷିକ ଆୟ ୩ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ସ୍ୱଳ୍ପ ଆୟକାରୀଙ୍କ ପାଇଁ ବାର୍ଷିକ ଆୟ ୩ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି ।
- ଗ୍ରାମାଞ୍ଚଳ ହିତାଧିକାରୀଙ୍କ ପାଇଁ ଆବେଦନ କରିବା ଆବଶ୍ୟକ ନାହିଁ, କାରଣ ଏହା ଚୟନ ସୂଚୀରେ ରହିଛି ।

**ସହାୟତା**

- ସମତଳ ଅଞ୍ଚଳ ପାଇଁ ୧୨୦୦୦୦/-
- ପାହାଡ଼ିଆ ଅଞ୍ଚଳ ପାଇଁ ୧୩୦୦୦୦/-
- ଏହା ବ୍ୟତୀତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧିନରେ ୯୦/୯୫ ଦିନର ନିଯୁକ୍ତି ମିଳିପାରିବ ।
- ଶୌଚାଳୟ ପାଇଁ ୧୨୦୦୦/- ଟଙ୍କାର ସହାୟତା ମିଳିବ ।
- ଆର୍ଥିକ ସହାୟତା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍ ଆକାଉଣ୍ଟରେ ଦାଖଲ ହେବ ।

**ଶୀଘ୍ର ଘର ତିଆରି ପାଇଁ ପ୍ରୋତ୍ସାହନ**

- ଯେକୌଣସି ଯୋଜନାରେ ହେଉ, ୪ମାସ ଓ ୬ମାସରେ ଘର କାର୍ଯ୍ୟ ଶେଷ କରୁଥିବା ହିତାଧିକାରୀଙ୍କୁ ଯଥାକ୍ରମେ ୨୦ ହଜାର ଓ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।
- ଏହି ଅଭିନବ ପ୍ରୋତ୍ସାହନ କେବଳ ଆମ ରାଜ୍ୟ ଓଡ଼ିଶାରେ ମିଳୁଛି ।

# ବିଜୁ ପକ୍କାଘର ଯୋଜନା

**ରାଜ୍ୟ ସରକାରଙ୍କ ନିଜସ୍ୱ କାର୍ଯ୍ୟକ୍ରମ 'ବିଜୁ ପକ୍କାଘର ଯୋଜନା'**

***ଗରିବ ପାଇବେ ଏବେ ପକ୍କାଘର,***
***କଚ୍ଚାଘର ଅସୁବିଧା ହୋଇଯିବ ଦୂର!!***

**ରାଜ୍ୟ ସରକାର ଗ୍ରାମାଞ୍ଚଳରେ କଚ୍ଚା ଘରେ ବସବାସ କରୁଥିବା ସମସ୍ତ ପରିବାରଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ସଂକଳ୍ପବଦ୍ଧ।**

**କିଏ ପାଇବେ**

- ବିପିଏଲ୍ ତାଲିକାରୁ ବାଦ୍ ପଡ଼ିଥିବା କଚ୍ଚାଘରେ ବାସ କରୁଥିବା ଗରିବ ବ୍ୟକ୍ତି।
- ସ୍ୱାମୀପରିତ୍ୟକ୍ତାଗରିବମହିଳା,ବିଧବା,କିନ୍ନର,ମୁକ୍ତଗୋତିଶ୍ରମିକ,ବୃତ୍ତିନିବୃତ୍ତସଫେଇକାର୍ଯ୍ୟକରୁଥିବାବ୍ୟକ୍ତି।
- ମାନସିକ ଅନଗ୍ରସର, ଭିନ୍ନକ୍ଷମ, ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନର ଅନାଥ ବ୍ୟକ୍ତି, କୁଷ୍ଠ ଓ ଏଡ଼ସ୍ ଆକ୍ରାନ୍ତ ବ୍ୟକ୍ତି, ଏଡ଼ସ୍ ରୋଗଗ୍ରସ୍ତ ପିଲାମାନଙ୍କର ପିତାମାତା।
- ଆପଦଗ୍ରସ୍ତ ତଥା ଅତି ଗରିବ ଆଦିମ ଅଧିବାସୀ।
- ନଦୀ, ସମୁଦ୍ର ଗର୍ଭରେ ଲୀନ ହୋଇଥିବା ଅଞ୍ଚଳର ପରିବାର।
- ପ୍ରାକୃତିକ ବିପର୍ଯ୍ୟୟ ତଥା ହାତୀ ଆକ୍ରମଣରେ ସଂପୂର୍ଣ୍ଣ ରୂପେ ଭାଙ୍ଗିଯାଇଥିବା ଗୃହର କର୍ତ୍ତା।
- ସାଂପ୍ରଦାୟିକ ଦଙ୍ଗା, ବାମପନ୍ଥୀ ଉଗ୍ରବାଦ ଏବଂ ଆଇନ୍ ଶୃଙ୍ଖଳା ପରିସ୍ଥିତିରେ କ୍ଷତିଗ୍ରସ୍ତ ପରିବାର

**କେମିତି ମିଳିଥାଏ ଘର**
**ଜିଲ୍ଲାସ୍ତରୀୟ କମିଟି ବିଜୁ ପକ୍କାଘର (ସ୍ୱତନ୍ତ୍ର) ହିତାଧିକାରୀ ଚୟନ କରିଥାଆନ୍ତି।**

**କେତେ ଅର୍ଥ ପାଇବେ**

- ଆଇ.ଏ.ପି ଜିଲ୍ଲାରେ ପ୍ରତି ଘର ପାଇଁ ୧ଲକ୍ଷ ୩୦ ହଜାର ଟଙ୍କା ଓ ଅଣ-ଆଇ.ଏ.ପି. ଜିଲ୍ଲାରେ ୧ଲକ୍ଷ ୨୦ ହଜାର ଟଙ୍କାର ଅର୍ଥ ରାଶି।
- ଶୌଚାଳୟ ନିର୍ମାଣ ପାଇଁ ୧୨ ହଜାର ଟଙ୍କାର ଅର୍ଥ ରାଶି।
- ମଜୁରି ବାବଦରେ ଆଇ.ଏ.ପି ଜିଲ୍ଲାରେ ୧୬ ହଜାର ୭୨୦ଟଙ୍କା ଓ ଅଣ-ଆଇ.ଏ.ପି. ଜିଲ୍ଲାରେ ୧୫ ହଜାର ୮୪୦ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା।

**ଶୀଘ୍ର ଘର ତିଆରି ପାଇଁ ପ୍ରୋତ୍ସାହନ**

- ଯେକୌଣସି ଯୋଜନାରେ ହେଉ, ୪ମାସ ଓ ୬ମାସରେ ଘର କାର୍ଯ୍ୟ ଶେଷ କରୁଥିବା ହିତାଧିକାରୀଙ୍କୁ ଯଥାକ୍ରମେ ୨୦ ହଜାର ଓ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
- ଏହି ଅଭିନବ ପ୍ରୋତ୍ସାହନ କେବଳ ଆମ ରାଜ୍ୟ ଓଡ଼ିଶାରେ ମିଳୁଛି।

**ଆଗାମୀ ପାଞ୍ଚ ବର୍ଷରେ ଗ୍ରାମାଞ୍ଚଳରେ ଗରିବ ଲୋକଙ୍କର କଚ୍ଚା ଘରକୁ ପକ୍କା ଘରରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ।**

**ବି.ଦ୍ର:**

୧. ଆଇ.ଏ.ପି ଜିଲ୍ଲା:- ବଲାଙ୍ଗିର, ଦେଓଗଡ଼, ଗଜପତି, ଗଞ୍ଜାମ, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା,ରାୟଗଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼।

୨. ଅଣ-ଆଇ.ଏ.ପି ଜିଲ୍ଲା:- ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, ଢ଼େଙ୍କାନାଳ, ଅନୁଗୁଳ, କେନ୍ଦ୍ରପଡ଼ା, ଝାରସୁଗୁଡ଼ା, ବୌଦ୍ଧ ଓ ବରଗଡ଼।

# ସ୍ୱଚ୍ଛ ଭାରତ ମିଶନ ଓ ବ୍ୟକ୍ତିଗତ ପରିବାର ଶୌଚାଳୟ

ଗାନ୍ଧିଜୀଙ୍କ ସ୍ୱଚ୍ଛ ଭାରତ ସ୍ୱପ୍ନକୁ ହୃଦୟଙ୍ଗମ କରି ଭାରତ ସରକାର ଗାନ୍ଧିଜୀଙ୍କ ୧୫୦ତମ ଜନ୍ମ ତିଥିରେ 'ସ୍ୱଚ୍ଛ ଭାରତ ମିଶନ' କାର୍ଯ୍ୟକ୍ରମ ୨ ଅକ୍ଟୋବର ୨୦୧୪ ମସିହାରୁ ଆରମ୍ଭ କରିଛନ୍ତି। ୨୦୧୯ ମସିହା ବେଳକୁ ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ୟସ୍ଥଳରେ ପହଁଞ୍ଚାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭାରତ ସରକାରଙ୍କ ପରିମଳ କାର୍ଯ୍ୟକ୍ରମ 'ନିର୍ମଳ ଭାରତ ଅଭିଯାନ' କୁ ସୁସଙ୍ଗଠିତ କରି 'ସ୍ୱଚ୍ଛ ଭାରତ ମିଶନ' (ଗ୍ରାମୀଣ) ନାମରେ ନାମିତ କରାଯାଇଛି। ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ପ୍ରତ୍ୟେକ ନାଗରିକ ସ୍ୱଚ୍ଛ ପରିମଳ ସମେତ ଶୌଚାଳୟ, କଠିନ ଓ ତରଳ ବର୍ଜ୍ୟବସ୍ତୁ ନିଷ୍କାସନ ପ୍ରଣାଳୀ, ଗ୍ରାମ ସଫେଇ, ବିଦ୍ୟାଳୟ ସଫେଇ ଓ ପର୍ଯ୍ୟାପ୍ତ ସ୍ୱଚ୍ଛ ପାନୀୟ ଜଳର ବନ୍ଦୋବସ୍ତ। ଏହିପରିପ୍ରେକ୍ଷୀରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି ଯେ ଓଡ଼ିଶାକୁ ବାହ୍ୟ ମଳ,ମୂତ୍ର ତ୍ୟାଗରୁ ମୁକ୍ତ ରଖିବା। ସେଥିପାଇଁ ପରିବେଶକୁ ସଫାସୁତୁରା ରଖିବା ସହିତ 'ବ୍ୟକ୍ତିଗତ ପରିବାର ଶୌଚାଳୟ' ନିର୍ମାଣକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ୨୦୧୯ ମସିହାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

- **ଉଦ୍ଦେଶ୍ୟ :**
  - ଖୋଲାରେ ମଳ ତ୍ୟାଗକୁ ପରିହାର କରି ସ୍ୱଚ୍ଛତା ଓ ସଫେଇ ମାଧ୍ୟମରେ ସାଧାରଣ ଗ୍ରାମୀଣ ଜୀବନ ଶୈଳୀରେ ଉନ୍ନତି ଆଣିବା।
  - ୨୦୧୯ ମସିହା ୨ ଅକ୍ଟୋବର ବେଳକୁ ଗ୍ରାମାଞ୍ଚଳରେ ସ୍ୱଚ୍ଛତା ପ୍ରତିପାଦନ କରିବା।
  - ସଚେତନତା ଓ ସ୍ୱାସ୍ଥ୍ୟ ଶିକ୍ଷା ମାଧ୍ୟମରେ ସ୍ଥାୟୀ ସ୍ୱଚ୍ଛତା ପ୍ରଥାଗୁଡ଼ିକୁ ଆପଣେଇ ନେବାକୁ ଗ୍ରାମୀଣ ସମୁଦାୟ ଓ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ପ୍ରେରିତ କରିବା
  - ସୁରକ୍ଷିତ ଓ ସ୍ଥାୟୀ ସ୍ୱଚ୍ଛତା ପାଇଁ ଉପଯୁକ୍ତ ଟେକ୍‌ନିକ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା।
  - ଗ୍ରାମୀଣ କ୍ଷେତ୍ରରେ ତରଳ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ବ୍ୟକ୍ତିଗତ ପରିବାର ଶୌଚାଳୟ ପ୍ରଣାଳୀକୁ ସୁନିଶ୍ଚିତ କରିବା।

ମୁଖ୍ୟ ବୈଶିଷ୍ଟ୍ୟ

- ସ୍ୱଚ୍ଛ ଭାରତ ମିଶନର ଦୁଇଟି ଉପ-ମିଶନ ରହିଛି । ଗୋଟିଏ ହେଉଛି ଗ୍ରାମାଞ୍ଚଳ ପାଇଁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଏବଂ ଅନ୍ୟଟି ହେଉଛି ସହରାଞ୍ଚଳ ପାଇଁ ସ୍ୱଚ୍ଛ ଭାରତ ମିଶନ (ସହରୀ) ।
- ବ୍ୟକ୍ତିଗତ ଘରୋଇ ଶୌଚାଳୟ ପାଇଁ ୧୨୦୦୦/- ଟଙ୍କା ଧାର୍ଯ୍ୟ କରାଯାଇଛି । ଯେଉଁଥିରେ ପାଣିର ଉପଲବ୍ଧତା ସହ ପାଇଖାନା ସଫେଇ ଓ ହାତ ଧୋଇବା ସାମିଲ୍ ରହିଛି । ଏଥିସହିତ ହିତାଧିକାରୀ ନିଜର ଆର୍ଥିକ ଓ ଶ୍ରମ ଯୋଗଦାନ ଦେଇପାରିବେ ।
- ବ୍ୟକ୍ତିଗତ ପରିବାର ଶୌଚାଳୟ ପାଇଁ ଯେଉଁ ୧୨୦୦୦/-ଟଙ୍କା ରାଶି ପ୍ରୋତ୍ସାହନ ଦିଆଯିବ ସେଥିରେ ଉଭୟ ଭାରତ ସରକାର ଓ ରାଜ୍ୟ ସରକାରଙ୍କର ଯୋଗଦାନ ରହିବ । ଏହା ସ୍ୱଚ୍ଛ ଭାରତ ମିଶନରୁ ହିଁ ପ୍ରଦାନ କରାଯିବ ।
- ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ମଧ୍ୟ ଏପରି ଶୌଚାଳୟ ନିର୍ମାଣ କରାଯିବ ।
- ଶୌଚାଳୟ ନିର୍ମାଣ କରିବା ସହିତ ବ୍ୟବହାର କରିବା ସଙ୍ଗେ ସଙ୍ଗେ ଜୀବନ ଶୈଳୀ ଆଚରଣରେ ପରିବର୍ତ୍ତନ ପାଇଁ ସଚେତନତାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ।

# ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା

**ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଲକ୍ଷ୍ୟ**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶ୍ରମିକମାନଙ୍କୁ ବର୍ଷକୁ ଅତି କମ୍‌ରେ ୧୦୦ଦିନର ଅଣକୁଶଳୀ କାମ ଯୋଗାଇ ଦେଇ ଶ୍ରମିକମାନଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ସହିତ ଗ୍ରାମାଞ୍ଚଳରେ ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରିବା ।

**ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସାର ମର୍ମ:**

- ଏହି ଯୋଜନାରେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ଥିବା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ବର୍ଷରେ ୧୦୦ଦିନର କାମ ଯୋଗାଇ ଦିଆଯାଏ;
- ଏଥିରେ ସାମିଲ ହେବାକୁ ହେଲେ ଗ୍ରାମପଞ୍ଚାୟତରେ ନାମ ପଞ୍ଜିକରଣ କରନ୍ତୁ;
- ପଞ୍ଜିକୃତ ହେବାର ୧୫ଦିନ ମଧ୍ୟରେ ଜବ୍‌କାର୍ଡ଼ ଯୋଗାଇ ଦିଆଯାଏ;
- କାମ ପାଇବା ପାଇଁ ସି-୧ ଫର୍ମରେ ଲିଖିତ ଭାବରେ ଆବେଦନ କରନ୍ତୁ;
- କାମ ପାଇଁ ଲିଖିତ ଆବେଦନ କରିବାର ୧୫ଦିନ ମଧ୍ୟରେ ଘରଠାରୁ ୫କି.ମି. ଦୂରତା ମଧ୍ୟରେ କାମ ଯୋଗାଇ ଦିଆଯାଏ;
- ୫କି.ମି. ଦୂରତା ବାହାରେ କାମ ଯୋଗାଇ ଦିଆଗଲେ ମଜୁରିର ୧୦ପ୍ରତିଶତ ଅଧିକ ଟଙ୍କା ଯାତାୟତ ଓ ଆନୁସଙ୍ଗିକ ଖର୍ଚ୍ଚ ଦିଆଯାଏ;
- ଆବେଦନ କରିବାର ୧୫ଦିନ ମଧ୍ୟରେ କାମ ଯୋଗାଇ ଦିଆନଗଲେ ବେରୋଜଗାରୀ ଭତ୍ତା ପ୍ରଦାନର ବ୍ୟବସ୍ଥା ଅଛି;
- କାମ କରିବାର ୧୫ଦିନ ମଧ୍ୟରେ ବ୍ୟାଙ୍କ୍ ବା ପୋଷ୍ଟ୍ ଅଫିସ୍ ମାଧ୍ୟମରେ ମଜୁରି ପ୍ରଦାନ କରାଯାଏ;
- ପୁରୁଷ ବା ମହିଳା ଶ୍ରମିକମାନଙ୍କୁ ସମାନ ଭାବେ ମଜୁରି ବାବଦରେ ୧୬୪ଟଙ୍କା ପ୍ରଦାନ କରାଯାଇଥାଏ;
- କାର୍ଯ୍ୟସ୍ଥଳୀରେ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା, ଆଶ୍ରୟସ୍ଥଳୀ ଏବଂ ଶିଶୁ ଯତ୍ନ ପାଇଁ କ୍ରେଚ୍ ବ୍ୟବସ୍ଥା କରାଯାଇଥାଏ;
- କାମ କଲାବେଳେ ଦୁର୍ଘଟଣା ହେଲେ ଚିକିତ୍ସା ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯାଏ;
- ପ୍ରତ୍ୟେକ ମାସର ୧ମ ଓ ୩ୟ ବୁଧବାର ଗ୍ରାମପଞ୍ଚାୟତରେ ରୋଜଗାର ଦିବସ ପାଳନ କରାଯାଇ ସେଠାରେ ଯୋଜନା ସମ୍ବନ୍ଧୀୟ ସବୁ ସମସ୍ୟାର ସମାଧାନ କରାଯାଏ;
- ଭିଜିଲାନସ୍ ଓ ତଦାରଖ କମିଟି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହେଉଥିବା କାମଗୁଡ଼ିକର କାର୍ଯ୍ୟସ୍ଥଳ ପରିଦର୍ଶନ କରିବା ସହିତ କାର୍ଯ୍ୟସ୍ଥଳରେ ରେକର୍ଡ଼ପତ୍ର ଗୁଡ଼ିକର ଯାଞ୍ଚ ଏବଂ କାର୍ଯ୍ୟସ୍ଥଳରେ ଉପଲବ୍ଧ ଥିବା ସୁବିଧା ସୁଯୋଗ ଯଥା:- ପିଇବା ପାଣିର ସୁବିଧା; ଜରୁରୀ କାଳୀନ ଚିକିତ୍ସା ସୁବିଧା; ବିଶ୍ରାମ ପାଇଁ ଛାଇର ବ୍ୟବସ୍ଥା ଇତ୍ୟାଦିକୁ ତଦାରଖ କରିଥାଆନ୍ତି ।
- ଯୋଜନା ସମ୍ବନ୍ଧୀୟ କୌଣସି ଅଭିଯୋଗ କିମ୍ବା ଅଧିକ ସୂଚନା ଜାଣିବା ପାଇଁ ମାଗଣା ଫୋନ ନଂ ୧୮୦୦-୩୪୫-୬୭୬୮ କୁ ଫୋନ କରନ୍ତୁ ।

### ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଭିଜିଲାନ୍‌ସ ଓ ତଦାରଖ କମିଟିର ଭୂମିକା ଓ ଦାୟିତ୍ୱ:

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକୁ ତଦାରଖ କରିବା ପାଇଁ ପ୍ରତ୍ୟେକ ଗ୍ରାମପଞ୍ଚାୟତ ସ୍ତରରେ ଭିଜିଲାନସ୍ ଓ ତଦାରଖ କମିଟି ଗଠନ କରାଯାଇଛି।

- ଗ୍ରାମପଞ୍ଚାୟତ ସ୍ତରରେ ଭିଜିଲାନସ୍ ଓ ତଦାରଖ କମିଟି ଗଠନ ହେବ;
- ଗ୍ରାମପଞ୍ଚାୟତ ସ୍ତରରେ ଯେଉଁ ଭିଜିଲାନସ୍ ଓ ତଦାରଖ କମିଟି ଗଠନ କରାଯିବ ସେଥିରେ ୧୦ଜଣ ସଦସ୍ୟ/ସଦସ୍ୟା ରହିବେ;
- ଏହି ୧୦ଜଣଙ୍କ ମଧ୍ୟରୁ ନିହାତିଭାବେ ୫୦ପ୍ରତିଶତ ଅର୍ଥାତ୍ ୫ଜଣ ମହିଳା ସଦସ୍ୟା ରହିବେ;
- ୫ଜଣ ମହିଳା ସଦସ୍ୟାଙ୍କ ଭିତରେ ଜନସଂଖ୍ୟା ଅନୁପାତରେ ନିହାତି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ମହିଳାମାନଙ୍କର ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରାଯିବ;
- ତା'ଛଡ଼ା କମିଟିରେ ସ୍ଥାନୀୟ ଶିକ୍ଷାନୁଷ୍ଠାନର ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟିକା ଦଳର ସଭ୍ୟ/ସଭ୍ୟା, ସାମାଜିକ ସମୀକ୍ଷା ସ୍ୱେଚ୍ଛାସେବୀ, ଗୋଷ୍ଠୀ ସଂଗଠନର ପ୍ରତିନିଧି, ଯୁବକ ସଂଘ ଓ ଶ୍ରମିକମାନଙ୍କୁ ଚିହ୍ନଟ କରାଯାଇ ଏହି କମିଟିରେ ରଖାଯିବ;
- ଭିଜିଲାନସ୍ ଓ ତଦାରଖ କମିଟିର ସଦସ୍ୟ/ସଦସ୍ୟା ଗ୍ରାମସଭା ଜରିଆରେ ନିଯୁକ୍ତ /ମନୋନୟନ/ନିର୍ବାଚିତ ହେବେ;
- ଏହା ଅତି କମ୍‌ରେ ୬ମାସ ଓ ଅତି ବେଶିରେ ୧ ବର୍ଷ ପାଇଁ ବଳବତ୍ତର ରହିବ;
- ଭିଜିଲାନସ୍ ଓ ତଦାରଖ କମିଟି ଗ୍ରାମପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପାଇଁ ହେଉଥିବା ସାମାଜିକ ସମୀକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ

**ଭିଜିଲାନସ୍ ଓ ତଦାରଖ କମିଟିର କାର୍ଯ୍ୟ, ଭୂମିକା ଓ ଦାୟିତ୍ୱ**

କ) ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହେଉଥିବା କାମଗୁଡ଼ିକର କାର୍ଯ୍ୟସ୍ଥଳ ପରିଦର୍ଶନ କରିବା ସହିତ ଶ୍ରମିକମାନଙ୍କ ସହିତ ଭଲମନ୍ଦ ବିଷୟରେ ଆଲୋଚନା କରିବେ।

ଖ) କାର୍ଯ୍ୟସ୍ଥଳରେ ରେକର୍ଡ଼ପତ୍ର ଗୁଡ଼ିକର ଯାଞ୍ଚ ଏବଂ କାର୍ଯ୍ୟସ୍ଥଳରେ ଉପଲବ୍ଧ ଥିବା ସୁବିଧା ସୁଯୋଗ ଯଥା:-

ପିଇବା ପାଣିର ସୁବିଧା; ଜରୁରୀ କାଳୀନ ଚିକିତ୍ସା ସୁବିଧା; ବିଶ୍ରାମ ପାଇଁ ଛାଇର ବ୍ୟବସ୍ଥା ଇତ୍ୟାଦିକୁ ତଦାରଖ କରିବେ।

ଗ) କାର୍ଯ୍ୟରେ ବ୍ୟବହୃତ ହେଉଥିବା ଜିନିଷପତ୍ରଗୁଡ଼ିକର ଗୁଣମାନ ଓ କ୍ରୟ ମୂଲ୍ୟକୁ ମଧ୍ୟ ତଦାରଖ କରିବେ।

ଘ) କାର୍ଯ୍ୟ ଶେଷରେ ଏହାର ଏକ ରିପୋର୍ଟ ଯଥା ଏହା ସନ୍ତୋଷଜନକ କି ନୁହେଁ, କାମର ପ୍ରକୃତି ଓ ଏହାର ଉପାଦେୟତା ସମ୍ବନ୍ଧରେ ଏକ ଚୁଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରି କାର୍ଯ୍ୟକାରୀ ସଂସ୍ଥା ଓ ଗ୍ରାମ ସଭାକୁ ପ୍ରଦାନ କରିବେ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

**(୧୫ ଅଗଷ୍ଟ ୨୦୧୮ରୁ)**

**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କ'ଣ ?**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓଡ଼ିଶା ରାଜ୍ୟ ସରକାରଙ୍କ ଏକ ଯୋଜନା। ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ସହ ସମାଜର ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପରିବାରମାନଙ୍କୁ ସ୍ୱାସ୍ଥ୍ୟ ସେବା ଜନିତ ଖର୍ଚ୍ଚରୁ ମୁକ୍ତ ଦେବା ଏହାର ଉଦ୍ଦେଶ୍ୟ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଲକ୍ଷ୍ୟ ହାସଲ ସକାଶେ ଦୁଇଟି ଅଂଶ ଅଛି, ଯଥା:-

କ) ସାର୍ବଜନୀନ ଦେୟମୁକ୍ତ ସେବା (ଜାତି, ଆୟ, ବାସସ୍ଥାନ ନିର୍ବିଶେଷରେ) ଓଡ଼ିଶାର ସମସ୍ତ ସରକାରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତଙ୍କ ସକାଶେ ଉପଲବ୍ଧ।

ଖ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଉର୍ଦ୍ଧ୍ୱ ଚିକିତ୍ସାଳୟରେ ଓଡ଼ିଶାର ୭୦ଲକ୍ଷରୁ ଉର୍ଦ୍ଧ୍ୱ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପରିବାର ପିଛା ବାର୍ଷିକ ୫ଲକ୍ଷ ଓ ପରିବାରର ମହିଳା ସଦସ୍ୟ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ସେବା ପାଇପାରିବେ।

**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗି କିଏ ଯୋଗ୍ୟ ?**

କ) ଓଡ଼ିଶାର ସମସ୍ତ ଜନସାଧାରଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇବା ସକାଶେ ଯୋଗ୍ୟ।

ଖ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଉର୍ଦ୍ଧ୍ୱ ଥିବା ଚିକିତ୍ସାଳୟ ମାନଙ୍କରେ ବାର୍ଷିକ ପରିବାର ପିଛା ୫ଲକ୍ଷ ଓ ମହିଳା ସଦସ୍ୟାଙ୍କ ଲାଗି ୭ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ସକାଶେ ସମସ୍ତ ବିଜୁ କୃଷକ କଲ୍ୟାଣ ଯୋଜନା; ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା; ବି.ପି.ଏଲ୍; ଅନ୍ତ୍ୟୋଦୟ ଅନ୍ନ ଯୋଜନା କାର୍ଡ଼ଧାରୀ ପରିବାର ତଥା ବାର୍ଷିକ ଗ୍ରାମାଞ୍ଚଳରେ ଟଙ୍କା ୫୦ହଜାରରୁ କମ୍ ଓ ସହରାଞ୍ଚଳରେ ଟଙ୍କା ୬୦ ହଜାରରୁ କମ୍ ଆୟକାରୀ ପରିବାର ଯୋଗ୍ୟ।

**ଏହି ଯୋଜନାରେ ମିଳୁଥିବା ସୁବିଧା କ'ଣ ?**

- ସମସ୍ତ ସ୍ୱାସ୍ଥ୍ୟ ସେବା ଦେୟ ମୁକ୍ତ ଯଥା ମାଗଣା ଔଷଧ, ମାଗଣା ରୋଗ ନିରୂପଣ, ଅସ୍ତ୍ରୋପଚାର କକ୍ଷ, ଆ.ଇ.ସି.ୟୁ., ମାଗଣା ଆନ୍ତଃ ରୋଗୀ ସେବା ଇତ୍ୟାଦି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତ ସରକାରୀ ଚିକିତ୍ସାଳୟରେ ସମସ୍ତଙ୍କ ସକାଶେ ଉପଲବ୍ଧ।
- ପରିବାର ପିଛା ବାର୍ଷିକ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସୁରକ୍ଷା ଭରଷା;
- ପରିବାର ସହ ମହିଳା ସଦସ୍ୟଙ୍କ ନିମନ୍ତେ ୭ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସୁରକ୍ଷା ଭରଷା;
- ରାଜ୍ୟର ସମୁଦାୟ ଜନସଂଖ୍ୟାର ୭୦% ଲୋକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଭରଷା;
- ୭୦ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ଉପକୃତ ହେବେ;
- ବିଜୁ କୃଷକ କଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବି.ପି.ଏଲ୍; ଅନ୍ତ୍ୟୋଦୟ ଅନ୍ନ ଯୋଜନା ଅନ୍ତର୍ଗତ ପ୍ରତ୍ୟେକ କାର୍ଡ଼ଧାରୀ ତଥା ବାର୍ଷିକ ଗ୍ରାମାଞ୍ଚଳରେ ଟଙ୍କା ୫୦ହଜାରରୁ କମ୍ ଓ ସହରାଞ୍ଚଳରେ ଟଙ୍କା ୬୦ ହଜାରରୁ କମ୍ ଆୟକାରୀ ପରିବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧିନରେ ଉପକୃତ ହେବେ।

**ଅନ୍ୟାନ୍ୟ ସୁବିଧା**

**୧. ଓଡ଼ିଶା ବାହାରେ ରହୁଥିବା ଓଡ଼ିଶାର ଲୋକମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସୁବିଧା ପାଇପାରିବେ।**

ହିତାଧିକାରୀମାନେ ରାଜ୍ୟ ବାହାରେ ସରକାରୀ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ପାଇପାରିବେ। ଚିକିତ୍ସା ଖର୍ଚ୍ଚ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଂଟରେ ଦାଖଲ କରାଯିବ।

୧. ଓଡ଼ିଶାର ଲୋକମାନେ ମଧ୍ୟ ରାଜ୍ୟ ବାହାରେ ଚିକିତ୍ସା କରିପାରିବେ। ଏଥିପାଇଁ ଟାଟା ମେମୋରିଆଲ ହସ୍‌ପିଟାଲ, ମୁମ୍ବାଇ; ସି.ଏମ୍.ସି, ଭେଲୋର; ନାରାୟଣ ହୃଦୟାଳୟ ଆଦି ଦେଶର ସମସ୍ତ ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସୁବିଧା ପାଇପାରିବେ।

୨. କ୍ୟାନସର, ହାର୍ଟ ଏବଂ କିଡ୍‌ନୀ ରୋଗର ଚିକିତ୍ସା ପାଇଁ ହିତାଧିକାରୀଙ୍କ ପାରିବାରିକ ଆୟର ସୀମା ବାର୍ଷିକ ୧ ଲକ୍ଷ ଟଙ୍କାରୁ ୩ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

୩. ରାଜ୍ୟ ବାହାରେ ରେଫରାଲ୍ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଯିବାକୁ ଚାହୁଁଥିବା ରୋଗୀମାନଙ୍କୁ ୨୦୦୦ଟଙ୍କା ଯାତାୟତ ଖର୍ଚ୍ଚ ଭାବରେ ପ୍ରଦାନ କରାଯିବ। ଏହା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଂଟରେ ଜମା ଦିଆଯିବ।

୪. ୧ ଜାନୁଆରୀ ୨୦୧୯ ଠାରୁ ସମସ୍ତ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (ଜଏଇଣ) କାର୍ଡ଼ଧାରୀ ବିଜୁ କୃଷକ କଲ୍ୟାଣ ଯୋଜନା (ଇକକଣ) ୫-ଓଓ କାର୍ଡ଼ ଦ୍ୱାରା ସବୁ ପ୍ରକାର ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା ସୁବିଧା ପାଇପାରିବେ।

**ବି.ଦ୍ର:**
ଯୋଜନା ସମ୍ବନ୍ଧୀୟ ଅଧିକ ବିବରଣୀ ପାଇଁ ତଥା ଅଭିଯୋଗ ଲାଗି ଟୋଲ ଫ୍ରି ନଂ-୧୫୫୩୬୯ରେ ସକାଳ ୬ ରୁ ରାତି ୧୦ ପର୍ଯ୍ୟନ୍ତ ଯୋଗାଯୋଗ କରିପାରିବେ। ଏହାଛଡ଼ା ଯୋଜନାର ପଂଜିକୃତ ଚିକିତ୍ସାଳୟ ସଂପର୍କିତ ତଥ୍ୟ health.odisha.gov.in ଏବଂ nrhmorissa.gov.in ୱେବ୍‌ସାଇଟ୍‌ରେ ଉପଲବ୍ଧ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା

ଯୋଜନାର ପୃଷ୍ଠଭୂମି

ଓଡ଼ିଶାରେ ଲକ୍ଷଲକ୍ଷ ଶ୍ରମିକ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ମଧ୍ୟରୁ ନିର୍ମାଣ ଶ୍ରମିକ ଅନ୍ୟତମ । ନିର୍ମାଣ କ୍ଷେତ୍ରରେ କାର୍ଯ୍ୟକରୁଥିବା ଶ୍ରମିକମାନଙ୍କର ନିଯୁକ୍ତି ଓ ତାହାକୁ ନିୟନ୍ତ୍ରଣ କରିବା ସହିତ ସେମାନଙ୍କର ସ୍ୱାସ୍ଥ୍ୟ, ସୁରକ୍ଷା, ସାମାଜିକ ନିରାପତ୍ତା ଓ କଲ୍ୟାଣ ନିମନ୍ତେ କେନ୍ଦ୍ର ସରକାର ଦୁଇଗୋଟି ଆଇନ ପ୍ରଣୟନ କରିଛନ୍ତି । ସେଗୁଡ଼ିକ ହେଲା:-

୧. କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ନିଯୁକ୍ତି, ନିୟନ୍ତ୍ରଣ ଓ ସେବା ସର୍ତ୍ତାବଳୀ) ଆଇନ, ୧୯୯୬

୨. କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ (ସେସ୍) ଆଇନ, ୧୯୯୬

କେନ୍ଦ୍ର ସରକାରଙ୍କର ଏହି ଆଇନ ଦୁଇଟିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଦୁଇଟି ନିୟମ (ରୁଲ୍) ପ୍ରଣୟନ କରିଛନ୍ତି । ସେଗୁଡ଼ିକ ହେଲା:-

୧. ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ନିଯୁକ୍ତି, ନିୟନ୍ତ୍ରଣ ଓ ସେବା ସର୍ତ୍ତାବଳୀ) ନିୟମ, ୨୦୦୨

୨. କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ (ସେସ୍) ନିୟମ, ୧୯୯୮

ଏହି ନିୟମ ଦୁଇଟିରେ ନିର୍ମାଣ ଶ୍ରମିକମାନଙ୍କର ଚାକିରୀ ସର୍ତ୍ତାବଳୀ, ତା'ର ନିୟନ୍ତ୍ରଣ ଓ ସେମାନଙ୍କର ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଓ କଲ୍ୟାଣର ବ୍ୟବସ୍ଥା ରହିଛି ।

**ଲକ୍ଷ୍ୟ ଓ ଉଦ୍ଦେଶ୍ୟ**

- ଶ୍ରମ କଲ୍ୟାଣ କାର୍ଯ୍ୟକର୍ତ୍ତାମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନୈତିକତାକୁ ବୃଦ୍ଧି କରିବା;
- ଔଦଗିକ କାର୍ଯ୍ୟକର୍ତ୍ତା ଏବଂ ସଙ୍ଗଠନର ଉତ୍ପାଦକତାରେ ସୁଧାର ଆଣିବା ଏବଂ;
- ଶ୍ରମିକମାନଙ୍କୁ ଜୀବନର ମୌଳିକ ଅଧିକାର ସମେତ ଅନ୍ୟାନ୍ୟ ସୁବିଧା ଓ ସୁଯୋଗ ପ୍ରଦାନ କରିବା ।

**ଯୋଗ୍ୟ ହିତାଧିକାରୀ**

ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ସମସ୍ତ କୁଶଳୀ, ଅର୍ଦ୍ଧକୁଶଳୀ, ଅଣ କୁଶଳୀ, ଶାରୀରିକ ଶ୍ରମ କୁଥିବା ଶ୍ରମିକ, ପର୍ଯ୍ୟବେକ୍ଷଣ ତଥା ବୈଷୟିକ କାର୍ଯ୍ୟରେ ନିଯୁକ୍ତ କର୍ମଚାରୀ ତଥା ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଶ୍ରମିକ ଏବଂ ସ୍ୱାବଲମ୍ବୀ କାରିଗର ଭାବେ କାର୍ଯ୍ୟରତ ଶ୍ରମିକ ।

**ପାଇବାର ପଦ୍ଧତି**

ଜିଲ୍ଲା ଶ୍ରମ ଅଧିକାରୀ, ସହାୟକ ଶ୍ରମ ଅଧିକାରୀ ଏବଂ ଗ୍ରାମୀଣ ଶ୍ରମ ନିରୀକ୍ଷକଙ୍କ ନିକଟରେ ନିଜର ନାମ ପଂଜିକରଣ କରିବାକୁ ହେବ । ଏହା ବ୍ୟତୀତ ଓଡ଼ିଶା ସରକାର ଅନ୍‌ଲାଇନ୍ ପଂଜିକରଣର ବ୍ୟବସ୍ଥା ମଧ୍ୟ କରିଛନ୍ତି ।

**ଅଧିକାର ସମୂହ**

**କାର୍ଯ୍ୟ ଉପକରଣ କ୍ରୟ ସହାୟତା**

ପଞ୍ଜିକୃତ ଶ୍ରମିକମାନଙ୍କୁ ଯନ୍ତ୍ରପାତି କ୍ରୟ ନିମନ୍ତେ ସର୍ବାଧିକ ୪ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି ।

**ସାଇକେଲ ସହାୟତା**

ଏକ ବର୍ଷରୁ ଉର୍ଦ୍ଧ୍ୱ ପଞ୍ଜକଜିକୃତ ହୋଇଥିବା ନିର୍ମାଣ ଶ୍ରମିକମାନଙ୍କୁ ସାଇକେଲ କିଣିବା ବାବଦରେ ବୋର୍ଡ଼ ତରଫରୁ ସର୍ବାଧିକ ୪ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି ।

**ନିରାପତା ଉପକରଣ ସହାୟତା:**
ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ଦେବା ପାଇଁ ଜୋତା, ହେଲମେଟ୍, ଗ୍ଲୋଭସ୍ ବାବଦରେ ୧ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି।

**ମୃତ୍ୟୁକାଳୀନ ସହାୟତା :**
ପଞ୍ଜିକୃତ ଶ୍ରମିକଙ୍କର ସ୍ୱାଭାବିକ ମୃତ୍ୟୁ ହେଲେ ପରିବାରରୁ ମନୋନୀତ ସଦସ୍ୟଙ୍କୁ ବୋର୍ଡ଼ ତରଫରୁ ଏକ ଲକ୍ଷ ଟଙ୍କା ଏବଂ ଦୁର୍ଘଟଣାରେ ଶ୍ରମିକଙ୍କର ମୃତ୍ୟୁ ହେଲେ ଦୁଇ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଛି।

**ଅନ୍ତ୍ୟେଷ୍ଟିକ୍ରିୟା ସହାୟତା:**
ଏକକାଳୀନ ୫୦୦୦ଟଙ୍କା ପ୍ରଦାନ କରାଯାଉଛି।

**ନିର୍ମାଣ ଶ୍ରମିକ ସଚେତନତା ଅଭିଯାନ**

**ନିୟମାବଳୀ:**

୧. ୧୮ବର୍ଷରୁ ଉର୍ଦ୍ଧ୍ୱ ଏବଂ ୬୦ବର୍ଷରୁ କମ୍ ବୟସର ସମସ୍ତ ନିର୍ମାଣ ଶ୍ରମିକ ପଞ୍ଜିକରଣ ନିମନ୍ତେ ଯୋଗ୍ୟ ଅଟନ୍ତି।
୨. ପଞ୍ଜିକରଣ ନିମନ୍ତେ ଯୋଗ୍ୟତା ହାସଲ କରିବା ପାଇଁ ଜଣେ ଶ୍ରମିକ ବର୍ଷରେ ଅନ୍ତତଃ ୯୦ଦିନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଆବଶ୍ୟକ।
୩. ପଞ୍ଜିକରଣ ନିମନ୍ତେ ନିର୍ମାଣ ଶ୍ରମିକ ଆବେଦନପତ୍ର ସହିତ ପାସ୍‌ପୋର୍ଟ ସାଇଜ୍ ଫଟୋ, ନିଯୁକ୍ତି ପ୍ରମାଣପତ୍ର, ବୟସ ସମ୍ପର୍କରେ ନିଜସ୍ୱ ଘୋଷଣାନାମା ସହିତ ୨୦ଟଙ୍କା ପଞ୍ଜିକରଣ ଫିସ୍ ଦାଖଲ କରି ସ୍ଥାନୀୟ ଜିଲ୍ଲା ଶ୍ରମ ଅଧିକାରୀ କିମ୍ବା ସହକାରୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ପଞ୍ଜିକୃତ ହୋଇପାରିବେ।
୪. ରାଜ୍ୟର ସମସ୍ତ ଜିଲ୍ଲା ଶ୍ରମ ଅଧିକାରୀ, ସହ ଶ୍ରମ ଅଧିକାରୀ ଓ ଗ୍ରାମୀଣ ଶ୍ରମ ନିରୀକ୍ଷକମାନେ ନିର୍ମାଣ ଶ୍ରମିକମାନଙ୍କ ପଞ୍ଜିକରଣ ପାଇଁ ପଞ୍ଜିକରଣ ଅଧିକାରୀ ଭାବରେ ନିଯୁକ୍ତ ହୋଇଛନ୍ତି।

**ବାର୍ଷିକ ଦେୟ :**
କଲ୍ୟାଣ ବୋର୍ଡ଼ ତରଫରୁ ସହାୟତା ପାଇବା ନିମନ୍ତେ ସମସ୍ତ ପଞ୍ଜିକୃତ ଶ୍ରମିକଙ୍କୁ କଲ୍ୟାଣ ବୋର୍ଡ଼କୁ ପ୍ରତିବର୍ଷ ୫୦ଟଙ୍କା ବାର୍ଷିକ ଦେୟ ପ୍ରଦାନ କରିବାକୁ ପଡ଼ିବ। ବାର୍ଷିକ ଦେୟ ପ୍ରଦାନ କରିବା ସମୟରେ ରସିଦ୍ ସଂଗ୍ରହ କରିବା ଏକାନ୍ତ ଆବଶ୍ୟକ।

**ନିର୍ମାଣ ଶ୍ରମିକଙ୍କ ପାଇଁ କଲ୍ୟାଣକାରୀ ଯୋଜନା**
**ଶିକ୍ଷାବୃତ୍ତି ସହାୟତା**(ଏକ ବର୍ଷରୁ ଉର୍ଦ୍ଧ୍ୱ ପଞ୍ଜିକୃତ ହୋଇଥିବା ନିର୍ମାଣ ଶ୍ରମିକଙ୍କ ପିଲାଙ୍କ ପାଇଁ)

ଷଷ୍ଠ ଓ ସପ୍ତମ ଶ୍ରେଣୀ (କନ୍ୟା ସନ୍ତାନ ପାଇଁ) – ବାର୍ଷିକ ୨ ହଜାର ଟଙ୍କା
ଅଷ୍ଟମ ଶ୍ରେଣୀ (ଉଭୟ ପୁଅ ଓ ଝିଅଙ୍କ ପାଇଁ) – ବାର୍ଷିକ ୨ ହଜାର ଟଙ୍କା

ନବମ ଶ୍ରେଣୀ (ଉଭୟ ପୁଅ ଓ ଝିଅଙ୍କ ପାଇଁ) – ବାର୍ଷିକ ୩ ହଜାର ଟଙ୍କା

ଦଶମ ଶ୍ରେଣୀ (ଉଭୟ ପୁଅ ଓ ଝିଅଙ୍କ ପାଇଁ) – ବାର୍ଷିକ ୪ ହଜାର ଟଙ୍କା

ଦଶମ ଶ୍ରେଣୀରେ ୯୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ନମ୍ବର ରଖିଥିବା (ଉଭୟ ପୁଅ ଓ ଝିଅଙ୍କ ପାଇଁ) – ୧୦ ହଜାର ଟଙ୍କା (ଏକକାଳୀନ)

ଏକାଦଶ ଓ ଦ୍ୱାଦଶ ଶ୍ରେଣୀ – ବାର୍ଷିକ ୫ ହଜାର ଟଙ୍କା

ଆଇ.ଟି.ଆଇ/ସ୍ନାତକ (କଳା/ବାଣିଜ୍ୟ/ବିଜ୍ଞାନ)/ସ୍ନାତକୋତର ଡ଼ିଗ୍ରୀ – ବାର୍ଷିକ ୭ହଜାର ଟଙ୍କା

ଡ଼ିପ୍ଲୋମା/ପଲିଟେକ୍‌ନିକ୍ – ବାର୍ଷିକ ୧୦ ହଜାର ଟଙ୍କା

ବି.ଟେକ୍ / ଏମ୍.ସି.ଏ / ଏମ୍.ବି.ଏ / ବି. ଆର୍କ / ଏମ୍.ଟେକ୍ / ଏମ୍.ଏସ୍‌ସି / ବି.ଫାର୍ମ / ଏମ୍.ଫାର୍ମ / ହୋଟେଲ ମ୍ୟାନେଜମେଣ୍ଟ ଓ କ୍ୟାଟେରିଂ ସର୍ଭିସେସ୍ / ମେଡ଼ିକାଲ – ବାର୍ଷିକ ୪୦ ହଜାର ଟଙ୍କା

ବି.ଇଡ଼ି / ସି.ଟି / ନର୍ସିଂ ଟ୍ରେନିଂ ଏବଂ ଏକାପ୍ରକାର ଅନ୍ୟାନ୍ୟ ପାଠ୍ୟକ୍ରମ – ୧୦ ହଜାର ଟଙ୍କା ।

**ବିବାହ ସହାୟତା:**

ଏକ ବର୍ଷରୁ ଉର୍ଦ୍ଧ୍ୱ ପଞ୍ଜିକୃତ ହୋଇଥିବା ନିର୍ମାଣ ଶ୍ରମିକଙ୍କର ୨ ଗୋଟି କନ୍ୟା ଏବଂ ଅବିବାହିତା ମହିଳା ନିର୍ମାଣ ଶ୍ରମିକଙ୍କୁ କଲ୍ୟାଣ ବୋର୍ଡ଼ ତରଫରୁ ୨୫ ହଜାର ଟଙ୍କାର ବିବାହ କାଳୀନ ସହାୟତା ପ୍ରଦାନ କରାଯାଉଅଛି ।

**ପ୍ରସୂତିକାଳୀନ ସହାୟତା**

ଏକ ବର୍ଷରୁ ଉର୍ଦ୍ଧ୍ୱ ପଞ୍ଜିକୃତ ହୋଇଥିବା ମହିଳା ନିର୍ମାଣ ଶ୍ରମିକଙ୍କୁ ସର୍ବାଧିକ ୨ଗୋଟି ସନ୍ତାନ ପ୍ରସବ ପାଇଁ ପ୍ରସୂତିକାଳୀନ ସହାୟତା ବାବଦରେ ୧୦ହଜାର ଟଙ୍କା ପ୍ରଦାନ କରାଯାଉଛି ।

ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଗଠନ କରାଯାଇଅଛି ।

କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସେସ୍ ଆଇନ, ୧୯୯୬ ଅନୁଯାୟୀ ରାଜ୍ୟ ସରକାର ତା: ୧୫.୧୨.୨୦୦୮ ରିଖରୁ ରାଜ୍ୟର ପ୍ରତ୍ୟେକ ନିର୍ମାଣ ସଂସ୍ଥାଠାରୁ ନିର୍ମାଣ ପ୍ରକଳ୍ପର ମୋଟ ଖର୍ଚ୍ଚର ୧% ସେସ୍ ବାବଦ ଦେୟ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପାଣ୍ଠିରେ ପଇଠ କରିବାକୁ ଘୋଷଣା କରିଛନ୍ତି । କଲ୍ୟାଣ ବୋର୍ଡ଼ ତରଫରୁ ପଞ୍ଜିକୃତ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ ନିମନ୍ତେ ଏହି ପାଣ୍ଠିରୁ ଅର୍ଥ ବ୍ୟବସ୍ଥା କରାଯାଉଅଛି ।

କୋଠାବାଡ଼ି, ରାସ୍ତା, ରେଲୱେ, ଉଡ଼ାଜାହାଜ ଅବତରଣ ସ୍ଥଳୀ, ଜଳସେଚନ, ଜଳ ନିଷ୍କାସନ, ବନ୍ଧ, ଜଳାଶ୍ରୟ, ପରିବହନ, ବନ୍ୟା ନିୟନ୍ତ୍ରଣ, ବିଦ୍ୟୁତ ଉତ୍ପାଦନ ଓ ବିତରଣ, ଟେଲିଭିଜନ, ଟେଲିଫୋନ, ବ୍ରିଜ୍, ପାଇପଲାଇନ, ଶୀତତାପ ନିୟନ୍ତ୍ରଣ ଇତ୍ୟାଦି କାର୍ଯ୍ୟ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଅନ୍ତର୍ଭୁକ୍ତ ଅଟେ ।

ଏତଦ୍‌ବ୍ୟତୀତ, ରାଜ୍ୟ ସରକାର ୨୨ ଗୋଟି ନୂତନ କାର୍ଯ୍ୟକୁ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟର ପରିସରଭୁକ୍ତ କରିଛନ୍ତି । ସେଗୁଡ଼ିକ ହେଲା:- କ୍ଷୁଦ୍ର ବନ୍ଦର; ପଥର କାଟିବା, ଭାଙ୍ଗିବା, ଚୁରିବା; ସ୍ଲାବ୍ କିମ୍ବା ଟାଇଲ କାଟିବା ଏବଂ ମସୃଣ କରିବା; କାଠ କାର୍ଯ୍ୟକୁ ରଙ୍ଗ କରିବା; ନର୍ଦ୍ଦମା, ପାଣି ଓ ଗ୍ୟାସ୍ ପାଇପ କାର୍ଯ୍ୟ; ବୈଦ୍ୟୁତିକ କାର୍ଯ୍ୟ ସହିତ ୱାୟାରିଙ୍ଗ, ବଣ୍ଟନ ଓ ପ୍ୟାନେଲ ବସାଇବା; ଅଗ୍ନି ନିରୋଧକ ଉପକରଣ ସ୍ଥାପନ କରିବା ଏବଂ ମରାମତି କରିବା; ଥଣ୍ଡା ଏବଂ ଗରମ ଉପକରଣ ସ୍ଥାପନ କରିବା ଏବଂ ମରାମତି କରିବା;

ପଦୋନ୍ନତି ଉତ୍ତୋଳକ ଯନ୍ତ୍ର (କ୍ଷସଲଗ୍ବ) ଓ ନିଶୁଣି ବା ସିଡ଼ି (escalator) ସ୍ଥାପନ କରିବା; ସୁରକ୍ଷା ଗେଟ୍ ସ୍ଥାପନ କରିବା; ଧାତୁ ନିର୍ମିତ କବାଟ ଝରକା ନିର୍ମାଣ ଓ ସ୍ଥାପନ କରିବା; ଶସ୍ୟକ୍ଷେତ୍ରକୁ ଜଳ ପାଇଁ ନିର୍ମାଣ କାର୍ଯ୍ୟ; ଘର ଭିତର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସହିତ ଗାଲିଚା ବିଛାଇବା; ଛାତ ତଳେ ଆଲୋକ ବ୍ୟବସ୍ଥା ପାଇଁ ଚୂନ ଲଗାଇ କୃତ୍ରିମ ଛାତ ପ୍ରସ୍ତୁତ କରିବା; କାଚ କାଟିବା, ଚିକ୍କଣ କରିବା ଓ ପ୍ୟାନେଲ୍ ସ୍ଥାପନ କରିବା; ଯେଉଁ ଇଟା ଓ ଟାଇଲ ତିଆରି ସଂସ୍ଥା କାରଖାନା ଆଇନର ପରିସରଭୁକ୍ତ ହୋଇନାହାନ୍ତି ସେଠାରେ ତିଆରି ହେଉଥିବା ଇଟା ଓ ଛାତ ତିଆରି ଟାଇଲ କାର୍ଯ୍ୟ; ସୌର ଶକ୍ତି ବୃଦ୍ଧି ଉପକରଣ ସମ୍ବନ୍ଧୀୟ ପ୍ୟାନେଲ୍ ସ୍ଥାପନ, ରୋଷେଇ ସ୍ଥାନର ମାନବୃଦ୍ଧି ନିମନ୍ତେ ଉପକରଣ ବସାଇବା; ଗୃହ ଉପକରଣ ନିର୍ମାଣ, ସ୍ଥାପନ ଓ ମାନବୃଦ୍ଧି; ସନ୍ତରଣ, ଜଳାଶୟ ଓ ଗଲ୍ଫ କ୍ରୀଡ଼ା ଇଦ୍ୟାଦି ଖେଳ ଏବଂ ଆମୋଦ ପ୍ରମୋଦ କେନ୍ଦ୍ର ସ୍ଥାପନ; ସଙ୍କେତ, ରାସ୍ତା ସରଞ୍ଜାମ, ବସ୍ ଆଶ୍ରୟ ସ୍ଥଳ ଇତ୍ୟାଦି ନିର୍ମାଣ; ଘୂର୍ଣ୍ଣିତ ଝରଣା ତିଆରି ଓ ସ୍ଥାପନ; ସର୍ବସାଧାରଣ ପାର୍କ, ଚାଲିବା ରାସ୍ତା ଓ ଲ୍ୟାଣ୍ଡସ୍କେପିଂ କରିବା ।ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ସମସ୍ତ କୁଶଳୀ, ଅର୍ଦ୍ଧ କୁଶଳୀ, ଅଣ କୁଶଳୀ, ଶାରୀରିକ ଶ୍ରମ କରୁଥିବା ଶ୍ରମିକ, ପର୍ଯ୍ୟବେକ୍ଷଣ ତଥା ବୈଷୟିକ କାର୍ଯ୍ୟରେ ନିଯୁକ୍ତ କର୍ମଚାରୀ 'ନିର୍ମାଣ ଶ୍ରମିକ' ସଂଜ୍ଞାଭୁକ୍ତ । ପୁନଶ୍ଚ, ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅନ୍ତତଃ ୯୦ଦିନ କାର୍ଯ୍ୟରତ ଶ୍ରମିକମାନେ ମଧ୍ୟ 'ନିର୍ମାଣ ଶ୍ରମିକ' ଅଟନ୍ତି ।



# ଜନନୀ ସୁରକ୍ଷା ଯୋଜନା (ଜେ.ଏସ୍.ୱାଇ)

ରାଜ୍ୟ ତଥା ଦେଶରୁ ମାତୃମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା, ଗର୍ଭାବସ୍ଥାରେ ଉପଯୁକ୍ତ ଯତ୍ନ ନେବା ଏବଂ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କ ସହାୟତାରେ ଅଧିକ ସଂଖ୍ୟକ ପ୍ରସବର ପରିଚାଳନା ପାଇଁ 'ଜନନୀ ସୁରକ୍ଷା ଯୋଜନା' କାର୍ଯ୍ୟକାରୀ ହେଉଛି। ଏକ ଶୃଙ୍ଖଳିତ ଓ ଚିନ୍ତାମୁକ୍ତ ଢ଼ଙ୍ଗରେ 'ନିରାପଦ ମାତୃତ୍ୱ'କୁ ନିଶ୍ଚିତ କରିବାକୁ ଏହି ଯୋଜନା ପ୍ରଚଳିତ। ମହିଳାମାନଙ୍କ ଗର୍ଭ ଧାରଣ ସମୟରେ ଏବଂ ପିଲା ଜନ୍ମ ହେବା ପରେ ଏହି ଯୋଜନା ସେମାନଙ୍କ ଆବଶ୍ୟକତାକୁ ମେଣ୍ଟାଇଥାଏ। ସ୍ୱାସ୍ଥ୍ୟ ସେବା ଯୋଗାଇବା ମାଧ୍ୟମରେ ଏହା ମାତୃ ଓ ଶିଶୁ ମୃତ୍ୟୁହାରକୁ କମାଇଥାଏ।

**ଜନନୀ ସୁରକ୍ଷା ଯୋଜନା (ଜେ.ଏସ୍.ୱାଇ)ର ପୃଷ୍ଠଭୂମି**

- ୧୫ ଅଗଷ୍ଟ ୧୯୯୫ ମସିହାରେ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ଜାତୀୟ ମାତୃମଙ୍ଗଳ ଯୋଜନା କାର୍ଯ୍ୟକାରୀ କରାଗଲା ଏବଂ ପରେ ୨୦୦୧ ମସିହାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ହସ୍ତାନ୍ତର କରାଗଲା;
- ଜାତୀୟ ମାତୃ ମଙ୍ଗଳ ଯୋଜନା ଅଧିନରେ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ୧୯ବର୍ଷ ବୟସରୁ ଅଧିକ ଗର୍ଭବତୀ ମହିଳାମାନଙ୍କୁ ପ୍ରଥମ ଦୁଇଟି ଛୁଆ ଜନ୍ମ ପାଇଁ ଏକକାଳୀନ ୫୦୦ଟଙ୍କା ହିସାବରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିଲା। ନିୟମ ଅନୁସାରେ ଏହି ଅର୍ଥ ପ୍ରସବର ୮ରୁ ୧୨ ସପ୍ତାହ ପୂର୍ବରୁ ସେମାନେ ପାଇବା ପାଇଁ ହକ୍‌ଦାର ଥିଲେ;
- ଜାତୀୟ ମାତୃ ମଙ୍ଗଳ ଯୋଜନାକୁ ଆଂଶିକ ପରିବର୍ତ୍ତନ କରାଯାଇ ଏକ ନୂଆ ଯୋଜନା ପ୍ରସ୍ତୁତ କରାଗଲା, ଯାହାକୁ କି ଜନନୀ ସୁରକ୍ଷା ଯୋଜନା କୁହାଗଲା ଏବଂ ଏହାକୁ ୧୨ ଏପ୍ରିଲ୍ ୨୦୦୫ ମସିହାରୁ କାର୍ଯ୍ୟକାରୀ କରାଗଲା;

**ଜନନୀ ସୁରକ୍ଷା ଯୋଜନା (ଜେ.ଏସ୍.ୱାଇ)ର ମୁଖ୍ୟ ଉଦ୍ଦେଶ୍ୟ**

- ଜନନୀ ସୁରକ୍ଷା ଯୋଜନାର ଉଦ୍ଦେଶ୍ୟ ହେଉଛି ଯେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ପ୍ରସବ କରାଇ ମାତୃ/ଶିଶୁ ମୃତ୍ୟୁ କମାଇବା;
- ମା' ଓ ଶିଶୁକୁ ସୁରକ୍ଷିତ ରଖିବା;
- ମା' ଓ ନବଜାତ ଶିଶୁର ମୃତ୍ୟୁହାର କମାଇବା;
-

**ଏହି ଯୋଜନା ଅନ୍ତର୍ଭୁକ୍ତ ଆର୍ଥିକ ସହାୟତା**

- ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ ନିମନ୍ତେ ସରକାରଙ୍କ ତରଫରୁ ପ୍ରସୂତି ମା'ଙ୍କୁ ୧୪୦୦/- ଟଙ୍କା (କେବଳ ଗ୍ରାମାଞ୍ଚଳ) ଏବଂ ଆଶାଙ୍କୁ ୬୦୦/- ଟଙ୍କା ମିଳିବାର ବ୍ୟବସ୍ଥା ଅଛି;
- ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ ନିମନ୍ତେ ସରକାରଙ୍କ ତରଫରୁ ପ୍ରସୂତି ମା'ଙ୍କୁ ୧୦୦୦/- ଟଙ୍କା (କେବଳ ସହରାଞ୍ଚଳ) ଏବଂ ଆଶାଙ୍କୁ ୨୦୦/- ଟଙ୍କା ମିଳିବାର ବ୍ୟବସ୍ଥା ଅଛି;
- ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗର୍ଭବତୀ ମାଆ ନିଜ ଉଦ୍ୟମରେ ପହଞ୍ଚିବା ପାଇଁ ଗାଡ଼ିଭଡ଼ା ବାବଦକୁ ୨୫୦ଟଙ୍କା ସରକାରଙ୍କ ତରଫରୁ ମିଳିବାର ବ୍ୟବସ୍ଥା ଅଛି;
- ଏହି ଟଙ୍କା କେବଳ ପ୍ରସୂତୀ ମାଆଙ୍କୁ ମିଳିବ;

- ଗର୍ଭବତୀ ମହିଳାମାନଙ୍କୁ ଡ଼ାକ୍ତରଖାନାରେ ପ୍ରସବ କରାଇବା ପାଇଁ ପ୍ରୋତ୍ସାହନ ଦେବା ଏବଂ ଏଥିପାଇଁ ଆଶା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ସହଯୋଗ କରିବା;
- "ଜନନୀ ସୁରକ୍ଷା ଯୋଜନା"ର ଅର୍ଥ ସଠିକ୍ ଭାବରେ ଓ ଠିକ୍ ସମୟରେ ଯେପରି ଗର୍ଭବତୀ ମହିଳା (ହିତାଧିକାରୀ) ଏବଂ ଆଶା/ଅଙ୍ଗନୱାଡ଼ି କର୍ମୀଙ୍କୁ ମିଳିବ, ତାହା ତଦାରଖ କରିବା ସରପଞ୍ଚ ବା ନାଏବ ସରପଞ୍ଚଙ୍କ ଦାୟିତ୍ୱ;

**ଅଭିଯୋଗ ଜଣାଇବା ବ୍ୟବସ୍ଥା**

ପ୍ରତ୍ୟେକ ଜିଲ୍ଲାରେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଅଧୀନରେ ଏକ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳନା ସଂସ୍ଥାର ସହାୟତାରେ ଗୋଟିଏ ଲେଖାଏଁ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟ କରୁଛି । ନିମ୍ନଲିଖିତ ବିଷୟରେ ହିତାଧିକାରୀଙ୍କ ଠାରୁ ଅଭିଯୋଗ ଶୁଣିବା ଓ ବିହିତ ପଦକ୍ଷେପ ଗ୍ରହଣ କରିବା ଏହି ପ୍ରକୋଷ୍ଠର ମୁଖ୍ୟ ଉଦ୍ଦେଶ୍ୟ ।

- ଜନନୀ ସୁରକ୍ଷା କାର୍ଯ୍ୟକ୍ରମ ଜରିଆରେ ଉପଲବ୍ଧ ସୁବିଧାମାନ ହାସଲ କରିବା ପାଇଁ ଯୋଗ୍ୟତା;
- ଆର୍ଥିକ ସହାୟତାର ପରିମାଣ;
- ଆର୍ଥିକ ସହାୟତା ପ୍ରଦାନ କ୍ଷେତ୍ରରେ ବିଳମ୍ବ ।

# ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ

**ପ୍ରସବକାଳୀନ ସେବା ଓ ନବଜାତ ଶିଶୁର ଚିକିତ୍ସା (୪୨ ଦିନ ପର୍ଯ୍ୟନ୍ତ) ସଂପୂର୍ଣ୍ଣ ମାଗଣାରେ**

ଭାରତରେ ଗର୍ଭାବସ୍ଥା ସମ୍ବନ୍ଧିତ ଜଟିଳତା କାରଣ ଯୋଗୁଁ ପ୍ରତିବର୍ଷ ପ୍ରାୟ ୬୭ ହଜାର ମହିଳା ମୃତ୍ୟୁବରଣ କରିଥାଆନ୍ତି। ଠିକ୍ ସେହିଭଳି, ଜନ୍ମ ହେବାର ୧ବର୍ଷ ଭିତରେ ପ୍ରାୟ ୧୩ଲକ୍ଷ ଶିଶୁ ମୃତ୍ୟୁବରଣ କରିଥାଆନ୍ତି। ନବ ଜନ୍ମିତ ଶିଶୁଙ୍କ ମଧ୍ୟରୁ ଜନ୍ମ ହେବାର ୪ସପ୍ତାହ ଭିତରେ ଶିଶୁ ମୃତ୍ୟୁହାରର ଦୁଇ ତୃତୀୟାଂଶ ଶିଶୁ ମୃତ୍ୟୁବରଣ କରୁଥିବା ବେଳେ ଜନ୍ମ ହେବାର ୧ସପ୍ତାହ ଭିତରେ ୭୫ପ୍ରତିଶତ ମୃତ୍ୟୁବରଣ କରିଥାଆନ୍ତି। ଏମାନଙ୍କ ଭିତରେ ଜନ୍ମ ହେବାର ଦୁଇଦିନ ଭିତରେ ଅଧିକାଂଶ ଶିଶୁ ମୃତ୍ୟୁବରଣ କରିଥାଆନ୍ତି। ଜନ୍ମ ହେବାର ୨୮ଦିନ ପର୍ଯ୍ୟନ୍ତ ଶିଶୁକୁ ବଞ୍ଚାଇ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ବର୍ତ୍ତମାନ ଭାରତରେ ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର ଆଶାଜନକ ଭାବେ କମିଛି, ମାତ୍ର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିନାହିଁ। ଜନନୀ ସୁରକ୍ଷା ଯୋଜନା ଆରମ୍ଭ ହେବା ପରେ ଡ଼ାକ୍ତରଖାନାରେ ପ୍ରସବ କରିବା ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ତଥାପି ୨୫ ପ୍ରତିଶତ ଗର୍ଭବତୀ ମହିଳା ସ୍ୱାସ୍ଥ୍ୟ ସୁବିଧା ଗ୍ରହଣ କରିବାକୁ ଦ୍ୱିଧା ପ୍ରକାଶ କରୁଛନ୍ତି। ଯେଉଁମାନେ ଡ଼ାକ୍ତରଖାନାରେ ପ୍ରସବ କରୁଛନ୍ତି, ସେମାନେ ଆଗାମୀ ୪୮ଘଣ୍ଟା ପର୍ଯ୍ୟନ୍ତ ଡ଼ାକ୍ତରଖାନାରେ ରହିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ତେଣୁ ମା' ଓ ଶିଶୁ ପାଇଁ ଆବଶ୍ୟକୀୟ ଚିକିତ୍ସା ପ୍ରଦାନ କରାଯାଇ ପାରୁନାହିଁ। ଏହି ୪୮ଘଣ୍ଟା ସମୟ ମା' ଓ ଶିଶୁର ସ୍ୱାସ୍ଥ୍ୟଗତ ଜଟିଳତାକୁ ନିର୍ଣ୍ଣୟ କରି ଚିକିତ୍ସା ଯୋଗାଇବାରେ ବାଧା ସୃଷ୍ଟି ହେଉଛି। ଏପରି ସମସ୍ୟାର ପ୍ରମୁଖ କାରଣଗୁଡ଼ିକ ମଧ୍ୟ ରହିଛି, ଯାହାକି:-

- ଅଧିକ ଖର୍ଚ୍ଚର ସମ୍ଭାବନା ରହିଛି
- ;ବିଭିନ୍ନ ପରୀକ୍ଷା, ରକ୍ତ ଆଦି ପାଇଁ ଅଧିକ ଖର୍ଚ୍ଚର ସମ୍ଭାବନା ରହିଛି;
- ବଜାରରୁ ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ କିଣିବାରେ ଅଧିକ ଖର୍ଚ୍ଚର ସମ୍ଭାବନା ରହିଛି;
- ଅସ୍ତ୍ରୋପଚାର ହୋଇ ପିଲା ଜନ୍ମ ହୋଇଥିଲେ ଆହୁରି ଅଧିକ ଖର୍ଚ୍ଚର ସମ୍ଭାବନା ରହିଛି
- ଖାଦ୍ୟର ଉପଲବ୍ଧତାରେ ମଧ୍ୟ ସମସ୍ୟା ରହିଛି।

**ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ – ଏକ ନୂଆ ଉଦ୍ୟମ**

୨୦୧୧ ମସିହା ଜୁନ୍ ମାସରେ ଭାରତ ସରକାରଙ୍କ 'ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ' ଦ୍ୱାରା ଜନନୀ ଓ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିବାବେଳେ, ଏହା ଆମ ଓଡ଼ିଶାରେ ୨୦୧୧ ମସିହା ନଭେମ୍ବର ମାସ ୧ ତାରିଖ ଦିନ ଶୁଭାରମ୍ଭ କରାଯାଇଥିଲା। ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମରେ "ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ" ଏକ ଐତିହାସିକ ପଦକ୍ଷେପ। ଏଥିରେ ପ୍ରଥମ ଥର ପାଇଁ ସ୍ୱାସ୍ଥ୍ୟ ସେବା ଯୋଗାଇବା କ୍ଷେତ୍ରରେ ନୂଆ ଦୃଷ୍ଟିକୋଣକୁ ଆପଣାଇ ନିଆଯାଇଛି। ଯେଉଁଥିରେ ପ୍ରସୂତି ମା' ଓ ନବ ଜନ୍ମିତ ଅସୁସ୍ଥ ଶିଶୁର ଚିକିତ୍ସା ପାଇଁ କୌଣସି ଖର୍ଚ୍ଚ ହିତାଧିକାରୀଙ୍କୁ କରିବାକୁ ପଡ଼ିବ ନାହିଁ। ବିନା ଦେୟରେ ଡ଼ାକ୍ତରଖାନାରେ ପ୍ରସବ କରିବା ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ପ୍ରତିଶ୍ରୁତିବଦ୍ଧ। ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମରେ ସର୍ତ୍ତ ରହିଛି ଯେ ଡ଼ାକ୍ତରଖାନାରେ ପ୍ରସବ ଜନିତ ଖର୍ଚ୍ଚ ସଂପୂର୍ଣ୍ଣ ରୂପେ ସରକାର ବହନ କରିବେ। ସେବା ପାଇବା କ୍ଷେତ୍ରରେ ହିତାଧିକାରୀଙ୍କୁ କୌଣସି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ଏହାଛଡ଼ା ଘରୁ ଡ଼ାକ୍ତରଖାନାକୁ ଯିବା ଏବଂ ସ୍ୱାସ୍ଥ୍ୟର ଜଟିଳତା ଦୃଷ୍ଟିରୁ ବଡ଼ ମେଡ଼ିକାଲକୁ ରେଫର୍ ହେବା ମାମଲାରେ ପରିବହନ ଖର୍ଚ୍ଚ ସରକାର ବହନ କରିଥାଆନ୍ତି। ଏପରିକି ବଡ଼ ମେଡ଼ିକାଲରେ ପ୍ରସବହେବାର ୪୮ଘଣ୍ଟା ପରେ ନିଜ ଘରକୁ ଫେରିବା ପାଇଁ ପରିବହନ ଖର୍ଚ୍ଚ ମଧ୍ୟ ସରକାର ବହନ କରିଥାଆନ୍ତି।

ଏହା ସହିତ ମାଗଣା ଔଷଧ, ମାଗଣା ସେବା, ଡ଼ାକ୍ତରଖାନାରେ ରହିବା ସମୟରେ ମହିଳାଙ୍କୁ ମାଗଣା ଭୋଜନ (ସାଧାଣ ପ୍ରସବରେ ୩ଦିନ ଓ ଅସ୍ତ୍ରୋପଚାର ପ୍ରସବରେ ୭ଦିନ) ଯୋଗାଇବାର ସୁବିଧା ରହିଛି । ଜନ୍ମ ହେବାର ୩୦ଦିନ ଭିତରେ ନବଜାତ ଶିଶୁର ସ୍ୱାସ୍ଥ୍ୟ ସୁବିଧା ପାଇଁ ମଧ୍ୟ ଏପରି ବ୍ୟବସ୍ଥା ରହିଛି ।

ପ୍ରସୂତୀ ମହିଳାଙ୍କ ହକ୍

୧. ବିନା ଦେୟରେ ଡ଼ାକ୍ତରଖାନାରେ ପ୍ରସବ;
୨. ଆବଶ୍ୟକ ସ୍ଥଳେ ମାଗଣାରେ ଅସ୍ତ୍ରୋପଚାର ଦ୍ୱାରା ପ୍ରସବ;
୩. ମାଗଣାରେ ଔଷଧ ଓ ଆବଶ୍ୟକୀୟ ସାମଗ୍ରୀ;
୪. ବିନା ଦେୟରେ ରକ୍ତ, ମଳ, ମୂତ୍ର ପରୀକ୍ଷା ଓ ଅଲ୍‌ଟ୍ରା ସାଉଣ୍ଡ ଇତ୍ୟାଦି;
୫. ମାଗଣା ଭୋଜନ (ସାଧାରଣ ପ୍ରସବରେ ୩ଦିନ ଓ ଅସ୍ତ୍ରୋପଚାର ପ୍ରସବରେ ୭ଦିନ);
୬. ମାଗଣାରେ ରକ୍ତ ପ୍ରଦାନ;
୭. ଘରୁ ଡ଼ାକ୍ତରଖାନାକୁ ମାଗଣାରେ ପରିବହନ
୮. ରେଫେରାଲ ମାମଲାରେ ଅନ୍ୟ ବଡ଼ ଡ଼ାକ୍ତରଖାନାକୁ ମାଗଣାରେ ପରିବହନ;
୯. ପିଲା ଜନ୍ମ ହେବାର ୪୮ଘଣ୍ଟା ପରେ ଗୃହ ପ୍ରତ୍ୟାବର୍ତ୍ତନ ପରିବହନ ମଧ୍ୟ ମାଗଣାରେ;
୧୦. ସମସ୍ତ ପ୍ରକାର ସେବା କର ଛାଡ଼ ।

ଜନ୍ମ ପରବର୍ତ୍ତୀ ୪୨ଦିନ ପର୍ଯ୍ୟନ୍ତ ଅସୁସ୍ଥ ନବଜାତ ଶିଶୁଙ୍କ ହକ୍

୧. ବିନା ମୂଲ୍ୟରେ ସେବା;
୨. ମାଗଣାରେ ଔଷଧ ଓ ଆବଶ୍ୟକୀୟ ସାମଗ୍ରୀ;
୩. ବିନା ମୂଲ୍ୟରେ ସମସ୍ତ ପ୍ରକାର ଆବଶ୍ୟକୀୟ ପରୀକ୍ଷା;
୪. ଆବଶ୍ୟକ ସ୍ଥଳେ ମାଗଣାରେ ରକ୍ତ ପ୍ରଦାନ;
୫. ବିନା ମୂଲ୍ୟରେ ମା' ପାଇଁ ଖାଦ୍ୟ ବ୍ୟବସ୍ଥା
୬. ଘରୁ ଡ଼ାକ୍ତରଖାନାକୁ ମାଗଣାରେ ପରିବହନ;
୭. ରେଫେରାଲ ମାମଲାରେ ଅନ୍ୟ ବଡ଼ ଡ଼ାକ୍ତରଖାନାକୁ ମାଗଣାରେ ପରିବହନ;
୮. ଡ଼ାକ୍ତରଖାନାରେ ୪୮ ଘଣ୍ଟା ରହିବା ପରେ ଗୃହ ପ୍ରତ୍ୟାବର୍ତ୍ତନ ପରିବହନ ମଧ୍ୟ ମାଗଣାରେ;
୯. ସମସ୍ତ ପ୍ରକାର ସେବା କର ଛାଡ଼ ।

**ଏହି ସୁବିଧା କେବଳ ବ୍ଲକ୍, ଉପ-ଜିଲ୍ଲା ଓ ଜିଲ୍ଲାସ୍ତରୀୟ ସରକାରୀ ଡ଼ାକ୍ତରଖାନାରେ ଉପଲବ୍ଧ ।**

# ଜାତୀୟ ପରିବାର ମଙ୍ଗଳ ଯୋଜନା

### ଜାତୀୟ ପରିବାର ମଙ୍ଗଳ ଯୋଜନା କ'ଣ ?

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ମୁଖ୍ୟ ରୋଜଗାରିଆ ବ୍ୟକ୍ତିଙ୍କ ମୃତ୍ୟୁରେ 'ଜାତୀୟ ପରିବାର ମଙ୍ଗଳ ଯୋଜନା' ମାଧ୍ୟମରେ ସରକାର ଏକକାଳୀନ ୨୦ହଜାର ଟଙ୍କା ଆର୍ଥିକ ସହାୟତା ମୃତ ବ୍ୟକ୍ତିଙ୍କ ପରିବାରକୁ ଯୋଗାଇ ଦେଇଥାଆନ୍ତି। ଆବେଦନ କରିବାର ୩୦ଦିନ ଭିତରେ ଏହି ଟଙ୍କା ପରିବାରର ପରବର୍ତ୍ତୀ ମୁଖିଆଙ୍କ ନିଜସ୍ୱ ଆକାଉଣ୍ଟରେ ପୋଷ୍ଟ ଅଫିସ୍ କିମ୍ବା କୌଣସି ବ୍ୟବସାୟିକ ବ୍ୟାଙ୍କରେ ଏକକାଳୀନ ଜମା ଦିଆଯାଇଥାଏ।

ଜାତୀୟ ପରିବାର ମଙ୍ଗଳ ଯୋଜନାର ଉଦ୍ଦେଶ୍ୟ

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ମୁଖ୍ୟ ରୋଜଗାରିଆ ବ୍ୟକ୍ତି (୧୮ରୁ ୫୯ ବର୍ଷ ବୟସ ମଧ୍ୟରେ)ଙ୍କ ମୃତ୍ୟୁରେ ଏହା ପ୍ରଯୁଜ୍ୟ;

### ଏହି ଯୋଜନାରେ ହିତାଧିକାରୀ ହେବାକୁ ଯୋଗ୍ୟତା

- ମୁଖ୍ୟ ରୋଜଗାରିଆ ବ୍ୟକ୍ତି ଜଣକ ପରିବାର'ର ସଦସ୍ୟ (ପୁରୁଷ କିମ୍ବା ମହିଳା) ହୋଇଥିବେ;
- ମୁଖ୍ୟ ରୋଜଗାରିଆ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ସମୟରେ ତାଙ୍କୁ (ପୁରୁଷ କିମ୍ବା ମହିଳା) ୧୮ବର୍ଷରୁ ୫୯ବର୍ଷ ବୟସ ମଧ୍ୟରେ ହୋଇଥିବା ଆବଶ୍ୟକ, ଅର୍ଥାତ୍ ୧୮ବର୍ଷ ବୟସରୁ ଅଧିକ ଓ ୬୦ବର୍ଷ ବୟସରୁ କମ୍।
- ଭାରତ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ମାନଦଣ୍ଡ ଅନୁସାରେ ମୃତକ ପରିବାରଟି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ହୋଇଥିବେ।

### କିପରି ଓ କେଉଁଠି ଆବେଦନ କରିବେ

ଦରଖାସ୍ତ ଫର୍ମଟିକୁ ଠିକ୍ ରୂପେ ପୂରଣ କରି ଗ୍ରାମପଞ୍ଚାୟତର 'ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ' (ପିଇଓ) କିମ୍ବା ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡ଼ିଓ) କିମ୍ବା 'ସାମାଜିକ-ଶିକ୍ଷା-ସଙ୍ଗଠକ' (ଏସ୍‌ଇଓ)ଙ୍କ ନିକଟରେ ଆବେଦନ ପତ୍ର ବା ଦରଖାସ୍ତ ଫର୍ମଟିକୁ ଦାଖଲ କରିବାକୁ ହେବ। ଦରଖାସ୍ତ ସହିତ:-

- ମୃତ ବ୍ୟକ୍ତିଙ୍କ ଭୋଟ ପରିଚୟପତ୍ର ଦାଖଲ କରିବାକୁ ହେବ;
- ମୃତ୍ୟୁର ପ୍ରମାଣପତ୍ର ଦାଖଲ କରିବାକୁ ହେବ;
- ବ୍ଲକ୍ ଅଧକ୍ଷ/ଅଧକ୍ଷାଙ୍କ ଦ୍ୱାରା ଆଟେଷ୍ଟେଡ୍ କରିବାକୁ ହେବ।

### ଅଭିଯୋଗ ଶୁଣାଣି

ହିତାଧିକାରୀମାନେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସିଧାସଳଖ ଦରଖାସ୍ତ ମାଧ୍ୟମରେ ଅଭିଯୋଗ କରିପାରିବେ। ବ୍ଲକ୍‌ସ୍ତରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସବ୍‌ଡ଼ିଭିଜନସ୍ତରରେ ଉପ-ଜିଲ୍ଲାପାଳ, ଜିଲ୍ଲାସ୍ତରରେ ଜିଲ୍ଲାପାଳ ଏବଂ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗୀୟ ଅଧିକାରୀଙ୍କ ସ୍ତରରେ।

# ମମତା ଯୋଜନା

**ମମତା ଯୋଜନାଟି କ'ଣ ?**

ମମତା ଯୋଜନାଟି ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କ ପାଇଁ ୨୦୧୧ ମସିହା ସେପ୍ଟେମ୍ବର ମାସରୁ କାର୍ଯ୍ୟକାରୀ ହେଉଛି । ଏହା ଏକ ସର୍ତ୍ତମୂଳକ ଅର୍ଥରାଶି ହସ୍ତାନ୍ତର ମାତୃମଙ୍ଗଳ ଯୋଜନା ।

**ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ:**

- ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର କମାଇବାରେ ସହାୟକ ହେବ;
- ଗର୍ଭବତୀ ମହିଳା, ପ୍ରସୂତି ମା' ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟିର ସ୍ଥିତିରେ ଉନ୍ନତି ଆଣିବ;
- ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ଗର୍ଭାବସ୍ଥାରେ ଏବଂ ପ୍ରସୂତି ପରେ କିଛି ମାତ୍ରାରେ ମଜୁରି ହରାଇବା କ୍ଷତି ଭରଣା କରିବା ଦ୍ୱାରା ସେମାନେ ଆବଶ୍ୟକୀୟ ବିଶ୍ରାମ ପାଇପାରିବେ ।

**ମମତା ଯୋଜନାରେ କେଉଁମାନେ ଉପକୃତ ହେବେ ?**

- ମହିଳା ଜଣକ ଗର୍ଭବତୀ ଥିବେ । ତାଙ୍କର ବୟସ ୧୯ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ । ମହିଳା ନିଜେ ବା ତାଙ୍କ ସ୍ୱାମୀ କୌଣସି କେନ୍ଦ୍ର ସରକାର, ରାଜ୍ୟ ସରକାର/ରାଷ୍ଟ୍ରାୟତ୍ତ ସଂସ୍ଥାରେ କାର୍ଯ୍ୟ କରୁନଥିବେ । ପ୍ରଥମ ଦୁଇଟି ଜୀବିତ ଜାତ ଶିଶୁର ପ୍ରସବ ପାଇଁ ଏହି ଯୋଜନାରେ ମହିଳା ଜଣକ ଉପକୃତ ହୋଇପାରିବେ । ଆଦିମ ଆଦିବାସୀମାନଙ୍କ କ୍ଷେତ୍ରରେ ୩୧.୦୧.୨୦୧୫ ଠାରୁ ଆଗାମୀ ୫ବର୍ଷ ପାଇଁ ପ୍ରଥମ ଦୁଇଟି ଜୀବିତ ଜାତ ଶିଶୁର ପ୍ରସବକୁ କୋହଳ କରାଯାଇ ସମସ୍ତ ଶିଶୁ ପାଇଁ ଏହାକୁ ଲାଗୁ କରାଯାଇଥିଲା । ମାତ୍ର ଆସନ୍ତା ଆର୍ଥିକ ବର୍ଷ ଅର୍ଥାତ୍ ୦୧.୦୧.୨୦୧୭ ଠାରୁ ୫ହଜାର ବଦଳରେ ୬ହଜାର ଟଙ୍କା ଦିଆଯିବ । ତେଣୁ ତଳେ ଦିଆଯାଇଥିବା ଦ୍ୱିତୀୟ କିସ୍ତି ୩୦୦୦ଟଙ୍କା ହେବାର ସମ୍ଭାବନା ଅଛି, ମାତ୍ର ବିଜ୍ଞପ୍ତି ଜାରି ହୋଇ ନାହିଁ । କେନ୍ଦ୍ର ସରକାର ୬୦ପ୍ରତିଶତ ଅର୍ଥ ବହନ କରୁଥିବା ବେଳେ ରାଜ୍ୟ ସରକାର ୪୦ପ୍ରତିଶତ ଅର୍ଥ ବହନ କରିବେ ।

**ହିତାଧିକାରୀ ପଞ୍ଜିକରଣ କେଉଁଠି ଓ କେବେ ହେବ ?**

- ମମତା ଯୋଜନାରେ ସୁବିଧା ପାଇବା ପାଇଁ ଜଣେ ଗର୍ଭବତୀ ମା'ଙ୍କୁ ତାଙ୍କ ଅଙ୍ଗନୱାଡ଼ି କେନ୍ଦ୍ର/ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ଗର୍ଭାବସ୍ଥାର ୪ ମାସ ମଧ୍ୟରେ ନାମ ପଞ୍ଜିକରଣ କରିବାକୁ ପଡିବ । କିନ୍ତୁ, ମମତା ଯୋଜନାରେ ପ୍ରଥମ କିସ୍ତି ଅର୍ଥରାଶି ପାଇବା ପାଇଁ ଗର୍ଭାବସ୍ଥାର ୬ ମାସ ମଧ୍ୟରେ ନାମ ପଞ୍ଜିକରଣ କରାଯାଇପାରେ ।

**ହିତାଧିକାରୀଙ୍କ ପ୍ରାପ୍ୟ:-**

| | | |
|---|---|---|
| ପ୍ରଥମ କିସ୍ତି | ଗର୍ଭ ଧାରଣର ୬ମାସ ପୂରଣ ପରେ | ୩୦୦୦ ଟଙ୍କା |
| ଦ୍ୱିତୀୟ କିସ୍ତି | ପିଲା ଜନ୍ମ ହେବାର ୧୦ମାସ ପୂରଣ ପରେ | ୨୦୦୦ ଟଙ୍କା |

ନିର୍ଦ୍ଧାରିତ ସର୍ତ୍ତ ପୂରଣ କରୁଥିଲେ ଏହିଭଳି ମୋଟ ୫ ହଜାର ଟଙ୍କା ଗର୍ଭବତୀ-ପ୍ରସୂତୀ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଇ-ଟ୍ରାନ୍ସଫର୍ ଜରିଆରେ ଜମା କରି ଦିଆଯିବ ।

# ସବଳା ଯୋଜନା

କିଶୋରୀ ବାଳିକାମାନଙ୍କୁ ସଶକ୍ତିକରଣ କରିବା ପାଇଁ ରାଜୀବ ଗାନ୍ଧୀ ଯୋଜନା

ଭାରତ ସରକାର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ୨୦୦୦ ମସିହାରେ "କିଶୋରୀ ଶକ୍ତି ଯୋଜନା" ନାମକ ଏକ ଯୋଜନା ଆରମ୍ଭ କରିଥିଲେ, ଯାହାକି ସମନ୍ୱିତ ଶିଶୁବିକାଶ ଯୋଜନାକୁ ଆଧାର କରି ପ୍ରଣୟନ କରାଯାଇଥିଲା। ଏହି ଯୋଜନାର ଲକ୍ଷ୍ୟ ଥିଲା ୧୧ ରୁ ୧୮ ବର୍ଷ ମଧ୍ୟରେ ଥିବା କିଶୋରୀ ବାଳିକାମାନଙ୍କର ପୁଷ୍ଟି ଓ ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି କରିବା, ସେମାନଙ୍କର ଗୃହ ପରିଚାଳନା ଓ ଧନ୍ଦାମୂଳକ ଦକ୍ଷତା ବଢାଇବା ଦିଗରେ ସାହାଯ୍ୟ କରିବା ଏବଂ ସ୍ୱାସ୍ଥ୍ୟ, ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା, ପୁଷ୍ଟି ଏବଂ ପରିବାର କଲ୍ୟାଣ ଓ ପରିଚାଳନା ସମ୍ବନ୍ଧରେ ସଚେତନତା ସୃଷ୍ଟି କରି ସର୍ବାଙ୍ଗୀନ ବିକାଶ କରାଇବା। ଏହାପରେ ୨୦୦୨-୦୩ ମସିହାରେ କିଶୋରୀ ବାଳିକାମାନଙ୍କ ପାଇଁ ସେମାନଙ୍କର ପୁଷ୍ଟିହୀନତାକୁ ଆଖି ଆଗରେ ରଖି ସାରା ଦେଶରେ ୫୧ ଟି ଚିହ୍ନଟ ହୋଇଥିବା ଜିଲ୍ଲାରେ ପରୀକ୍ଷା ମୂଳକ ଭାବରେ "କିଶୋରୀମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଜନା" (NPAG) ଆରମ୍ଭ କରାଯାଇଥିଲା। ଏହି ଯୋଜନାରେ ପ୍ରତ୍ୟେକ ପୁଷ୍ଟିହୀନ କିଶୋରୀ ହିତାଧିକାରୀଙ୍କୁ ୬ କେ.ଜି. ଖାଦ୍ୟଶସ୍ୟ ଦେବାର ବନ୍ଦୋବସ୍ତ ଥିଲା। ଯଦିଓ ଦୁଇଟିଯାକ ଯୋଜନା କିଶୋରୀମାନଙ୍କର ଜୀବନଧାରଣ ଉପରେ କିଛିମାତ୍ରାରେ ପ୍ରଭାବ ପକାଇଥିଲା, କିନ୍ତୁ ଆଶାନୁରୂପକ ପ୍ରଭାବ ପକାଇ ପାରିନଥିଲା। ଅଧିକନ୍ତୁ, ଦୁଇଟିଯାକ ଯୋଜନାର ଆର୍ଥିକ ସହାୟତା ଏବଂ ପରିସରରେ ସିମୀତ ଥିଲା ଏବଂ ଦୁଇଟିଯାକ ଯୋଜନା ମୋଟା ମୋଟି ଭାବରେ ସମାନ ହିତାଧିକାରୀଙ୍କ ପାଇଁ ଏକା ପ୍ରକାର ସେବା ଲକ୍ଷ୍ୟରେ ଉଦ୍ଦିଷ୍ଟ ଥିଲା । ଏଣୁ, କିଶୋରୀ ଶକ୍ତି ଯୋଜନା (KSY) ଏବଂ ଘଚଇଏ କୁ ମିଶାଇ ରାଜିବଗାନ୍ଧୀ କିଶୋରୀ ସଶକ୍ତିକରଣ ଯୋଜନା ନାମରେ ଏକ ନୂତନ ବ୍ୟାପକ ଯୋଜନା ପ୍ରଣୟନ କରାଗଲା, ଯାହାକି କିଶୋରୀମାନଙ୍କର ବହୁମୁଖୀ ସମସ୍ୟାର ସମାଧାନ କରିପାରିବ। ସମନ୍ୱିତ ଶିଶୁ ବିକାଶ ଯୋଜନାକୁ ଆଧାର କରି ସାରାଦେଶରେ ବଛାଯାଇଥିବା ୨୦୦ଟି ଜିଲ୍ଲାରେ 'ସବଳା' ଯୋଜନା କାର୍ଯ୍ୟକାରୀ ହେବ। ଏହି ଜିଲ୍ଲାମାନଙ୍କରେ (KSY) କିଶୋରୀ ଶକ୍ତି ଯୋଜନା ଏବଂ କିଶୋରୀ ମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମ (ଘଚଇଏ) ଯୋଜନା ବଦଳରେ 'ସବଳା' କାର୍ଯ୍ୟକ୍ରମ ଚାଲୁ କରାଯାଇଛି। ଅବଶିଷ୍ଟ ଜିଲ୍ଲାରେ କିଶୋରୀ ଶକ୍ତି ଯୋଜନା ଚାଲୁ ରହିଛି। କିଶୋରୀ ମାନଙ୍କର ସଶକ୍ତୀକରଣ ପାଇଁ ଭାରତ ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗ (W & CD) ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ମାଧ୍ୟମରେ ଏହି ନୂତନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ଯାହାର ନାମ ହେଉଛି "ସବଳା"। ୧୧-୧୮ ବର୍ଷ ବୟସର କିଶୋରୀମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ। ଏହି ଯୋଜନା ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ କାର୍ଯ୍ୟକାରୀ ହେବାର ବ୍ୟବସ୍ଥା ରହିଛି।

**ଓଡ଼ିଶାରେ ରାଜୀବ ଗାନ୍ଧୀ କିଶୋରୀ ସଶକ୍ତିକରଣ ଯୋଜନାରେ ଅନ୍ତର୍ଭୁକ୍ତ ଜିଲ୍ଲା ଗୁଡିକ ହେଉଛି ଯଥା:-**
**କୋରାପୁଟ୍, ଗଜପତି, ମୟୂରଭଞ୍ଜ, ସୁନ୍ଦରଗଡ, କଳାହାଣ୍ଡି, ଭଦ୍ରକ, ପୁରୀ, କଟକ, ବରଗଡ।**

**ଯୋଜନାର ଉଦ୍ଦେଶ୍ୟ**

(୧) ଆତ୍ମ ବିକାଶ ଓ ସଶକ୍ତିକରଣ ନିମନ୍ତେ କିଶୋରୀ ବାଳିକାମାନଙ୍କୁ ସକ୍ଷମ କରିବା।

(୨) ସେମାନଙ୍କର ପୁଷ୍ଟି ଓ ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି କରିବା।

(୩) ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା, ପୁଷ୍ଟି, କିଶୋରୀ ଅବସ୍ଥାରେ ପ୍ରଜନନ, ଯୌନ ସମ୍ବନ୍ଧୀୟ ସ୍ୱାସ୍ଥ୍ୟରକ୍ଷା ଏବଂ ପରିବାର ଓ ଶିଶୁ ଯତ୍ନ ବିଷୟରେ ସେମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରାଇବା।

(୪) ସେମାନଙ୍କ ଗୃହ ପରିଚାଳନା, ଜୀବନ କୌଶଳ ଏବଂ କାର୍ଯ୍ୟଦକ୍ଷତାର ଶୈଳୀରେ ଉନ୍ନତି ଆଣିବା ।

(୫) ବିଦ୍ୟାଳୟରୁ ବାହାରି ଆସିଥିବା କିଶୋରୀମାନଙ୍କୁ ଆନୁଷ୍ଠାନିକ / ଅଣ ଆନୁଷ୍ଠାନିକ ଶିକ୍ଷାରେ ଅନ୍ତର୍ଭୁକ୍ତ କରି ମୂଖ୍ୟ ସ୍ରୋତରେ ସାମିଲ୍ କରିବା ।

(୬) ସେମାନଙ୍କୁ ପ୍ରଚଳିତ ସାଧାରଣ ସେବା ସମୂହ ଯଥା; ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଡାକଘର, ବ୍ୟାଙ୍କ୍ ଥାନା, ଇତ୍ୟାଦି ବିଷୟରେ ଧାରଣା ଓ ଦିଗ୍ ଦର୍ଶନ ଦେବା ।

## କିଶୋରୀ ଦଳ ଗଠନ

ପ୍ରତି ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ଗ୍ରାମର ୧୫-୨୫ଜଣ କିଶୋରୀମାନଙ୍କୁ ନେଇ ଏକ କିଶୋରୀ ସମୂହ ଗଠନ କରାଯିବ। ସେମାନଙ୍କ ମଧ୍ୟରୁ ଜଣେ 'ସଖି' (ଚରରକ୍ସ ଗବଭସସ୍ପକ୍କକ୍ସ) ଓ ଆଉ ଦୁଇଜଣ 'ସହେଲୀ' ବଛାହୋଇ ସେହି କେନ୍ଦ୍ର ପରିସରରେ ଥିବା ଅନ୍ୟ କିଶୋରୀମାନଙ୍କୁ ପ୍ରବର୍ତ୍ତାଇ କେନ୍ଦ୍ରରେ ମିଳୁଥିବା ସେବାଗୁଡ଼ିକୁ ଉପଲବ୍ଧ କରିବା ପାଇଁ ପ୍ରୋତ୍ସାହନ ଦେବେ । 'ସଖି' ଚାରିମାସ ପାଇଁ କାମ କରିବେ ଓ ପରେ ଆଉ ଜଣେ କିଶୋରୀ ସଖି ହେବେ ଓ ୨ ଜଣ ସହେଲୀ ତାଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ଏହି ସଖି ଓ ସହେଲୀମାନଙ୍କୁ ତାଲିମ୍ ଦେବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପୁସ୍ତିକା (ଝକ୍ସବସଭସଭଣ କସସ୍ପ)ର ବ୍ୟବସ୍ଥା ରହିଛି, ଯେଉଁଥିରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା, ପୁଷ୍ଟି ଓ ସାମାଜିକ ସମସ୍ୟାଗୁଡ଼ିକୁ ନେଇ ବିଭିନ୍ନ ପ୍ରକାର ଖେଳ ଓ ଦଳଗତ ଆଲୋଚନା ମାଧ୍ୟମରେ ତାଲିମ ଦିଆଯିବାର ବ୍ୟବସ୍ଥା ରହିଛି । ତାଲିମ୍ ନେବାପରେ 'ସଖି' ଓ 'ସହେଲୀ' ଅଙ୍ଗନୱାଡ଼ି କେନ୍ଦ୍ରରେ କିଶୋରୀ ଦିବସରେ ମିଳୁଥିବା ସମସ୍ତ ସେବା ଅନ୍ୟ କିଶୋରୀମାନଙ୍କୁ ଯୋଗାଇ ଦେବାର ପ୍ରୟାସ କରିବେ ।

## କିଶୋରୀ ଦିବସ

ପ୍ରତି ଅଙ୍ଗନୱାଡ଼ି କେନ୍ଦ୍ରରେ ପ୍ରତି ୩ ମାସରେ ଥରେ କିଶୋରୀ ଦିବସ ପାଳିତ ହେବ । ଏହି ଦିବସରେ ସ୍ୱାସ୍ଥ୍ୟ କର୍ମୀ, ଆଶା, ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହି କିଶୋରୀ ଓ ସେମାନଙ୍କର ପରିବାର ସଦସ୍ୟଙ୍କୁ ଏହି ଦିବସର ତାତ୍ପର୍ଯ୍ୟ ଓ ଗୁରୁତ୍ୱ ବିଷୟରେ ବୁଝାଇବେ । ଗାଁ' କଲ୍ୟାଣ ସମିତିର ସଭ୍ୟମାନେ ଏହା ଆୟୋଜନ କରିପାରିବେ । ଅଙ୍ଗନୱାଡ଼ି କେନ୍ଦ୍ରର ସୁପରଭାଇଜର ଏହି ଦିବସରେ ଯେଉଁସବୁ ସେବା ମିଳିବା କଥା ତା ଠିକ୍ ଠିକ୍ ମିଳୁଛି କି ନା ତଦାରଖ କରିବେ ଓ ସେବାର ଗୁଣାତ୍ମକମାନ ତନଖି କରିବେ ।

## କିଶୋରୀ କାର୍ଡ଼

ପ୍ରତି ଅଙ୍ଗନୱାଡ଼ି କେନ୍ଦ୍ରରେ ପ୍ରତ୍ୟେକ କିଶୋରୀ ପାଇଁ ଏକ କାର୍ଡ଼ ରହିଛି । ଏହି କାର୍ଡ଼ରେ କିଶୋରୀର ଓଜନ, ଉଚ୍ଚତା, ବିଏମ୍ଆଇ. ଆଇରନ୍ ଫୋଲିକ ଏସିଡ୍ ବଟିକା, ପରାମର୍ଶ ସେବା ଇତ୍ୟାଦି 'ସବଳା' ଯୋଜନା ଅନ୍ତର୍ଭୁକ୍ତ ସମସ୍ତ ସେବାର ତଥ୍ୟ ରହିବ । ଆହୁରି ମଧ୍ୟ ଏହି କାର୍ଡ଼ରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯେପରିକି ବିଦ୍ୟାଳୟରେ ଦାଖଲ ହେବା, ବିଦ୍ୟାଳୟ ଛାଡ଼ିବା, ବିବାହ ତାରିଖ ଇତ୍ୟାଦି ତଥ୍ୟ ଲିପିବଦ୍ଧ ହୋଇ ରହିବ । ଉକ୍ତ କାର୍ଡ଼ ପ୍ରସ୍ତୁତ କରିବାରେ ସଖି ଓ ସହେଲୀ ଅଙ୍ଗନୱାଡ଼ି କେନ୍ଦ୍ରରେ ଉକ୍ତ କିଶୋରୀଙ୍କୁ ସାହାଯ୍ୟ କରିବେ । ଏହାଛଡ଼ା ପ୍ରତ୍ୟେକ ଦିନ ଏହି କିଶୋରୀ ଦଳ ଦିନକୁ ୨ ଘଣ୍ଟା ଏବଂ ସପ୍ତାହରେ ୩ ଦିନ ଅଙ୍ଗନୱାଡ଼ି କେନ୍ଦ୍ରରେ ଉପସ୍ଥିତ ରହି ମିଳୁଥିବା ସେବାଗୁଡ଼ିକୁ ଉପଲବ୍ଧ କରିବେ ।

## ତାଲିମ୍ କାର୍ଯ୍ୟକ୍ରମ

ତାଲିମ୍ ପାଇଁ କିଶୋରୀମାନଙ୍କୁ ୨ ଭାଗରେ ବିଭକ୍ତ କରାଯିବ ଯଥା ୧୧ ରୁ ୧୪ବର୍ଷ ଓ ୧୫ ରୁ ୧୮ବର୍ଷ । ଗଳ୍ପ କଥନ, ଖେଳ, ଦଳଗତ ଆଲୋଚନା ମାଧ୍ୟମରେ ତାଲିମ୍ର ବ୍ୟବସ୍ଥା କରାଯିବ । ଏହି ତାଲିମ୍ରେ ସେମାନେ ସାଧାରଣ ସେବା ବ୍ୟବସ୍ଥା (Public Service) ବିଷୟରେ ଅବଗତ ରହିବେ ଏବଂ ଜୀବନ କୌଶଳ ଶିକ୍ଷା ବିଷୟରେ ଜାଣିବେ ।

**ଜୀବନ କୌଶଳ ଶିକ୍ଷା କହିଲେ କ'ଣ ବୁଝିବା ?**

ଭାନସିକ ତଥା ସାମାଜିକ ସ୍ତରୀୟ କଳା କୌଶଳକୁ ଜୀବନ କୌଶଳ ଶିକ୍ଷା କୁହାଯାଏ । ଏହାକୁ ମନୋ ସାମାଜିକ କୌଶଳ ବୋଲି **ମଧ୍ୟ କୁହାଯାଏ ସେଗୁଡ଼ିକ ହେଲା:-**

୧. ଆତ୍ମ ସଚେତନତା: ନିଜକୁ ଚିହ୍ନିବା ସହିତ ନିଜ ଚରିତ୍ର, ମନୋଭାବ, ସାମର୍ଥ୍ୟ ଓ ଦୁର୍ବଳତା, ଇଚ୍ଛା ଓ ଅନିଚ୍ଛା ସଂପର୍କରେ ନିଜେ ଅବଗତ ହେବା ।

୨. **ସମ ଅନୁଭୂତି:** ବ୍ୟକ୍ତି ମଧ୍ୟରେ ଏପରି କ୍ଷମତା ସୃଷ୍ଟି ହେବା ଆବଶ୍ୟକ ଯାହା ଅନ୍ୟ ଏକ ବ୍ୟକ୍ତିର ପରିବେଶ, ପରିସ୍ଥିତି, ତଥା ମନୋଭାବକୁ ନିଜ ଭିତରେ ଅନୁଭବ କରିବାରେ ସକ୍ଷମ ହୋଇଥାଏ । ଯାହାଦ୍ୱାରା ସାମାଜିକ ଆଦାନ ପ୍ରଦାନରେ ଉନ୍ନତି ଆଣିଥାଏ ।

୩. **ପାରସ୍ପରିକ ସଂପର୍କ**: ଏହା ଏପରି ଏକ କୌଶଳ ଯାହାକି ଅନ୍ୟମାନଙ୍କ ସହିତ ଆମର ସଂପର୍କକୁ ବୁଝିବା ପାଇଁ ସାହାଯ୍ୟ କରୁଛି । ଅନ୍ୟମାନଙ୍କ ସହିତ ଏକ ଅନୁକୂଳ ସହାବସ୍ଥାନ ଓ ରକ୍ଷା ପାଇଁ ମଧ୍ୟ ବିଶେଷ ସାହାଯ୍ୟ କରିଥାଏ ।

୪. ଯୋଗାଯୋଗ ଦକ୍ଷତା: ଏହି କୌଶଳ ଦ୍ୱାରା ଆମେ ଉଭୟ ଭାଷା ଓ ଭାବଭଙ୍ଗୀ ମାଧ୍ୟମରେ ଫଳପ୍ରଦ ସଂପର୍କ ସ୍ଥାପନ କରିପାରୁ ।

୫. **ନିଷ୍ପତ୍ତି ନିର୍ଦ୍ଧାରଣ:** ଏହି କୌଶଳ ପ୍ରୟୋଗ କରି ଆମେ ଆମ ଜୀବନରେ ଗଠନ ମୂଳକ ତଥା ଉପଯୁକ୍ତ ନିଷ୍ପତ୍ତି ନେବା ପାଇଁ ସକ୍ଷମ ହୋଇଥାଉ ।

୬. **ସମସ୍ୟା ସମାଧାନ**: ଏହି କୌଶଳ ଦ୍ୱାରା ଆମେ ଆମ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ଗଠନମୂଳକ ସମାଧାନ ପାଇବାରେ ସମର୍ଥ ହୋଇଥାଏ । ଏକ ସମସ୍ୟାକୁ ବିଭିନ୍ନ ଦିଗରୁ ବିଶ୍ଳେଷଣ କରି ଏହାର ଅନେକ ଦିଗକୁ ଖୋଜି ପାଇବା ପାଇଁ ତା' ମଧ୍ୟରୁ ସର୍ବୋତ୍କୃଷ୍ଟ ଏବଂ ପରିସ୍ଥିତି ଉପଯୋଗୀ ଦିଗଟିକୁ ନିର୍ଦ୍ଧାରଣ କରି ସମସ୍ୟାର ସମାଧାନ କରିପାରୁ ।

୭. **ସୃଜନାତ୍ମକ ଚିନ୍ତନ:** ସୃଜନଶୀଳ ଚିନ୍ତନର ଉଭୟ ସମସ୍ୟା ସମାଧାନ ଓ ନିଷ୍ପତ୍ତି ନିର୍ଦ୍ଧାରଣ କ୍ଷେତ୍ରରେ ବିଶେଷ ଅବଦାନ ରହିଛି ।

୮. **ଜଟିଳାତ୍ମକ ଚିନ୍ତନ:** ପ୍ରାପ୍ତ ସୂଚନା ଓ ତଥ୍ୟର ଉଦ୍ଦେଶ୍ୟ ସୂଚକ ବିଶ୍ଳେଷଣ ଏବଂ ଅନେକ ପୂର୍ବାନୁଭୂତିର ସଫଳ ପର୍ଯ୍ୟାଲୋଚନା କରିବାରେ ଏହି କୌଶଳ ସାହାଯ୍ୟ କରିଥାଏ । ଜଟିଳାତ୍ମକ ଚିନ୍ତନ ଏମ ସୁସ୍ଥ ମାନସିକ ଅବସ୍ଥା, ଅନୁକୂଳ ପାରିପାର୍ଶ୍ୱିକ ବାତାବରଣ ତଥା ଶାରିରୀକ ସୁସ୍ଥତା ସୃଷ୍ଟି କରିବାରେ ସହାୟକ ହୁଏ ।

୯. **ଆବେଗିକ ସହାବସ୍ଥାନ:** ଏହା ଏପରି ଏକ ଦକ୍ଷତା ଯାହା ଦ୍ୱାରା ଆମେ ଆମର ଏବଂ ଅନ୍ୟମାନଙ୍କର ଆବେଗ ଓ ଅନୁଭବକୁ ଉପଲବ୍ଧି କରିପାରୁ ।

୧୦. **ମାନସିକ ଚାପ ସମାଧାନ:** ଏହି କୌଶଳ ଆମକୁ ବିଭିନ୍ନ ମାନସିକ ଶାରିରୀକ ତଥା ଆବେଗିକ ଚାପର ପ୍ରତିକୂଳ ପ୍ରଭାବରୁ ମୁକ୍ତ କରିବାରେ ସାହାଯ୍ୟ କରିଥାଏ ।

- ତାଲିମ୍ ମାଧ୍ୟମରେ କିଶୋରୀମାନେ ଏହି ସବୁ ଦକ୍ଷତାର ପ୍ରୟୋଗ କରିବାରେ ସଫଳ ହୋଇପାରିବେ ।
- ଭବିଷ୍ୟତରେ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଅବଗତ ହୋଇ ନିଜକୁ ନିଜେ ପ୍ରଭାବଶାଳୀ ଦୃଢ଼ ଆତ୍ମ ବିଶ୍ୱାସର ସହ ସଶକ୍ତୀକରଣ କରିପାରିବେ ।

* ଆହୁରି ମଧ୍ୟ ଏହି ତାଲିମ୍ ବ୍ୟବସ୍ଥାରେ ସାଧାରଣ ସେବାଗୁଡ଼ିକ ବିଷୟରେ ତଥା ଡ଼ାକ୍ତରଖାନା, ଡ଼ାକଘର, ପୋଲିସ ଷ୍ଟେସନ ଓ ବ୍ୟାଙ୍କ ଇତ୍ୟାଦିରେ କିଭଳି ଓ କିପ୍ରକାର ସେବା ମିଳେ ସେମାନେ ଅବଗତ ହୋଇ ଉପଲବ୍ଧି କରିପାରିବେ ।
* ତାଲିମ୍ ମାଧ୍ୟମରେ କିଶୋରୀ ମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟଭିତ୍ତିକ ତଥ୍ୟ ଯୋଗାଇ ଦେଇଥାଆନ୍ତି ।

**ଏହି ଯୋଜନାରେ ଆଉ କି ପ୍ରକାର ସେବାଗୁଡ଼ିକ ମିଳିପାରିବ ?**

ଆମ ଦେଶରେ ୧୦ – ୧୯ ବର୍ଷର କିଶୋରୀମାନଙ୍କ ମଧ୍ୟରେ ୭୦% ରକ୍ତହୀନତାର ଶିକାର ହୁଅନ୍ତି । ତେଣୁ ବିଦ୍ୟାଳୟରୁ ଅଧାରୁ ପାଠ ଛାଡ଼ି ଦେଇଥିବା କିଶୋରୀ ଯେତେବେଳେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଅନ୍ୟାନ୍ୟ ସେବା ପାଇଁ ଆସିବ ଯେତେବେଳେ ତାକୁ ଆଇଏଫ୍ଏ ବଟିକା ବଣ୍ଟନ କରିବେ ଓ କିଶୋରୀ କାର୍ଡ଼ରେ ଲିପିବଦ୍ଧ କରି ରଖିବେ । ଏହି ବଟିକା ଅଙ୍ଗନୱାଡ଼ି କର୍ମୀଙ୍କ ପାଖରେ ରହିବ ।

**ସ୍ୱାସ୍ଥ୍ୟ ପରୀକ୍ଷା:** କିଶୋରୀମାନେ ସାଧାରଣତଃ ବିଭିନ୍ନ ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ପୁଷ୍ଟିଜନିତ ସମସ୍ୟା ସେମାନଙ୍କର ଶାରିରୀକ, ମାନସିକ ଓ ଆବେଗିକ ସମସ୍ୟାର ସମାଧାନ ପାଇଁ କିଶୋରୀ ଦିବସରେ ଏଏନ୍ଏମ୍ ଓ ଏଡ଼ବ୍ଲ୍ୟୁଡ଼ବ୍ଲ୍ୟୁ ବ୍ୟବସ୍ଥା କରିବେ ।

**ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥା:** ୧୧ – ୧୮ ବର୍ଷ ବୟସର କିଶୋରୀମାନଙ୍କୁ ୬୦୦ କ୍ୟାଲୋରୀ ଓ ୧୮–୨୦ ଗ୍ରାମ୍ ପୁଷ୍ଟିକର ଖାଦ୍ୟ ଯୋଗାଇବାର ବ୍ୟବସ୍ଥା ରହିଛି । ସେମାନେ ଖାଦ୍ୟ କେନ୍ଦ୍ରରେ ଖାଇପାରିବେ କିମ୍ବା (ଛଏଚଜ) ଘରକୁ ମଧ୍ୟ ନେଇପାରିବେ । ଏହି କାର୍ଯ୍ୟକ୍ରମରେ ସଖି ଅଙ୍ଗନୱାଡ଼ି କର୍ମୀଙ୍କୁ ସାହାଯ୍ୟ କରିବେ ।

**ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା:** କିଶୋରୀ ବୟସରଙ୍କ ପୁଷ୍ଟିକର ଖାଦ୍ୟର ଚାହିଦା ବଢ଼ିଥାଏ । କିଶୋରୀର ଶାରିରୀକ ବୃଦ୍ଧି ଦୃତ ଗତିରେ ହେଉଥିବାରୁ ଉପଯୁକ୍ତ ପରିମାଣର ପୁଷ୍ଟିକର ଖାଦ୍ୟ ସହ ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା ମଧ୍ୟ ଜରୁରୀ । ଖାଦ୍ୟ ରନ୍ଧନ, ଖାଦ୍ୟରେ ପୁଷ୍ଟି କିପରି ରକ୍ଷା ହୋଇପାରିବ, ଖାଦ୍ୟାଭାସ, ଖାଦ୍ୟାଭାବ ଜନିତ ରୋଗ ଓ ତା'ର ପ୍ରତିକାର, ପୁଷ୍ଟିର ଚାହିଦା ସଂପର୍କରେ ଶିକ୍ଷା ଦେବାର ବ୍ୟବସ୍ଥା ରହିଛି । ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା, କିଶୋରୀ ବୟସରେ ଶାରିରୀକ ତଥା ମାନସିକ ପରିବର୍ତ୍ତନ ଇତ୍ୟାଦି ଶିକ୍ଷା ଦିଆଯିବା ଆବଶ୍ୟକ ।

ଏହି କାର୍ଯ୍ୟକ୍ରମରେ କିଶୋରୀ ଓ ତା'ର ମା' ମଧ୍ୟ ଅଂଶ ଗ୍ରହଣ କରିବାର ଯୋଜନା ରହିଛି । ତା'ଦ୍ୱାରା ମା' କିଶୋରୀଟିର ଖାଦ୍ୟ ଓ ପୁଷ୍ଟିର ଯତ୍ନ ଠିକ୍ ଭାବରେ ନେଇପାରିବ ।

**ଧନ୍ଦାମୂଳକ ଶିକ୍ଷା:** ୧୬ ବର୍ଷରୁ ଉର୍ଦ୍ଧ୍ୱ କିଶୋରୀମାନଙ୍କ ପାଇଁ ଧନ୍ଦାମୂଳକ ତାଲିମ୍ର ବ୍ୟବସ୍ଥା ରହିଛି । ବିଦ୍ୟାଳୟରୁ ଅଧାରୁ ପାଠ ଛାଡ଼ି ଦେଇଥିବା କିଶୋରୀମାନଙ୍କୁ ତାଲିମ୍ ଦିଆଯିବାର ବ୍ୟବସ୍ଥା ରହିଛି । ଉକ୍ତ ତାଲିମ୍ ନେବାପରେ ସେମାନେ ନିଜେ ରୋଜଗାରକ୍ଷମ ହୋଇପାରିବେ ।

ଏହିସବୁ ସେବାଗୁଡ଼ିକ ଠିକ୍ ଠିକ୍ ମିଳୁଛି କି ନା ତା' ତଦାରଖ କରିବା ପାଇଁ ବିଭିନ୍ନ ସ୍ତରରେ କମିଟିମାନ ଗଠନ କରାଯିବାର ବ୍ୟବସ୍ଥା ରହିଛି । ରାଜ୍ୟସ୍ତରୀୟ, ଜିଲ୍ଲାସ୍ତରୀୟ, ବ୍ଲକ୍ସ୍ତରୀୟ ଓ ଗ୍ରାମସ୍ତରୀୟ କମିଟି । ଏହି କମିଟି ପ୍ରତି ମାସରେ ଥରେ ବସିବେ ଓ ସବଳା ଯୋଜନାର କାର୍ଯ୍ୟକ୍ରମ କିପରି ହେଉଛି, ଆଉ କି ପ୍ରକାର ବ୍ୟବସ୍ଥା କରାଯାଇପାରିବ ଇତ୍ୟାଦି ବିଷୟରେ ବିଶ୍ଳେଷଣ କରି ଯୋଜନାଟିକୁ ସଫଳ କରିବାରେ ପ୍ରୟାସ କରିବେ । ସିଡ଼ିପିଓ ବ୍ଲକ୍ ସ୍ତରରୁ ଏହି ଯୋଜନାର ସମ୍ପୂର୍ଣ୍ଣ ଦାୟିତ୍ୱ ତୁଲାଇବେ ।

# ସୁକନ୍ୟା ସମୃଦ୍ଧି ଯୋଜନା

- ସୁକନ୍ୟା ସମୃଦ୍ଧି ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୬-୧୭ ଆର୍ଥିକ ବର୍ଷରେ ଝିଅମାନଙ୍କ ପାଇଁ ଆରମ୍ଭ କରାଯାଇଛି। ୧୦ବର୍ଷ ବୟସରୁ କମ୍ ବୟସର ଝିଅମାନଙ୍କ ଉଚ୍ଚ ଶିକ୍ଷା ଏବଂ ବିବାହରେ ସହାୟତା କରିବା ପାଇଁ କେନ୍ଦ୍ର ସରକାରଙ୍କ ସୁକନ୍ୟା ସମୃଦ୍ଧି ଯୋଜନା ଏକ ଭଲ ନିବେଶ ଯୋଜନା ଅଟେ। ସେୟାର ବଜାର କମିଯିବା, ବ୍ୟାଙ୍କରେ ସ୍ଥାୟୀ ଜମା ସୁଧ କମିଯିବା ଇତ୍ୟାଦି ସମସ୍ୟାରୁ ମୁକ୍ତି ମିଳିପାରିବ। ୧ ଏପ୍ରିଲ ୨୦୧୮ଠାରୁ ଏଥିରେ ନିର୍ଦ୍ଦିଷ୍ଟଭାବେ ୮.୧ ପ୍ରତିଶତ ସୁଧ ମିଳିବ।
- ଶିଶୁ କନ୍ୟା ଜନ୍ମ ହେବା ପରେ ଏବଂ ୧୦ବର୍ଷ ପୂର୍ବରୁ ଅତି କମ୍‌ରେ ୧୦୦୦ଟଙ୍କାରେ ଜମା ଖାତା ଖୋଲାଯାଇପାରିବ। ଏହା କୌଣସି ପୋଷ୍ଟ ଅଫିସ୍ କିମ୍ବା କୌଣସି ବାଣିଜ୍ୟିକ ବ୍ୟାଙ୍କ ଶାଖାରେ ଖୋଲା ଯାଇପାରିବ ଏବଂ ଏକ ଆର୍ଥିକ ବର୍ଷରେ ସର୍ବୋଚ୍ଚ ୧.୫ଲକ୍ଷ ଟଙ୍କା ଜମା କରାଯାଇ ପାରିବ। ପ୍ରତିବର୍ଷ ଏଥିରେ ଆପଣ ଜମା କରିପାରିବେ। ଏହା ଝିଅକୁ ୨୧ବର୍ଷ ହେବା ପର୍ଯ୍ୟନ୍ତ କିମ୍ବା ୧୮ବର୍ଷ ପରେ ଏବଂ ୨୧ବର୍ଷ ପୂର୍ବରୁ ଝିଅର ବିବାହ ପର୍ଯ୍ୟନ୍ତ ଏହାକୁ ଜାରି ରଖିପାରିବେ।
- ଖାତା ଖୋଲିବାର ନିୟମ ହେଉଛି ଝିଅର ମାତା-ପିତା କିମ୍ବା ଆଇନଗତ ଅଭିଭାବକ ଝିଅ ନାମରେ ଖାତା ଖୋଲିପାରିବେ। ଜଣଙ୍କ ନାମରେ ଦୁଇ ଗୋଟି ଖାତା ଖୋଲାଯାଇପାରିବ ନାହିଁ। ଖାତା ଖୋଲିବା ସମୟରେ ଶିଶୁ କନ୍ୟାର ଜନ୍ମ ପ୍ରମାଣପତ୍ର ଏବଂ ମାତା-ପିତାଙ୍କ ପରିଚୟପତ୍ର ଓ ଠିକଣା ସଂପୃକ୍ତ ପୋଷ୍ଟ ଅଫିସ୍ କିମ୍ବା ବ୍ୟାଙ୍କରେ ଦାଖଲ କରିବାକୁ ହେବ।
- ଗୋଟିଏ ଆର୍ଥିକ ବର୍ଷରେ ଆପଣ ଏକାଧିକ ବାର ଟଙ୍କା ଜମା କରିପାରିବେ। ୧୦୦ର ଗୁଣିତକ ହିସାବରେ ଜମା କରିପାରିବେ। ମାତ୍ର ୧.୫ଲକ୍ଷରୁ ଅଧିକ ଟଙ୍କା ନୁହେଁ। ପ୍ରତିବର୍ଷ ଅତି କମ୍‌ରେ ସର୍ବନିମ୍ନ ୨୫୦ଟଙ୍କା ଜମା କରିବାକୁ ହେବ। ଖାତା ଡ଼ରମାଟ୍ ହେଲେ ୫୦ଟଙ୍କା ଜରିମାନା ଦେଇ ଖାତାକୁ ପୁନଃ ପ୍ରଚଳନ କରାଯାଇ ପାରିବ। ଏହି ଖାତାରେ ଆପଣ କ୍ୟାସ୍, ଚେକ୍ କିମ୍ବା ଡ୍ରାଫ୍ଟ ଆକାରରେ ଟଙ୍କା ଜମା କରିପାରିବେ।
- ଝିଅକୁ ୧୮ବର୍ଷ ପୂରିଲା ପରେ ଝିଅର ଉଚ୍ଚ ଶିକ୍ଷା ପାଇଁ ଆପଣ ଏଥିରୁ ୫୦% ଅର୍ଥ ଉଠାଇପାରିବେ।
- ଯଦି ଖାତା ଧାରକଙ୍କର ମୃତ୍ୟୁ ହୋଇଯାଏ ତେବେ ମୃତ ପ୍ରମାଣପତ୍ର ଦାଖଲ କରି ଖାତାକୁ ବନ୍ଦ କରାଯାଇ ପାରିବ। ତା'ପରେ ସୁଧ ସହିତ ମୂଳ ଟଙ୍କା ଅଭିଭାବକଙ୍କୁ ମିଳିପାରିବ।
- ପାଞ୍ଚବର୍ଷ ମଧ୍ୟ ଖାତାକୁ ବନ୍ଦ କରାଯାଇ ପାରିବ, ଯଦି ଖାତା ଧାରକ ଦୂରାରୋଗରେ ପୀଡ଼ିତ ହୁଅନ୍ତି ଏବଂ ଖାତା ବନ୍ଦ ପାଇଁ ସମ୍ମତି ପ୍ରକାଶ କରନ୍ତି। ତେବେ କେବଳ ସଞ୍ଚୟ ଆକାଉଣ୍ଟର ସାଧାରଣ ସୁଧ ଭାବେ ମିଳିବ। ଏହି ଖାତାକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇ ପାରିବ।

# ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ୨୦୧୫ ମସିହା ଫେବୃଆରୀ ୨୮ତାରିଖ ଦିନ ବାର୍ଷିକ ବଜେଟ୍ ୨୦୧୫-୧୬ରେ ଦେଶର ବିତ୍ତ ମନ୍ତ୍ରୀ ଘୋଷଣା କରିଥିଲେ। ସବୁଠୁଁ କମ୍ ପ୍ରିମିୟମ୍‌ରେ ମିଳୁଥିବା ଏକ ବୀମା ପଲିସ୍ ଅଟେ। ଭାରତରେ ଅନେକ ଲୋକଙ୍କର କୌଣସି ପ୍ରକାର ଜୀବନ ବୀମା ପଲିସ ନାହିଁ। ତେଣୁ ଜୀବନ ବୀମାରେ ସେମାନଙ୍କୁ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଆରମ୍ଭ କରାଯାଇଛି।

**ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା କ'ଣ ?**

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏକ ପ୍ରକାର ଦୁର୍ଘଟଣା ବୀମା ପଲିସି। ଦୁର୍ଘଟଣାରେ ମୃତ୍ୟୁ କିମ୍ବା ଅପଙ୍ଗ ହେଲେ ବୀମା ରାଶି ଦାବି କରାଯାଇପାରିବ। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏକ ବର୍ଷ ପାଇଁ ବଳବତ୍ତର ରହିବ। ପ୍ରତି ଏକ ବର୍ଷରେ ଥରେ ନବୀକରଣ କରାଯିବ। ଏହି ଯୋଜନାରେ ୧୮ରୁ ୭୦ବର୍ଷ ବୟସ ମଧ୍ୟରେ ଲୋକେ ସାମିଲ ହୋଇପାରିବେ। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ସାମିଲ ହେଲା ପରେ ପ୍ରତିବର୍ଷ ହିତାଧିକାରୀଙ୍କୁ ୧୨ଟଙ୍କା ପ୍ରିମିୟମ୍ ଦେବାକୁ ହୋଇଥାଏ।

**ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ପାଇଁ ଯୋଗ୍ୟତା:**

- ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ପାଇଁ ୧୮ରୁ ୭୦ବର୍ଷ ବୟସ ଭିତରେ ଲୋକମାନେ ଲାଭ ଉଠାଇପାରିବେ;
- ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ସାମିଲ ହେବା ପାଇଁ ଆଧାର କାର୍ଡ଼ ଜରୁରୀ;
- ଯଦି କୌଣସି ଉପଭୋକ୍ତାଙ୍କର ଏକାଧିକ ସଞ୍ଚୟ ବ୍ୟାଙ୍କ ଜମାଖାତା ଥାଏ, ତେବେ ସେ କୌଣସି ବି ଗୋଟିଏ ସଞ୍ଚୟ ଜମାଖାତା ଜରିଆରେ ଏଥିରେ ସାମିଲ ହୋଇପାରିବେ।

**ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାର ପ୍ରିମିୟମ:**

ପ୍ରତିବର୍ଷ ୧୨ଟଙ୍କା ମାତ୍ର ମଇମାସ ୩୧ ତାରିଖ ପୂର୍ବରୁ ଦାଖଲ ହେବ।

**ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଦ୍ୱାରା ସହାୟତା:**

- ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧିନରେ ମୃତ୍ୟୁ କିମ୍ବା ସଂପୂର୍ଣ୍ଣ ବିକଳାଙ୍ଗ କ୍ଷେତ୍ରରେ ୨ଲକ୍ଷ ଟଙ୍କା; ଏବଂ
- ଆଂଶିକ ବିକଳାଙ୍ଗ କ୍ଷେତ୍ରରେ ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ।
- ବ୍ୟାଙ୍କ ଦରଖାସ୍ତ ଫର୍ମ କିମ୍ବା ଅନ୍‌ଲାଇନ୍‌ରେ ଦାବି କରାଯାଇ ପାରିବ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ।

ଏମିତି ନୁହେଁ ଯେ ଦେଶରେ ପ୍ରଥମ ଥର ପାଇଁ ଫସଲ ବୀମା ଯୋଜନା ଆରମ୍ଭ କରାଯାଇଛି । ଆଗରୁ ମଧ୍ୟ ଫସଲ ବୀମା ପାଇଁ ଅନେକ ଯୋଜନା ହୋଇଛି । କିନ୍ତୁ ସେହିସବୁ ଯୋନାଗୁଡ଼ିକ ଫଳବତୀ ହୋଇପାରିନାହିଁ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାଟି ପୁରୁଣା ଦୁଇଟି ଯୋଜନାର ଅନୁଭୂତିକୁ ନେଇ ପ୍ରସ୍ତୁତ କରାଯାଇଛି । ଦେଶରେ ଫସଲ ବୀମା ଯୋଜନା ନୂଆ ନୁହେଁ, ବରଂ ଏହାକୁ ୪୬ବର୍ଷ ଆଗରୁ ଆରମ୍ଭ କରାଯାଇଥିଲା । ପ୍ରଥମ ଫସଲ ବୀମା ଯୋଜନା ୧୯୭୨-୭୩ରୁ ନେଇ ୧୯୭୮-୭୯ ପର୍ଯ୍ୟନ୍ତ ଲାଗୁ ହୋଇଥିଲା । ସେ ସମୟରେ କପା, ଆଳୁ ଓ ଚିନାବାଦାମ ଭଳି ଫସଲଗୁଡ଼ିକୁ ବୀମା ତାଲିକାରେ ନିଆଯାଇଥିଲା ।

ଏହାପରେ ୧୯୭୯ରୁ ୧୯୮୪-୮୫ ପର୍ଯ୍ୟନ୍ତ କେତେକ ମନୋନୀତ ରାଜ୍ୟରେ ଖାଦ୍ୟଶସ୍ୟ ଓ ତୈଳବୀଜ ପାଇଁ ପ୍ରାୟୋଗିକ ଭାବରେ ଫସଲ ବୀମା ଯୋଜନା ଆରମ୍ଭ କରାଯାଇଥିଲା । ଏହି ଯୋଜନାର ଆଧାରରେ ୧୯୮୫ରୁ ୧୯୯୯ ପର୍ଯ୍ୟନ୍ତ ବିସ୍ତୃତ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ୧୯୯୯ ମସିହାରେ ତତ୍‌କାଳୀନ ସରକାର ରାଷ୍ଟ୍ରୀୟ କୃଷି ବୀମା ଯୋଜନାର ଆରମ୍ଭ କଲେ, ଯାହା ୨୦୧୦ ପର୍ଯ୍ୟନ୍ତ ଚାଲିଥିଲା । ୨୦୧୦ରେ ରାଷ୍ଟ୍ରୀୟ କୃଷି ବୀମା ଯୋଜନାକୁ ସଂଶୋଧିତ କରାଗଲା । ସଂଶୋଧିତ ଯୋଜନା ୨୦୧୩ ପର୍ଯ୍ୟନ୍ତ ଚାଲିଲା । କିନ୍ତୁ ଏଥିରେ ମାତ୍ର ଶତକଡ଼ା ୨୩ଭାଗ କୃଷକ ସାମିଲ୍ ହୋଇପାରିଥିଲେ ।

**ଯୋଜନାର ଉଦ୍ଦେଶ୍ୟ:**
ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କୃଷି କ୍ଷେତ୍ରରେ ସ୍ଥାୟୀ ଉତ୍ପାଦନକୁ ସମର୍ଥନ କରେ; ଫସଲ ହାନୀ ହେଲେ କୃଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା; କୃଷକଙ୍କ ଆୟରେ ସ୍ଥିରତା ବଜାୟ ରଖିବା; ନୂଆ ଓ ଆଧୁନିକ ପ୍ରଣାଳୀରେ ଚାଷ କରିବା ପାଇଁ କୃଷକମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ କୃଷି କ୍ଷେତ୍ର ପାଇଁ କୃଷି ଋଣ ପ୍ରବାହକୁ ସୁନିଶ୍ଚିତ କରିବା, ଯାହାଫଳରେ କୃଷିର ବିବିଧକରଣ ହେବ ଓ କୃଷି ଉତ୍ପାଦନ ବୃଦ୍ଧି ପାଇବ ।

**ପ୍ରଧାନ ବୈଶିଷ୍ଟ୍ୟ:**
- ଯେଉଁ କୃଷକମାନେ ଫସଲ ପାଇଁ ଋଣ ନେବେ, ଭାଗ ଚାଷୀ ଏବଂ ଋଣ ନନେଇ ମଧ୍ୟ କୃଷକମାନେ ଫସଲ ବୀମା ଯୋଜନା କରିପାରିବେ ।
- ଏହି ଯୋଜନାରେ ଖାଦ୍ୟଶସ୍ୟ, ମିଲେଟ୍, ଡ଼ାଲିଜାତୀୟ, ତୈଳବୀଜ, ବାଣିଜ୍ୟିକ ଫସଲ ଓ ଉଦ୍ୟାନ କୃଷି ଫସଲଗୁଡ଼ିକ ସାମିଲ୍ ହୋଇପାରିବ ।
- ବର୍ତ୍ତମାନ ଫସଲ ବୀମା ଯୋଜନାରେ କୃଷକ ଯେତିକି ପ୍ରମିୟମ୍ ଦେବେ ସେହି ତୁଳନାରେ ସରକାର କୃଷକଙ୍କ ଖାତାରେ ୫ ଗୁଣ ପ୍ରିମିୟମ ଜମା କରାଇବେ ।
- ଏହି ଯୋଜନାରେ ଫସଲ ହାନୀ ହେଲେ ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରାଯିବ ।

- ଫସଲ ପାଇଁ ଜମି ପ୍ରସ୍ତୁତି ସମୟରୁ ଅମଳ ଶେଷ ପର୍ଯ୍ୟନ୍ତ ଯଦି କୌଣସି କ୍ଷତି ହୁଏ, ତେବେ ପ୍ରଭାବିତ ସମୟରେ ତୁରନ୍ତ ୨୫ପ୍ରତିଶତ କ୍ଷତିପୂରଣ କୃଷକଙ୍କ ଜମାଖାତାରେ ଜମା କରିଦିଆଯିବ ।
- ଫସଲ କଟାଯାଇଛି ଏବଂ ବିଲରେ ପଡ଼ି ରହିଛି ଯଦି ୧୪ଦିନ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲ ନଷ୍ଟ ହେଲା ତେବେ, ବୀମା ରାଶି ପ୍ରଦାନ କରାଯିବାର ବନ୍ଦୋବସ୍ତ ହେବ ।

# ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା

କୃଷି ଏବଂ ତତ୍‌ସମ୍ବନ୍ଧୀୟ କ୍ଷେତ୍ରର ବିକାଶକୁ ସୁନିଶ୍ଚିତ କରିବା ପାଇଁ କୃଷି ଜଳବାୟୁ, ପ୍ରାକୃତିକ ସମ୍ପଦ ଆଦିକୁ ଆଖି ଆଗରେ ରଖି ଗହନ କୃଷିକୁ ଆଗେଇ ନେବା ପାଇଁ ରାଜ୍ୟଗୁଡ଼ିକୁ ଅତିରିକ୍ତ କେନ୍ଦ୍ରୀୟ ସହାୟତା ରୂପେ ଭାରତ ସରକାରଙ୍କ ଦ୍ୱାରା ୨୦୦୭-୦୮ ବର୍ଷରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଆରମ୍ଭ କରାଯାଇଥିଲା।

ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାର ଉଦ୍ଦେଶ୍ୟ:

୧. ରାଜ୍ୟଗୁଡ଼ିକୁ ସହାୟତା କରିବା ଯାହାଫଳରେ କୃଷି ଏବଂ ତତ୍‌ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକରେ ସାର୍ବଜନିକ ନିବେଶକୁ ଆଗେଇ ନେଇହେବ;

୨. କୃଷି ଜଳବାୟୁ ସ୍ଥିତି, ପ୍ରାକୃତିକ ସମ୍ବଳର ଉପଲବ୍ଧତା ଆଧାରରେ ଜିଲ୍ଲା ଏବଂ ରାଜ୍ୟରେ କୃଷି ଯୋଜନା ପ୍ରସ୍ତୁତିକୁ ସୁନିଶ୍ଚିତ କରିବା;

୩. ସ୍ଥାନୀୟ ଆବଶ୍ୟକତା/ଫସଲ/ପ୍ରାଥମିକତାକୁ ରାଜ୍ୟ କୃଷି ଯୋଜନାରେ ଠିକ୍ ପ୍ରକାର ପ୍ରଦର୍ଶିତ କରିବା;

୪. କେନ୍ଦ୍ରୀୟ କାର୍ଯ୍ୟକଳାପ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଫସଲଗୁଡ଼ିକର ଉତ୍ପାଦନ ଅନ୍ତରକୁ କମ୍ କରିବା ଲକ୍ଷ୍ୟକୁ ପ୍ରାପ୍ତ କରିବା ପାଇଁ କୃଷି ଏବଂ ତତ୍‌ସମ୍ବନ୍ଧୀୟ କ୍ଷେତ୍ରରେ କୃଷକମାନଙ୍କୁ ଅଧିକରୁ ଅଧିକ ଲାଭ ପ୍ରଦାନ କରିବା;

୫. କୃଷି ଏବଂ ତତ୍‌ସମ୍ବନ୍ଧୀୟ କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକୁ ସମାଧାନ କରି ଉତ୍ପାଦନ ଏବଂ ଉତ୍ପାଦିକା ଶକ୍ତିରେ ପରିବର୍ତ୍ତନ ଆଣିବା।

**ଆୟୋଜନ ଏବଂ କାର୍ଯ୍ୟାନ୍ୱୟନ:**

ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ କୃଷି ବିଭାଗ ନୋଡ଼ାଲ ବିଭାଗ ରୂପେ କାର୍ଯ୍ୟ କରିବ। ପ୍ରଶାସନିକ ସୁବିଧା ତଥା କାର୍ଯ୍ୟାନ୍ୱୟନକୁ ସରଳ କରିବା ପାଇଁ ଏକ ବିଶେଷ ଯୋଜନା ପ୍ରସ୍ତୁତ କରିପାରିବେ, ଏହା ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାର କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବ।

ମୁଖ୍ୟ ଶସ୍ୟ ଯଥା ଧାନ, ଗହମ, ମିଲେଟ୍ ତଥା ତୈଳବୀଜର ସମନ୍ୱିତ ବିକାଶ। କୃଷକଙ୍କୁ ପ୍ରମାଣିତ ବିହନର ଉପଲବ୍ଧତା, ପ୍ରଜନକ ବିହନର ଉତ୍ପାଦନ, ସାର୍ବଜନିକ କ୍ଷେତ୍ର ବିହନ ନିଗମରେ ବିହନ ଖରିଦ୍, ପ୍ରମାଣିତ ବିହନର ଉତ୍ପାଦନ, ବିହନ ଉପଚାର, ପ୍ରଦର୍ଶନ ସ୍ଥଳରେ ବିହନ ପ୍ରଦର୍ଶନ, କୃଷକମାନଙ୍କୁ ତାଲିମ୍ ପ୍ରଦାନ ଆଦି କାର୍ଯ୍ୟକ୍ରମକୁ ସହାୟତା ପ୍ରଦାନ। ଅନ୍ୟ ଫସଲ ଯାହା ରାଜ୍ୟ ପାଇଁ ଗୁରୁତ୍ୱ ବହନ କରୁଛି, ସେପରି ଫସଲର ବିକାଶ ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯିବ। କୃଷି ପାଇଁ ଉନ୍ନତ କୃଷି ଉପକରଣର ସହାୟତା କରାଯିବ। କୃଷି ଯନ୍ତ୍ରପାତି ପାଇଁ ମଧ୍ୟ ବ୍ୟକ୍ତିଗତ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯିବ। କୃଷକଙ୍କୁ ସ୍ୱାସ୍ଥ୍ୟ କାର୍ଡ଼ ବିତରଣ ଏବଂ ଜୈବିକ କୃଷି ପାଇଁ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ସହାୟତା ମଧ୍ୟ ପ୍ରଦାନ କରାଯିବ।

# କାଳିଆ ଯୋଜନା

କୃଷକମାନଙ୍କୁ ସହାୟତା ଏବଂ ରୋଜଗାର ବୃଦ୍ଧି ପାଇଁ ରାଜ୍ୟ ସରକାର କୃଷକମାନଙ୍କ ପାଇଁ ଏକ ନୂତନ ଯୋଜନା କାର୍ଯ୍ୟକାରୀ କରିଛନ୍ତି ଯାହାର ନାମ ହେଉଛି 'କାଳିଆ ଯୋଜନା'। ଏହି ଯୋଜନାରେ କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକମାନଙ୍କୁ ସହାୟତା ପ୍ରଦାନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚାଷ କରିବା ପାଇଁ କ୍ଷୁଦ୍ର ଚାଷୀ ଏବଂ ନାମମାତ୍ର ଚାଷୀମାନଙ୍କୁ ବାର୍ଷିକ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏଥି ମଧ୍ୟରୁ ୫ହଜାର ଟଙ୍କା ଖରିପ ଓ ୫ହଜାର ଟଙ୍କା ରବି ଫସଲ ପାଇଁ ଉଦ୍ଦିଷ୍ଟ। ଏହି ଟଙ୍କାକୁ ଚାଷୀ ବିହନ, ସାର ଓ କୀଟ ନାଶକ କିଣିବା ପାଇଁ ବ୍ୟବହାର କରିପାରିବେ। ଚାଷର ଅନ୍ୟାନ୍ୟ ଆବଶ୍ୟକତା ପାଇଁ ମଧ୍ୟ ଚାଷୀ ଏହି ଟଙ୍କାକୁ ବିନିଯୋଗ କରିପାରିବେ। ଏହି ସୁବିଧା ୫୦ପ୍ରତିଶତ ଭୂମିହୀନ କୃଷି ଶ୍ରମିକ ଓ ୫୦ପ୍ରତିଶତ କ୍ଷୁଦ୍ର ଚାଷୀ ଓ ନାମମାତ୍ର ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ।

ସେହିପରି ଭୂମିହୀନ, ବାସହୀନ ଶ୍ରମିକଙ୍କ ଜୀବନ ଜୀବିକା ଲାଗି ସହାୟତା ଯେପରିକି କ୍ଷୁଦ୍ର ଛେଳି ପାଳନ, କ୍ଷୁଦ୍ର କୁକୁଡ଼ା ପାଳନ, କ୍ଷୁଦ୍ର ଗାଈ ପାଳନ, ପକ୍ଷୀ ଚାଷ, ମତ୍ସ୍ୟଜୀବୀଙ୍କ ପାଇଁ ମାଛଧରା ଜିନିଷ ଏବଂ ମହୁ ଚାଷୀଙ୍କୁ ପ୍ରୋତ୍ସାହନ କରିବା ପାଇଁ ସରକାର ସହାୟତା ପ୍ରଦାନ କରିବେ। ଭୂମିହୀନ, ବାସହୀନ ପରିବାର ଯେକୌଣସି ଗୋଟିଏ ପ୍ରକଳ୍ପ ପାଇଁ ସରକାରଙ୍କ ନିକଟରୁ ୧୨ହଜାର ୫ଶହ ଟଙ୍କାର ସହାୟତା ପାଇପାରିବେ। ଏଥିପାଇଁ ଆବଶ୍ୟକ ପ୍ରଶିକ୍ଷଣ ମଧ୍ୟ ସରକାର ଯୋଗାଇ ଦେବେ।

**କାଳିଆ ଯୋଜନା ପାଇଁ ଯୋଗ୍ୟତା:**

- ଆପଣ ରାଜ୍ୟର ମୂଳ ଅଧିବାସୀ ହୋଇଥିବା ଆବଶ୍ୟକ;
- ଠିକଣା ପ୍ରମାଣପତ୍ର
- ପରିଚୟ ପ୍ରମାଣପତ୍ର
- ଚାଷ ଜମିର କାଗଜପତ୍ର
- ବ୍ୟାଙ୍କ ପାସ୍‌ବୁକ୍
- ଆୟ ପ୍ରମାଣପତ୍ର
- ବାସସ୍ଥାନ ପ୍ରମାଣପତ୍ର

**କାଳିଆ ଯୋଜନା ଦ୍ୱାରା ଲାଭ:**

- ଯୋଜନା ଅଧିନରେ ଆର୍ଥିକ ସହାୟତା ପ୍ରଦାନ କରାଯିବ
- ଏହି ଯୋଜନା ଦ୍ୱାରା କୃଷକମାନଙ୍କର ଆତ୍ମବିଶ୍ୱାସ ବଢ଼ିବ
- ଏହା କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକମାନଙ୍କ ଦାରିଦ୍ର୍ୟ ସ୍ଥିତିରେ ସୁଧାର ଆଣିବ
- ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ସମ୍ଭାବନା ସୃଷ୍ଟି କରିବ

**କାଳିଆ ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟ:**

- ଏହି ପ୍ରକଳ୍ପର ମୋଟ ଖର୍ଚ୍ଚ ପରିମାଣ ୧୦ହଜାର କୋଟି
- କାଳିଆ ଯୋଜନାରେ ୫ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରାଯିବ

- କାଳିଆ ଯୋଜନାରେ ରାଜ୍ୟର ପ୍ରାୟ ୯୨ ପ୍ରତିଶତ କୃଷକ ସାମିଲ୍ ହେବେ
- କୃଷକମାନଙ୍କୁ ଆର୍ଥିକ ସହାୟତା ସିଧାସଳଖ ବ୍ୟାଙ୍କ ପାସ୍‌ବୁକ୍‌ରେ ଜମା କରାଯିବ
- ଋଣ ଛାଡ଼ ଯୋଜନା ଠାରୁ ଏହା ଆହୁରି ଭଲ ଯୋଜନା
- ଏହି ଯୋଜନା ଆଗାମୀ ରବି ସିଜିନ୍ (୨୦୧୯ ମସିହା ଫେବୃଆରୀ କିମ୍ବା ମାର୍ଚ୍ଚ ମାସରେ) ଲାଗୁ ହେବ।

**କାଳିଆ ଯୋଜନା ଅଧିନରେ ଆର୍ଥିକ ସହାୟତାର ବିବରଣୀ:**

ଓଡ଼ିଶା ରାଜ୍ୟର କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକମାନଙ୍କୁ ୫ ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରାଯିବ, **ସେଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା:-**

ଚାଷ ପାଇଁ ସହାୟତା: ରବି ଓ ଖରିପ ଫସଲ ପାଇଁ ପରିବାର ପିଛା ୧୦ହଜାର ଟଙ୍କାର ଆର୍ଥିକ ସହାୟତା।

ଜୀବିକା ପାଇଁ ସହାୟତା: ଭୂମିହୀନ କୃଷି ପରିବାରଙ୍କ ଜୀବିକା ଉପାର୍ଜନ ପାଇଁ ୧୨୫୦୦/- ଟଙ୍କାରୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ **ସହାୟତା।**

ଆର୍ଥିକ ସହାୟତା: ବାର୍ଷିକ ୧୦,୦୦୦/- ଟଙ୍କା ଆର୍ଥିକ ସହାୟତା।

**ଜୀବନ ବୀମା:** ୨ଲକ୍ଷ ଟଙ୍କାର ଜୀବନ ବୀମା ଏବଂ ବ୍ୟକ୍ତିଗତ ଦୁର୍ଘଟଣା ପାଇଁ ଅତିରିକ୍ତ ୨ଲକ୍ଷରୁ ୫୭ଲକ୍ଷ ଟଙ୍କାର ସହାୟତା।

ବିନା ସୁଧରେ ଫସଲ ଋଣ: ସମସ୍ତ ଫସଲ ପାଇଁ ବିନା ସୁଧରେ ୫୦ହଜାର ଟଙ୍କାର ଋଣ।

# ପ୍ରାକ୍ – ମାଟ୍ରିକ ଛାତ୍ର ବୃତ୍ତି ଯୋଜନା

**(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ)**

ଯୋଜନାର ଉଦ୍ଦେଶ୍ୟ:

ମାଟ୍ରିକ ପୂର୍ବ ବୃତ୍ତି ଯୋଜନା ଗରିବ ପରିବାରର ପ୍ରତ୍ୟେକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ର-ଛାତ୍ରୀମାନଙ୍କୁ ପ୍ରଦାନ କରାଯାଇଥାଏ। ଯେଉଁ ପରିବାରର ବାର୍ଷିକ ରୋଜଗାର ଅନ୍ୟୁନ ଏକଲକ୍ଷ ଟଙ୍କାରୁ କମ୍/ଆୟକର ଦାତା ପରିବାର ନୁହଁନ୍ତି, ସେହି ପିଲାମାନଙ୍କୁ ଏହା ମିଳି ପାରିବ। ଏହା ଷଷ୍ଠରୁ ଦଶମ ଶ୍ରେଣୀର ସମସ୍ତ ପୁଅ ବା ଝିଅଙ୍କ ପାଇଁ ଉଦ୍ଦିଷ୍ଟ। ଦିବାଧାୟୀ ଓ ଅନ୍ତେବାସୀ ଛାତ୍ରଛାତୀଙ୍କ ପାଇଁ ଅଲଗା ଅଲଗା ବୃତ୍ତି ବ୍ୟବସ୍ଥା କରାଯାଇଛି।

**ହିତାଧିକାରୀଙ୍କ ଯୋଗ୍ୟତା:** ଯେଉଁ ପରିବାରର ବାର୍ଷିକ ରୋଜଗାର ଅନ୍ୟୁନ ଏକଲକ୍ଷ ଟଙ୍କାରୁ କମ୍/ଆୟକରଦାତା ପରିବାର ନୁହଁନ୍ତି, ସେହି ପିଲାମାନଙ୍କୁ ଏହା ମିଳି ପାରିବ। ଏହା ଷଷ୍ଠରୁ ଦଶମ ଶ୍ରେଣୀର ସମସ୍ତ ପୁଅ ବା ଝିଅଙ୍କ ପାଇଁ ଉଦ୍ଦିଷ୍ଟ।

**ଆବେଦନ ପ୍ରଣାଳୀ:** ଶିକ୍ଷାନୁଷ୍ଠାନ ମାଧ୍ୟମରେ।

**ଚିହ୍ନଟ ପ୍ରକ୍ରିୟା:** ବାର୍ଷିକ ଆୟର ପ୍ରମାଣପତ୍ର ଦେଖିସାରିବା ପରେ।

**ଛାତ୍ରବୃତ୍ତିର ପରିମାଣ:**

| **ବିଷୟ** | ଛାତ୍ର | | ଛାତ୍ରୀ | |
|---|---|---|---|---|
| | ଦିବାଧାୟୀ (ଛାତ୍ରାବାସରେ ନରହି ଘରୁ ଯିବା ଆସିବା କରି ପାଠ ପଢୁଥିବା ଛାତ୍ର) | ଅନ୍ତେବାସୀ (ହଷ୍ଟେଲ/ଛାତ୍ରାବାସରେ ରହି ପାଠ ପଢୁଥିବା ଛାତ୍ର) | ଦିବାଧାୟୀ (ଛାତ୍ରାବାସରେ ନରହି ଘରୁ ଯିବା ଆସିବା କରି ପାଠ ପଢୁଥିବା ଛାତ୍ରୀ) | ଅନ୍ତେବାସୀ (ହଷ୍ଟେଲ/ଛାତ୍ରାବାସରେ ରହି ପାଠ ପଢୁଥିବା ଛାତ୍ରୀ) |
| ବହିପତ୍ର ଓ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ପାଇଁ ଅନୁଦାନ (ବର୍ଷକୁ ଥରେ) | ଟ.୭୫୦.୦୦ | ଟ.୧୦୦୦.୦୦ | ଟ.୭୫୦.୦୦ | ଟ.୧୦୦୦.୦୦ |
| ମାସିକ ଛାତ୍ରବୃତ୍ତି (ବର୍ଷକୁ ୧୦ମାସ ପାଇଁ) | ଟ.୧୫୦.୦୦ | ଟ.୬୨୦.୦୦ | ଟ.୨୪୫.୦୦ | ଟ.୬୫୦.୦୦ |
| ସମୁଦାୟ ବାର୍ଷିକ | ୨,୨୫୦/- | ୭,୨୦୦/- | ୩,୨୦୦/- | ୭,୫୦୦/- |

- ଛାତ୍ରବୃତ୍ତି ପାଇଁ ନିର୍ଦ୍ଧାରିତ ଫର୍ମରେ ଗୋଟିଏ ଦରଖାସ୍ତ ପୂରଣ କରିବେ ଏବଂ ପ୍ରଧାନ ଶିକ୍ଷକଙ୍କ ପାଖରେ ଜମା କରିବେ ।
- ଏହି ନିର୍ଦ୍ଧାରିତ ଫର୍ମଟି ଛାତ୍ରଛାତ୍ରୀମାନେ ନିଜ ବିଦ୍ୟାଳୟରୁ ପାଇପାରିବେ ।
- ଇହିପତ୍ର ଓ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ପାଇଁ ବାର୍ଷିକ ଅନୁଦାନ ସିଧାସଳଖ ଭାବରେ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଜମାଖାତାରେ ଜମା ହେବ ।
- ମାସିକ ଛାତ୍ରବୃତ୍ତି ଦିବାଧାୟୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସିଧାସଳଖ ତାଙ୍କର ବ୍ୟାଙ୍କ ଜମାଖାତାରେ ଜମା ହେବ ଏବଂ ଅନ୍ତେବାସୀଙ୍କ କ୍ଷେତ୍ରରେ ତାଙ୍କର ଛାତ୍ରାବାସ ବ୍ୟାଙ୍କ ଜମାଖାତାରେ ଜମା ହେବ ।
- ତେଣୁ ଛାତ୍ରଛାତ୍ରୀମାନେ କୋର୍ ବ୍ୟାଙ୍କିଙ୍ଗ/ଅନ୍‌ଲାଇନ ବ୍ୟାଙ୍କିଙ୍ଗ ସୁବିଧା ଥିବା ଯେକୌଣସି ବ୍ୟାଙ୍କରେ ଜମାଖାତା ଖୋଲିବେ ।

**ସାହାଯ୍ୟକାରୀ ଅଧିକାରୀ:**

ଜିଲ୍ଲା ମଙ୍ଗଳ ଅଧିକାରୀ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ବିଭାଗ, ଓଡ଼ିଶା ସରକାର ।

**ଅଭିଯୋଗ ପ୍ରକ୍ରିୟା:**

ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ ।

**ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକା:**

- ଗରିବ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଙ୍କ ମଧ୍ୟରେ ଶିକ୍ଷାର ଆବଶ୍ୟକତା ଓ ଯୋଜନା ବିଷୟରେ ସଚେତନ ସୃଷ୍ଟି କରିବା ।
- ଶିକ୍ଷା ଅନୁଷ୍ଠାନ ମାଧ୍ୟମରେ ପ୍ରକୃତ ହିତାଧିକାରୀ କିପରି ନିୟମିତ ବୃତ୍ତି ପାଉଛନ୍ତି କି ନାହିଁ ତଦାରଖ କରି ସୁନିଶ୍ଚିତ କରାଇବା ।

# ମାଟ୍ରିକ-ପର ଛାତ୍ରବୃତ୍ତି ଯୋଜନା

(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ)(ପ୍ରେରଣା)

**ଯୋଜନାର ଉଦ୍ଦେଶ୍ୟ:**

ଉଚ୍ଚତର ଶିକ୍ଷା ସମସ୍ତ ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି ଦରିଦ୍ର ପରିବାରଙ୍କ ନିକଟରେ ଉପଲବ୍ଧ କରାଇବା ।

**ହିତାଧିକାରୀଙ୍କ ଯୋଗ୍ୟତା:**

କ) ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନେ ଓଡ଼ିଶାର ସ୍ଥାୟୀ ଅଧିବାସୀ ହୋଇଥିବେ ।

ଖ) ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର) ରୁ ଅଧିକ ହୋଇନଥିବ ।

ଗ) ଅନ୍ୟାନ୍ୟ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୧,୦.୦୦୦/- (ଏକ ଲକ୍ଷ)ରୁ ଅଧିକ ହୋଇନଥିବ ଏବଂ ପୂର୍ବ ପରୀକ୍ଷାରେ ଅତି କମ୍‌ରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ ।

ଘ) ସେ ସରକାରୀ/ସରକାରୀ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ ଜେନେରାଲ/ଟେକ୍ନିକାଲ/ପ୍ରଫେସନାଲ ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ ।

ଙ) ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୧,୦.୦୦୦/- (ଏକ ଲକ୍ଷ)ରୁ ଅଧିକ ହୋଇନଥିବ ଓ ସେ କେବଳ ସରକାରୀ ଅନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ଅଧ୍ୟୟନ କରୁଥିଲେ ମାଟ୍ରିକପର ଛାତ୍ରବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ ।

ଚ) ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ମାଟ୍ରିକପର ଛାତ୍ରବୃତ୍ତି (ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀଙ୍କୁ ବାଦଦେଇ) କେବଳ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଜୁଯ୍ୟ ।

ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନରତ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆର୍ଥିକ ସହାୟତା ପାଇବା ପାଇଁ ଯୋଗ୍ୟତା ।

କ) ସେ କେବଳ ଜନଜାତି ବର୍ଗର ଛାତ୍ରଛାତ୍ରୀ ହୋଇଥିବେ;

ଖ) ସମସ୍ତ ସୂତ୍ରରୁ ତାଙ୍କ ପରିବାରର ବାର୍ଷିକ ଆୟ ଟ.୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର) ରୁ ଅଧିକ ହୋଇନଥିବ;

ଗ) ସେ ଓଡ଼ିଶାର ଅଧିବାସୀ ହୋଇଥିବେ;

ଘ) ଆର୍ଥିକ ସହାୟତା ଯୋଜନାରେ ଆବେଦନ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ସହାୟତା ରାଶି ପ୍ରଥମେ ମାଟ୍ରିକପର ଛାତ୍ରବୃତ୍ତି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଛାତ୍ରବୃତ୍ତି ଆକାରରେ ପ୍ରଦାନ କରାଯିବ ।

**ଆବଶ୍ୟକ ନଥିପତ୍ର:**

- ଜାତିଗତ ପ୍ରମାଣପତ୍ର
- ଆୟ ପ୍ରମାଣପତ୍ର
- ମାଟ୍ରିକ ସାର୍ଟିଫିକେଟ
- ଆଧାର କାର୍ଡ଼

* ବ୍ୟାଙ୍କ ଜମାଖାତାର ପ୍ରଥମ ପୃଷ୍ଠାର ନକଲ ଆକାଉଣ୍ଟ ନମ୍ବର ଏବଂ ବ୍ୟାଙ୍କ ଶାଖାର ଆଇଏଫ୍‌ସି କୋଡ୍ ।

**ଆବେଦନ ପ୍ରଣାଳୀ:** ଶିକ୍ଷାନୁଷ୍ଠାନ ମାଧ୍ୟମରେ ।

**ଚିହ୍ନଟ ପ୍ରକ୍ରିୟା:** ବାର୍ଷିକ ଆୟର ପ୍ରମାଣପତ୍ର ଦେଖିସାରିବା ପରେ ।

**ସାହାଯ୍ୟର ପରିମାଣ:**

* ସ୍ନାତକ ଏବଂ ସ୍ନାତକୋତ୍ତର (ଏମ୍‌ଫିଲ୍/ପିଏଚ୍‌ଡ଼ି/ମେଡ଼ିକାଲ/ଇଞ୍ଜିନିୟରିଂ/ବୈଷୟିକ/କୃଷି ଓ ଅନ୍ୟାନ୍ୟ କୋର୍ସ)ର ହଷ୍ଟେଲ ଛାତ୍ର-ଛାତ୍ରୀଙ୍କୁ ୧୨୦୦ଟଙ୍କା ଓ ଦିବାଧାୟୀ ଛାତ୍ର-ଛାତ୍ରୀଙ୍କୁ ୫୦୦ଟଙ୍କା ପ୍ରଦାନ କରାଯାଏ ।
* ଅନ୍ୟାନ୍ୟ ଯାନ୍ତ୍ରିକ ଓ ବୃତ୍ତିଗତ କୋର୍ସ (ସ୍ନାତକ/ଓ ସ୍ନାତକୋତ୍ତର ଯେଉଁଗୁଡ଼ିକ ଉପର ଲିଖିତରେ ଯାଉନାହିଁ, ଯଥା: ସି.ଏ/ଆଇସିଡ଼ବ୍ଲ୍ୟୁଏ/ସି.ଏସ୍. ଇତ୍ୟାଦି ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଡ଼ିପ୍ଲୋମା ସାର୍ଟିଫିକେଟ୍ କୋର୍ସ)ର ସମସ୍ତ ହଷ୍ଟେଲ ଛାତ୍ର-ଛାତ୍ରୀମାନଙ୍କୁ ୧୨୦୦ଟଙ୍କା ଓ ଦିବାଧାୟୀ ଛାତ୍ର-ଛାତ୍ରୀମାନଙ୍କୁ ୫୦୦ଟଙ୍କା ପ୍ରଦାନ କରାଯାଏ ।
* ଅନ୍ୟାନ୍ୟ ସ୍ନାତକ ବା ତା'ଉପରକୁ ଡ଼ିଗ୍ରୀ ଯାହା ଉପର ଦୁଇ ଗ୍ରେଡ଼୍‌ରେ ଯାଇନାହିଁ, ସେହି ହଷ୍ଟେଲ ଛାତ୍ର-ଛାତ୍ରୀଙ୍କୁ ୧୨୦୦ଟଙ୍କା ଓ ଦିବାଧାୟୀ ଛାତ୍ର-ଛାତ୍ରୀମାନଙ୍କୁ ୫୦୦ଟଙ୍କା ପ୍ରଦାନ କରାଯାଏ ।
* ଏକାଦଶ ଓ ଦ୍ୱାଦଶ (୧୦+୨) ଆଇଟିଆଇ/ଧନ୍ଦାମୂଳକ ଶିକ୍ଷା (ନିମ୍ନତମ ଯୋଗ୍ୟତା ମାଟ୍ରିକ)ର ହଷ୍ଟେଲ ଛାତ୍ର-ଛାତ୍ରୀଙ୍କୁ ୧୨୦୦ଟଙ୍କା ଓ ଦିବାଧାୟୀ ଛାତ୍ର-ଛାତ୍ରୀମାନଙ୍କୁ ୫୦୦ଟଙ୍କା ପ୍ରଦାନ କରାଯାଏ ।

**ସାହାଯ୍ୟକାରୀ ଅଧିକାରୀ:**

ଜିଲ୍ଲା ମଙ୍ଗଳ ଅଧିକାରୀ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ବିଭାଗ, ଓଡ଼ିଶା ସରକାର ।

**ଅଭିଯୋଗ ପ୍ରକ୍ରିୟା:**

ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ ।

**ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକା:**

* ଗରିବ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଙ୍କ ମଧ୍ୟରେ ଶିକ୍ଷାର ଆବଶ୍ୟକତା ଓ ଯୋଜନା ବିଷୟରେ ସଚେତନ ସୃଷ୍ଟି କରିବା ।
* ଶିକ୍ଷା ଅନୁଷ୍ଠାନ ମାଧ୍ୟମରେ ପ୍ରକୃତ ହିତାଧିକାରୀ କିପରି ନିୟମିତ ବୃତ୍ତି ପାଉଛନ୍ତି କି ନାହିଁ ତଦାରଖ କରି ସୁନିଶ୍ଚିତ କରାଇବା ।

# ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ଇ.ବି.ସି)ଛାତ୍ରଛାତ୍ରୀମାନଙ୍କ ମାଟ୍ରିକ ପରବର୍ତ୍ତୀ ଶିକ୍ଷା ନିମନ୍ତେ ଡ଼. ଆମ୍ବେଦକର ଛାତ୍ରବୃତ୍ତି

**ଉଦ୍ଦେଶ୍ୟ:** ଏହି ଯୋଜନାରେ ଲକ୍ଷ୍ୟ ହେଉଛି ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କୁ ମାଟ୍ରିକ ପରବର୍ତ୍ତୀ ଉଚ୍ଚ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦେବା ।

**ଛାତ୍ରବୃତ୍ତିର ପରିସର:** ଏହି ଛାତ୍ରବୃତ୍ତି ଭାରତରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ପୃକ୍ତ ରାଜ୍ୟ ବା କେନ୍ଦ୍ର ଶାସିତ ସରକାରଙ୍କ ମାଧ୍ୟମରେ ସେହି ଅଞ୍ଚଳର ସ୍ଥାୟୀ ବାସିନ୍ଦା ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯିବ ।

**ଯୋଗ୍ୟତା:**

କ) ଛାତ୍ରଛାତ୍ରୀ ସାଧାରଣ ବର୍ଗର ହୋଇଥିବା ଆବଶ୍ୟକ । (ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି / ଅନ୍ୟାନ୍ୟ ପଛୁଆ ବର୍ଗ ଅନ୍ତର୍ଗତ ହୋଇନଥିବେ ।)

ଖ) ଚାକିରୀ କରିଥିବା ଛାତ୍ରଛାତ୍ରୀମାନଙ୍କର ଆୟ କିମ୍ବା ଚାକିରି କରିନଥିବା ଛାତ୍ରଛାତ୍ରୀମାନଙ୍କ ପିତାମାତା କିମ୍ବା ଅଭିଭାବକମାନଙ୍କର ବାର୍ଷିକ ଆୟ ଏକ ଲକ୍ଷରର ଅଧିକ ହୋଇନଥିବ ।

ଗ) ଛାତ୍ରବୃତ୍ତି କେବଳ ସରକାରୀ ଅନୁଷ୍ଠାନରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯିବ ।

**ଆବଶ୍ୟକ ଦସ୍ତାବିଜ:**

କ. ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱପ୍ରମାଣିତ ହୋଇ, ପିତାମାତାଙ୍କ ଦସ୍ତଖତ ହୋଇଥିବା ଜାତିଗତ ପ୍ରମାଣପତ୍ର ।

ଖ. ସମର୍ଥ ଅଧିକାରୀଙ୍କଠାରୁ ପ୍ରାପ୍ତ ଆୟ ପ୍ରମାଣପତ୍ର ।

ଗ. ମାଟ୍ରିକ ପାସ ପ୍ରମାଣ ପତ୍ରର ନକଲ ।

ଘ. ବ୍ୟାଙ୍କ ପାସବୁକ୍‌ର ପ୍ରଥମ ପୃଷ୍ଠାର ନକଲ ।

ଡ଼. ଆଧାର କାର୍ଡ଼ର ନକଲ ।

ଚ. ବାସସ୍ଥାନର ପ୍ରମାଣପତ୍ର ।

ଛ. ପାସପୋର୍ଟ ସାଇଜ ଫଟୋ ।

ଯୋଗ୍ୟ ଆର୍ଥିକ କ୍ଷେତ୍ରରେ ଅନଗ୍ରସର (ଇ.ବି.ସି.) ଛାତ୍ରଛାତ୍ରୀମାନେ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ନିମନ୍ତେ ଅନ୍‌ଲାଇନ୍‌ରେ website http://mpsc.mp.nic.in/scholarships ରେ ଆବେଦନ କରିପାରିବେ ଏବଂ ଦରଖାସ୍ତ ସହିତ ଅନ୍ୟ ଦସ୍ତାବିଜ ସଂପୃକ୍ତ ଅନୁଷ୍ଠାନରେ ଦାଖଲ କରିବେ ।

ଅନ୍‌ଲାଇନ୍ ଦରଖାସ୍ତ ଦାଖଲରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସମ୍ପୃକ୍ତ ଡ଼ି.ଡ଼ବ୍ଲ୍ୟୁ.ଓ. କିମ୍ବା —Email Id Prerana.grievance@gmail.comରେ ଯୋଗାଯୋଗ କରାଯାଇପାରେ ।

ଦରଖାସ୍ତ ପଞ୍ଜିକରଣ ଓ ନବୀକରଣ:

ରାଜ୍ୟରେ ପଢୁଥିବା ଛାତ୍ରଛାତ୍ରୀମାନେ ପ୍ରେରଣା ପୋର୍ଟାଲରେ ନୂତନ ଦରଖାସ୍ତ ପଞ୍ଜିକରଣ ଓ ଦରଖାସ୍ତ ନବୀକରଣ କରିପାରିବେ;

ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନ୍‌ଲାଇନ୍ ପଂଞ୍ଜିକୃତ ଦରଖାସ୍ତର ନକଲ ସ୍ୱାକ୍ଷର କଲାପରେ ଅନୁଷ୍ଠାନରେ ଦାଖଲ କରିବାକୁ ହେବ;

ଅନୁଷ୍ଠାନମାନଙ୍କ ଦ୍ୱାରା ଅନ୍‌ଲାଇନ୍ ନୂତନ ଦରଖାସ୍ତ ଏବଂ ଦରଖାସ୍ତ ନବୀକରଣ ଦରଖାସ୍ତଗୁଡ଼ିକ ଯାଞ୍ଚ ପରେ ଦରଖାସ୍ତଗୁଡ଼ିକୁ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପ୍ରେରଣ କରାଯିବ;

ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ନୂତନ ଦରଖାସ୍ତ ଏବଂ ନବୀକରଣ ଦରଖାସ୍ତଗୁଡ଼ିକର ଅନ୍‌ଲାଇନ୍ ମଞ୍ଜୁରି କରାଯିବ; ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନରେ ନୂତନ ଦରଖାସ୍ତ ଏବଂ ନବୀକରଣ ପାଇଁ ପ୍ରେରଣା ୱେବସାଇଟ୍‌ରୁ ଦରଖାସ୍ତ ଫର୍ମ ପ୍ରେରଣା ପୋର୍ଟାଲ ହୋମ୍ ପେଜ୍‌ରେ ଥିବା ଡ଼ାଉନ୍‌ଲୋଡ଼ ଅପ୍‌ସନ୍‌ରୁ ପାଇପାରିବେ;

ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ଦରଖାସ୍ତଗୁଡ଼ିକ ଶିକ୍ଷାନୁଷ୍ଠାନମାନଙ୍କ ଦ୍ୱାରା ଯାଞ୍ଚ ତଥା ସୁପାରିସ୍ ପରେ ନୂତନ ଦରଖାସ୍ତ ଏବଂ ନବୀକରଣ ଦରଖାସ୍ତଗୁଡ଼ିକ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କୁ ପଠାଯିବ;

ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ନୂତନ ଦରଖାସ୍ତ ଏବଂ ନବୀକରଣ ଦରଖାସ୍ତଗୁଡ଼ିକ ପ୍ରେରଣା ପୋର୍ଟାଲରେ ପଞ୍ଜୀକରଣ ଓ ମଞ୍ଜୁରୀ ପ୍ରଦାନ କରାଯିବ।

**Registered Office:**
National Association of Man for Mankind (NAMM)
Chirulei,Mahimagadi,Dhenkanal,Odisha,Pin: 759014
Email:nammindia@gmail.com,Website:www.nammindia.co.in

**Project Office**
At/Po: Nadiabhanga
Dist: Jajpur,Odisha
Pin: 755026